

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୫ ନଭେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 15 November 2024

Vol.No. 35 ■ No.303 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପୁଣି ଅଶାନ୍ତ ହେଲାଣି ମଣିପୁର



ନୂଆଦିଲ୍ଲୀ, ୧୪/୧୧ : ଆଦିବାସୀ ଓ ଅଣଆଦିବାସୀଙ୍କ ସଂଘର୍ଷ ଯୋଗୁ ପୁଣିଥରେ ଅଶାନ୍ତ ହୋଇ ଉଠିଛି ମଣିପୁର। ଏଥିପାଇଁ ୬ ପୁଲିସ୍ ଷ୍ଟେସନରେ ଥିବା ୫ ଜିଲ୍ଲାରେ ଆର୍ମଡ ଫୋର୍ସ ସ୍ପେଶାଲ ପାୱାର ଆକ୍ଟ ଲାଗୁ କରାଯାଇଛି। ଏହାର ଅର୍ଥ ଆଫସା ଲାଗୁ ହୋଇଥିବା ସ୍ଥାନରେ ସୁରକ୍ଷାକର୍ମୀ ସର୍ବୋଚ୍ଚ କ୍ଷମତାର ଅଧିକାରୀ ହୋଇଛନ୍ତି। ସେମାନେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ନିଜ ଇଚ୍ଛା ଅନୁସାରେ କଟକଣା ଲଗାଇ ପାରିବେ। ସେହିପରି ସ୍ୱତନ୍ତ୍ର ଅପରେସନ କରି ବିନା ୱାରେଣ୍ଟରେ ଗିରଫଦାରୀ ମଧ କରିପାରିବେ। ହିଂସା ଯୋଗୁ ଅଧିକ ପ୍ରଭାବିତ ହୋଇଥିବା ଜିରିବାମ ସମେତ ୫ ଜିଲ୍ଲାରେ ଆଫସା ଲାଗୁ ହୋଇଥିବା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ବିଜ୍ଞପ୍ତି ଅନୁସାରେ, ମଣିପୁରର ପଶ୍ଚିମ ଇମ୍ଫାଲ, ପୂର୍ବ ଇମ୍ଫାଲ, ଜିରିବାମ, କାଙ୍ଗପୋକପାଇ ଓ ବିଷ୍ଣୁପୁର ଅଞ୍ଚଳରେ ଆଫସା ଲାଗୁ କରାଯାଇଛି। ଅକ୍ଟୋବର ୧ରେ କେନ୍ଦ୍ର ସରକାର ଜାରି କରିଥିବା ବିଜ୍ଞପ୍ତିରେ ଏହି ଅଞ୍ଚଳଗୁଡ଼ିକୁ ୬ ମାସ ଯାଏ ଆଫସାରୁ ମୁକ୍ତ ରଖିଥିଲେ। ସେଠାରେ ସ୍ଥିତି ସ୍ୱାଭାବିକ ହେବାରୁ ଏପରି ପଦକ୍ଷେପ ନିଆଯାଇଥିଲା। ମୋଟ ଉପରେ ମଣିପୁରର ୧୯ଟି ପୁଲିସ୍ ଷ୍ଟେସନ ଅଧୀନରେ ଥିବା ଅଞ୍ଚଳକୁ ଆଫସା ବାହାରେ ରଖାଯାଇଥିଲା। ନିକଟରେ ମଣିପୁରର ଜିରିବାମରେ ସୁରକ୍ଷାକର୍ମୀ ଓ ଉଗ୍ରବାଦୀ ମୁହାଁମୁହିଁ ହୋଇଥିଲେ। ଏଥିରେ ୧୧ ଜଣ କୁକି ସଂପ୍ରଦାୟର ସନ୍ଦିଗ୍ଧ ଉଗ୍ରବାଦୀ ନିହତ ହୋଇଥିଲେ। ଉଗ୍ରବାଦୀମାନେ ସ୍ଥାନୀୟ ପୁଲିସ୍ ଷ୍ଟେସନ ଉପରେ ଆକ୍ରମଣ କରିବାରୁ ଏହାର ଜବାବ ସୁରକ୍ଷାକର୍ମୀମାନେ ଦେଇଥିଲେ। ଦିନକ ପରେ ସମାନ ଅଞ୍ଚଳରୁ ୩ ମହିଳା ଓ ୩ ଶିଶୁଙ୍କ ସହ ୬ ଜଣଙ୍କୁ ଅପହରଣ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨ ଜଣ ବରିଷ୍ଠ ନାଗରିକଙ୍କୁ ଜବୀନ୍ତ ନିଆଁ ଲଗାଇ ପୋଡ଼ି ଦିଆଯାଇଥିଲା। ଏହାକୁ ନେଇ ପ୍ରବଳ ଉତ୍ତେଜନା ଦେଖିବାକୁ ମିଳିଥିଲା। ଏଥିପାଇଁ ପ୍ରଶାସନ ପକ୍ଷରୁ ଜିରିବାମରେ କର୍ଫ୍ୟୁ ଲାଗୁ କରାଯାଇଥିଲା। ଏସବୁ ଭିତରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଦୁଇ ସଂପ୍ରଦାୟର ଲୋକମାନେ ମୁହାଁମୁହିଁ ହେଉଥିବା ଦେଖିବାକୁ ମିଳିଥିଲା। କିଛି ସ୍ଥାନରେ ସୁରକ୍ଷାକର୍ମୀ ମଧ ଆକ୍ରମଣର ଶିକାର ହୋଇଥିଲେ। ଏହାକୁ ଦୃଷ୍ଟିରେ ରଖି ଆଫସା ଲାଗୁ କରାଯାଇଛି। ୨୦୨୩ ମେ' ମାସରୁ ଦୁଇ ଗୋଷ୍ଠୀର ସଂଘର୍ଷ ଯୋଗୁ ମଣିପୁରରେ ହିଂସା ଦେଖିବାକୁ ମିଳୁଛି। ଏଥିଯୋଗୁ ୨୩୭ ଜଣଙ୍କ ଜୀବନ ଯାଇଥିବା ବେଳେ ୬୦ ହଜାରରୁ ଅଧିକ ଲୋକ ବିସ୍ଥାପିତ ହୋଇଛନ୍ତି। ତେବେ କିଛି ଦିନ ପୂର୍ବରୁ ସ୍ଥିତିରେ ସୁଧାର ଆସିଥିଲା। ଏବେ ପୁଣି ମଣିପୁର ଅଶାନ୍ତ ହୋଇ ଉଠିଛି।

## ଫେବୃଆରୀ ୨୧ରୁ ମାଟ୍ରିକ ପରୀକ୍ଷା



କଟକ, ୧୪/୧୧ (ନି.ପ୍ର): ଆସନ୍ତା ଫେବ୍ରୁଆରୀ ୨୧ ତାରିଖରୁ ଆରମ୍ଭ ହେବ ମାଟ୍ରିକ ପରୀକ୍ଷା। ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ। ଆଜି ମାଟ୍ରିକ ପରୀକ୍ଷା ପାଇଁ ସଂପୂର୍ଣ୍ଣ କାର୍ଯ୍ୟସୂଚୀ ପ୍ରକାଶ କରିଛି ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍ଇ)। ୨୧ ତାରିଖରେ ପ୍ରଥମ ଭାଷା ଓଡ଼ିଆ ପରୀକ୍ଷା ହେବ। ୨୪ ତାରିଖରେ ଦ୍ୱିତୀୟ ଭାଷା ଇଂରାଜୀ ପରୀକ୍ଷା ହେବ। ୨୭ରେ ଗଣିତ ଓ ମାର୍ଚ୍ଚ ୧ରେ ବିଜ୍ଞାନ ପରୀକ୍ଷା ହେବ। ମାର୍ଚ୍ଚ ୩ରେ ସାମାଜିକ ବିଜ୍ଞାନ ଓ ୬ରେ ତୃତୀୟ ଭାଷା ହିନ୍ଦୀ/ ସଂସ୍କୃତ ପରୀକ୍ଷା ହେବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କୁହାଯାଇଛି। ସକାଳ ୯ଟାରୁ ଦିନ ସାଢ଼େ ୧୧ଟା ପର୍ଯ୍ୟନ୍ତ ଚାଲିବ ପରୀକ୍ଷା। ଗଣିତ ପରୀକ୍ଷା ପାଇଁ ଅଧିକ ୧୫ ମିନିଟ ସମୟ ଦିଆଯିବ। ସେହିଦିନ ପରୀକ୍ଷା ସରିବ ୧୧ଟା ୪୫ରେ। ମାଟ୍ରିକ୍ ପରୀକ୍ଷା ପାଇଁ ଗତ ୩ ତାରିଖରୁ ଆରମ୍ଭ ହୋଇଛି ଫର୍ମ ଫିଲପ୍। ନଭେମ୍ବର ୧୮ରେ ଫର୍ମ ପୂରଣ ସରିବା ପରେ ପରୀକ୍ଷାର୍ଥୀଙ୍କ ସଂଖ୍ୟା ସ୍ପଷ୍ଟ ହେବ। ଞଖଠ ଓ ଭୋକେସନାଲ୍ ଟ୍ରେଡ୍ ବ୍ୟତୀତ ଅନ୍ୟ ସମସ୍ତ ବିଷୟରେ ୫୦ ମାର୍କର ସବଜେକ୍ଟିଭ୍ ଓ ୫୦ ମାର୍କର ଅବଜେକ୍ଟିଭ୍ ପ୍ରଶ୍ନ ଆସିବ। ଅବଜେକ୍ଟିଭ ଗଉଛର ଉତ୍ତର ଙଗଜ ସିଟ୍ରେ ଏବଂ ସବଜେକ୍ଟିଭ୍ ପ୍ରଶ୍ନର ଉତ୍ତର ପ୍ରଶ୍ନ ସଂଲଗ୍ନ ଉତ୍ତର ଖାତାରେ ଦେବାକୁ ହେବ। ଗତବର୍ଷ ଫର୍ମାଟରେ ପରୀକ୍ଷା ଦେବେ ଛାତ୍ରଛାତ୍ରୀ। ଗତବର୍ଷ ମାଟ୍ରିକ୍ ପରୀକ୍ଷାରେ କପି ରୋକିବାକୁ ବୋର୍ଡ ପକ୍ଷରୁ ପ୍ରଥମ ଥର ପାଇଁ ଆର୍ଟିଫିସିଆଲ୍ ଇଣ୍ଟଲିଜେନ୍ସ ବ୍ୟବହାର ହୋଇଥିଲା। ତମାମ୍ ସତର୍କତା ସତ୍ତ୍ୱେ ଆସିଥିଲା ପ୍ରଶ୍ନପତ୍ର ଭାଇରାଲ୍ ଅଭିଯୋଗ। ତେଣୁ ଏଥର ବି ତ୍ରୁଟିଶୂନ୍ୟ ପରୀକ୍ଷା ଓ ପ୍ରଶ୍ନପତ୍ର ଲିକ୍ ରୋକିବା ବୋର୍ଡ ପାଇଁ ବଡ଼ ଚ୍ୟାଲେଞ୍ଜ ରହିବ।

## ଘୋଷଣା ହେଲା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର





ଭୁବନେଶ୍ୱର, ୧୪/୧୧ (ନି.ପ୍ର): ଘୋଷଣା ହେଲା ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର। ଏକାଥରକେ ୨୦୨୦, ୨୦୨୧ ଓ ୨୦୨୨ ମସିହା ପାଇଁ ଘୋଷଣା ହୋଇଛି ଏହି ପୁରସ୍କାର। ଏଥିସହ ଜୀବନ ବ୍ୟାପୀ ସାଧନା ପାଇଁ ସର୍ବୋଚ୍ଚ ପୁରସ୍କାର 'ମୋହନ ସୁନ୍ଦର ଦେବ ଗୋଗୋମୀ' ବିଜେତାଙ୍କ ନାଁ ମଧ ଘୋଷଣା କରାଯାଇଛି। ଉଚ୍ଚଶିକ୍ଷା, କ୍ରିଡ଼ା, ଯୁବ ବ୍ୟାପାର, ଓଡ଼ିଆ ଭାଷା ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ଘୋଷଣା କରିଛନ୍ତି। ୨୦୨୦ ମସିହା ପାଇଁ ବିଶିଷ୍ଟ ଲେଖକ ତଥା ନାଟ୍ୟକାର ଅନନ୍ତ ମହାପାତ୍ର ଜୀବନବ୍ୟାପୀ ସାଧନା ପାଇଁ ପାଇବେ 'ମୋହନ ସ୍ୱାମୀ ଗୋସ୍ୱାମୀ ପୁରସ୍କାର'। ୨୦୨୦ ମସିହା ପାଇଁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ବିଶ୍ୱନାଥ ପଟ୍ଟନାୟକଙ୍କ ଫିଲ୍ମ 'ସହିଦ୍ ରଘୁ ସର୍ଦ୍ଦାର'କୁ ମନୋନିତ କରାଯାଇଛି। ଠିକ୍ ସେହିପରି ଶ୍ରେଷ୍ଠ ନିର୍ଦ୍ଦେଶକ ରାକେଶ ସାମଲ (ରୋମିଓ ରାଜା), ଶ୍ରେଷ୍ଠ ମୁଖ୍ୟ ଅଭିନେତା ଭାବେ ଦେବାଶିଷ ପାତ୍ର(ସହିଦ ରଘୁ ସର୍ଦ୍ଦାର) ଓ ଅମ୍ଲାନ ଦାସ(ରୋମିଓ ରାଜା); ଶ୍ରେଷ୍ଠ ଅଭିନେତ୍ରୀ ଭାବେ କାବ୍ୟାକିରଣ ଶୁକ୍ଳା(ସହିଦ୍ ରଘୁ ସର୍ଦ୍ଦାର), ଶ୍ରେଷ୍ଠ କାହାଣୀକାର ଡକ୍ଟର ବିଶ୍ୱନାଥ ପଟ୍ଟନାୟକ (ସହିଦ୍ ରଘୁ ସର୍ଦ୍ଦାର), ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ (ବାଳକୃଷ୍ଣ ଦାଶ ସମ୍ମାନ) ବୈଦ୍ୟନାଥ ଦାସ(ରୋମିଓ ରାଜା), ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ ସରୋଜ କୁମାର(ରୋମିଓ ରାଜା),

▶▶ପୃଷ୍ଠା ୭

## ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା : ମଧ୍ୟାହ୍ନ ଭୋଜନ ମୂଲ୍ୟ ୧ ଟଙ୍କା ବଢ଼ିବ



ଭୁବନେଶ୍ୱର, ୧୪/୧୧ (ନି.ପ୍ର): ରାଜ୍ୟ ସରକାର ସ୍କୁଲପିଲାଙ୍କ ମଧ୍ୟାହ୍ନଭୋଜନ ଖର୍ଚ୍ଚକୁ ପ୍ରତି ପିଲା ପିଛା ଦୈନିକ ଏକ ଟଙ୍କା ବୃଦ୍ଧି କରିଛନ୍ତି । ଆଉ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ହଷ୍ଟେଲରେ ରହୁଥିବା ଛାତ୍ରଛାତ୍ରୀଙ୍କ ମାସିକ ୨ହଜାର ଟଙ୍କା ଖର୍ଚ୍ଚକୁ ମଧ ସମ୍ପୂର୍ଣ୍ଣ ଛାଡ଼ କରିଛନ୍ତି । ଏଣିକି ପିଲାମାନେ ଆଦର୍ଶ ସ୍କୁଲ ହଷ୍ଟେଲରେ ମାଗଣାରେ ରହିପାରିବେ ଓ ରାଜ୍ୟ ସରକାର ସେମାନଙ୍କ ହଷ୍ଟେଲ ଖର୍ଚ୍ଚ ବହନ କରିବେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟସ୍ତରୀୟ ଶିଶୁ ଦିବସ ସମାରୋହରେ ଯୋଗ ଦେଇ ଏହି ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ

▶▶ପୃଷ୍ଠା ୭

## ଭିଜିଲାନ୍ସ ଜାଲରେ ଭାଗବତ: କାମ କରିଦେବାକୁ ଲାଞ୍ଚ ମାଗି ଫସିଗଲେ

ଭଦ୍ରକ, ୧୪/୧୧ (ନି.ପ୍ର): ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଭଦ୍ରକ ଜିଲ୍ଲା ଗଦି ରାଜସ୍ୱ ନିରୀକ୍ଷକ ବା ଆରଆଇ ଭାଗବତ ଖଟୁଆ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରିଛନ୍ତି ଭିଜିଲାନ୍ସ ଅଧିକାରୀ। ବିଜୟ ମଲ୍ଲିକ ନାମକ ଜଣେ ବ୍ୟକ୍ତି ନିଜ ଜମିର କିସମ ପରିବର୍ତ୍ତନ କରିବାକୁ ଚାହୁଁଥିଲେ। ଏନେଇ ସେ ଆରଆଇ ଭାଗବତ ଖଟୁଆଙ୍କୁ ଭେଟିଥିଲେ। ଜମିର କିସମ ପରିବର୍ତ୍ତନ କରି ଦେବା ପାଇଁ ଆରଆଇ ଶ୍ରୀ ଖଟୁଆ ରାଜି ହୋଇଥିଲେ। ହେଲେ ଏଥିପାଇଁ ସେ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ବିଜୟ ମଲ୍ଲିକ ଲାଞ୍ଚ ନଦେଇ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଭିଜିଲାନ୍ସ ପକ୍ଷରୁ କରାଯାଇଥିବା ଯୋଜନା ପ୍ରକାରେ ଆଜି ବିଜୟ ମଲ୍ଲିକ ଆରଆଇ ଭାଗବତ ଖଟୁଆଙ୍କୁ ୫ ହଜାର ଟଙ୍କା ଦେଇଥିଲେ। ଶ୍ରୀ ଖଟୁଆ ଲାଞ୍ଚ ଅର୍ଥ ଗ୍ରହଣ କରିବା ପରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ।

▶▶ପୃଷ୍ଠା ୭

## ପୋଖରୀରେ ବୁଡ଼ି ଚାଲିଗଲା ୨ ଭାଇଙ୍କ ଜୀବନ

ଢେଙ୍କାନାଳ , ୧୪/୧୧ (ନି.ପ୍ର):ପୋଖରୀରେ ବୁଡ଼ି ଚାଲିଗଲା ୨ ସଂପର୍କୀୟ ଭାଇଙ୍କ ଜୀବନ। ଏପରି ଦୁଃଖଦ ଘଟଣା ଘଟିଛି ଢେଙ୍କାନାଳ ଜିଲ୍ଲା ଏକତାଳି ଗାଁରେ। ଜଣଙ୍କ ବୟସ ୭ବର୍ଷ ହୋଇଥିବା ବେଳେ ଅନ୍ୟ ଜଣଙ୍କୁ ୮ବର୍ଷ ହୋଇଥିଲା ବୋଲି ଜଣାଯାଇଛି। ଆଜି ବଡ଼ ଓଷା ଥିବାରୁ ମନ୍ଦିର ଯିବା ପାଇଁ ୨ ସଂପର୍କୀୟ ଭାଇ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ଅସାବଧାନ କାରଣରୁ ଉଭୟଙ୍କ ଗୋଡ଼ ଖସି ଯାଇଥିଲା। ଉଭୟ ପାଣିରେ ବୁଡ଼ି ଯାଇଥିଲେ। ବିଳମ୍ବିତ ସମୟ ପର୍ଯ୍ୟନ୍ତ ଉଭୟ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ, ହେଲେ ପାଇ ନଥିଲେ। ପରେ ଉଭୟଙ୍କୁ ଗାଁ ପୋଖରୀରୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ବିଳମ୍ବିତ ସମୟ ପର୍ଯ୍ୟନ୍ତ ଉଭୟ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ, ହେଲେ ପାଇ ନଥିଲେ। ପରେ ଉଭୟଙ୍କୁ ଗାଁ ପୋଖରୀରୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଉଭୟଙ୍କ ମୃତ୍ୟୁ ପରେ ପରିବାରରେ ଶୋକର ଛାୟା ଖେଳିଯାଇଛି।

## ସାଇକେଲରେ ଯାଉଥିଲେ ଦମ୍ପତି: ଚଢ଼ିଗଲା ଟ୍ରକ୍

ବାସୁଦେବପୁର, ୧୪/୧୧ (ନି.ପ୍ର): ସାଇକେଲରେ ଯାଉଥିଲେ ଏକ ଦମ୍ପତି। ପଛପଟୁ ଧକ୍କା ଦେଇ ସେମାନଙ୍କ ଉପରେ ଚଢ଼ିଗଲା ଆଇରନ ବୋଝେଇ ଟ୍ରକ୍। ଖଣ୍ଡବିଖଣ୍ଡିତ ହୋଇଗଲା ସ୍ତ୍ରୀଙ୍କ ଶରୀର। ସ୍ୱାମୀ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଘଟଣାଟି ଘଟିଛି ଭଦ୍ରକ ଜିଲ୍ଲା ବାସୁଦେବପୁର-ଜାମୁଝାଡ଼ି ରାସ୍ତାର ବେତଡ଼ା ହାଇସ୍କୁଲ ଛକ ନିକଟରେ। ମୃତ ମହିଳାଙ୍କ ନାଁ ଯଶୋଦା ନାୟକ। ତାଙ୍କ ଘର ବରଣ୍ଡୁଆ ପଞ୍ଚାୟତରେ। ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ତାଙ୍କ ସ୍ୱାମୀଙ୍କୁ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଟ୍ରକ୍ଟି ଦୁର୍ଘଟଣା ଘଟାଇ ଫେରାର ହୋଇଯାଉଥିଲା। ତେବେ ସ୍ଥାନୀୟ ଲୋକେ ଗୋଡ଼ାଇ ଗୋଡ଼ାଇ ଟ୍ରକ୍ଟିକୁ ଧରିଥିଲେ। ପୁଲିସ୍ ଟ୍ରକ୍କୁ ଜବତ କରିଛି। ଏହି ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା।

## ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ପାରାଦ୍ୱୀପ କଳିଙ୍ଗ ବାଲିଯାତ୍ରା ମହୋତ୍ସବ-୨୦୨୪ ଉଦ୍‌ଘାଟିତ




ପାରାଦ୍ୱୀପ, ୧୪/୧୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ପାରାଦ୍ୱୀପ କଳିଙ୍ଗ ବାଲିଯାତ୍ରା ମହୋତ୍ସବ-୨୦୨୪ ଉଦଘାଟିତ ପାରାଦ୍ୱୀପ- ୧୪।୧୧- ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ସଂନ୍ଧ୍ୟାରେ ସାଗର ବେଳାଭୂମିଠାରେ କଳିଙ୍ଗର ନୌବାଣିଜ୍ୟିକ ପରମ୍ପରା ଗୌରବ ବହନ କରୁଥିବା ପାରାଦ୍ୱୀପର କଳିଙ୍ଗ ବାଲିଯାତ୍ରା ମହୋତ୍ସବ-୨୦୨୪କୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ମହୋତ୍ସବକୁ ଉଦଘାଟନ କରିଥିଲେ । ଓଡିଶାର ଗର୍ବ ଗୌରବ ତଥା ପ୍ରାଚୀନ ନୌବାଣିଜ୍ୟିକ ପରମ୍ପରାକୁ ଉଦଜ୍ଜୀବିତ କରିଥିବା ଏହି ମହାନ ଉତ୍ସବ ପ୍ରତିଟି ଓଡିଆଙ୍କ ପାଇଁ ଗର୍ବ ଓ ଗୌରବ ବହନ କରିଛି ।

▶▶ପୃଷ୍ଠା ୭

## ଜୟନାରାୟଣ ମିଶ୍ରଙ୍କ ଆଗୁଆ ଜାମିନ ଆବେଦନ ସୁପ୍ରିମକୋର୍ଟରେ ଖାରଜ

ଭୁବନେଶ୍ୱର, ୧୪/୧୧ (ନି.ପ୍ର): ବରିଷ୍ଠ ବିଜେପି ବିଧାୟକ ଜୟନାରାୟଣ ମିଶ୍ରଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରି ଦେଇଛନ୍ତି ସୁପ୍ରିମକୋର୍ଟ। ମହିଳା ଆଇଆଇସିଙ୍କୁ ମାଡ଼ ମାରିବା ଘଟଣାରେ ଆଗୁଆ ଜାମିନ ଆବେଦନ କରିଥଲେ ଜୟନାରାୟଣ। ୨୦୨୩ ମସିହା ଫେବ୍ରୁଆରୀ ୧୫ ତାରିଖରେ ସମ୍ବଲପୁର ଜିଲ୍ଲାପାଳଙ୍କ ଅଫିସ୍ ଆଗରେ ଆନ୍ଦୋଳନ ବେଳେ ପୁଲିସ ସହ ବିଜେପି କର୍ମୀ ମୁହାଁମୁହିଁ ହୋଇଥିଲେ। ଏହି ସମୟରେ ଜୟନାରାୟଣ ଜଣେ ମହିଳା ଆଇଆଇସିଙ୍କୁ ମାଡ଼ ମାରିଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ଥାନାରେ ଏତଲା ଦେଇଥିଲେ ଖୋଦ ମହିଳା ଆଇଆଇସି। ଉକ୍ତ ମାମଲାରେ ହାଇକୋର୍ଟରେ ଜୟନାରାୟଣ ଆଗୁଆ ଜାମିନ ଆବେଦନ କରିଥିଲେ। ହାଇକୋର୍ଟ ତାଙ୍କ ଆବେଦନକୁ ଖାରଜ କରି ଦେଇଥିଲେ।

## ଯମୁନା ପରେ ଶିମିଳିପାଳକୁ ଆସିଲା ଗଙ୍ଗା

ମୟୂରଭଂଜ, ୧୪/୧୧ (ନି.ପ୍ର): ଶିମିଳିପାଳରେ ରାଜ୍ କରିବେ ଗଙ୍ଗା-ଯମୁନା। ମହାରାଷ୍ଟ୍ର ତଡ଼ବା ଜଙ୍ଗଲରୁ ବାଘୁଣୀ ଯମୁନା ଆସିବାର ୧୭ ଦିନ ପରେ ଆଜି ଆସିଛି ଦ୍ୱିତୀୟ ବାଘୁଣୀ। ତା ନାଁ ଗଙ୍ଗା। ଶିମିଳିପାଳ ଅଭୟାରଣ୍ୟରେ ମେଲାନିଷ୍ଟିକ୍ ବା କଳା ମହାବଳ ବାଘଙ୍କ ବଂଶ ବୃଦ୍ଧି ପାଉଥିବାରୁ ଏହା ଉପରେ ରୋକ୍ ଲଗାଇ ସ୍ୱାଭାବିକ ମହାବଳ ବାଘର ବଂଶ ବିସ୍ତାର ପାଇଁ ମହାରାଷ୍ଟ୍ରର ଏହି ଦୁଇଟି ବାଘୁଣୀକୁ ସେଠାରେ ଛାଡ଼ିବାକୁ ଯୋଜନା ରହିଛି। ଅକ୍ଟୋବର ୨୮ରେ ବାଘୁଣୀ ଯମୁନା ଆସିଥିବା ବେଳେ ତାକୁ ପ୍ରଥମେ ଏନକ୍ଲୋଜରରେ ରଖାଯାଇଥିଲା। କିଛି ଦିନ ତଳେ ଶିମିଳିପାଳ ଅଭୟାରଣ୍ୟର କୋର୍ ଏରିଆରେ ତାକୁ ଛଡ଼ାଯାଇଛି। ଆଜି ଗଙ୍ଗା ଶିମିଳିପାଳକୁ ଆସିଥିବା ବେଳେ ତାକୁ ମଧ ଏନକ୍ଲୋଜରରେ ରଖାଯିବ। ସବୁକିଛି ଠିକ୍ଠାକ୍ ରହିଲେ ଅଳ୍ପ ଦିନ ପରେ ଗଙ୍ଗାକୁ କୋର୍ ଏରିଆରେ ଛଡ଼ାଯିବ।

## ଦିଲ୍ଲୀ ମେୟର ନିର୍ବାଚନରେ ବିଜେପିକୁ ଝଟକା: ବାଜି ମାରିନେଲା ଆପ୍



ନୂଆଦିଲ୍ଲୀ, ୧୪/୧୧ : ଆସନ୍ତା ବର୍ଷ ହେବାକୁ ଥିବା ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ଆମ୍ ଆଦମି ପାର୍ଟିକୁ ମିଳିଛି ବଡ଼ ସଫଳତା। ଏମସିଡି ମେୟର ନିର୍ବାଚନରେ ଆପ୍ ପ୍ରାର୍ଥୀ ମହେଶ କୁମାର ଖିଞ୍ଚି ବିଜୟୀ ହୋଇଛନ୍ତି। ମେୟର ନିର୍ବାଚନରେ ବିଜେପି ପ୍ରାର୍ଥୀ କିଶନ ଲାଲଙ୍କୁ ପରାସ୍ତ କରିଛନ୍ତି ଆପ୍ ପ୍ରାର୍ଥୀ ମହେଶ। ତେବେ ବିଜୟ ସତ୍ତ୍ୱେ ଦିଲ୍ଲୀ ଆପ୍ ପାଇଁ ଚିନ୍ତାର ବିଷୟ ହେଉଛି ଦଳର ୧୦ ଜଣ କାଉନସିଲର ବିଜେପିକୁ ଭୋଟ ଦେଇଛନ୍ତି। ଦିଲ୍ଲୀ ମହାନଗର ନିଗମ ପାଇଁ ଅନୁଷ୍ଠିତ ମେୟର ନିର୍ବାଚନରେ ଆମ ଆଦମି ପ୍ରାର୍ଥୀ ମହେଶ କୁମାର ଖିଞ୍ଚି ଓ ବିଜେପି ପ୍ରାର୍ଥୀ କିଶନ ଲାଲଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ନିର୍ବାଚନରେ ମୋଟ ୨୬୫ ଭୋଟ ପଡ଼ିଥିବାବେଳେ ଏଥିରୁ ଆପ୍ ପ୍ରାର୍ଥୀ ମହେଶଙ୍କୁ ମୋଟ ୧୩୫ ଭୋଟ ମିଳିଥିଲା। ହେଲେ ଏଥିରୁ ଦୁଇଟି ଭୋଟ ଅବୈଧ ଘୋଷିତ ହୋଇଥିଲା। ଅର୍ଥାତ ଆପ୍ ପ୍ରାର୍ଥୀଙ୍କ ସପକ୍ଷରେ ୧୩୩ ବୈଧ ଭୋଟ ପଡ଼ିଥିଲା।

▶▶ପୃଷ୍ଠା ୭

# ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ବଲାଙ୍ଗୀର ଷ୍ଟେସନରେ ମିଳିତ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ

ସମ୍ବଲପୁର, ୧୪/୧୧ (ନି.ପ୍ର): ପୂର୍ବ ତଟ ରେଳପଥ ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ବଲାଙ୍ଗୀର ରେଳ ଷ୍ଟେସନରେ ଏକ ପୂର୍ଣ୍ଣ ମାପର ମିଳିତ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଆୟୋଜନ କରାଯାଇଥିଲା । ଏହି ଅଭ୍ୟାସ ଅବସରରେ ଜାତୀୟ ବିପର୍ଯ୍ୟୟ ପରିଚାଳନା ବଳ (ଏନଡିଆରଏଫ), ଓଡିଶା ବିପର୍ଯ୍ୟୟ ରାପିଡ୍ ଆକ୍ସନ ଫୋର୍ସ, ସ୍ଥାନୀୟ ପ୍ରଶାସନ, ରାଜ୍ୟ ଅଗ୍ନିଶମ ସେବା, ରାଜ୍ୟ ସ୍ୱାସ୍ଥ୍ୟ ସେବା, ରେଳ ସ୍କାଉଟ୍ସ ଆଣ୍ଡ ଗାଇଡ୍, ସ୍ଥାନୀୟ ଏନଜିଓ ଏବଂ ରେଳ ବିଭାଗର ସମସ୍ତ ବିଭାଗ ଅଂଶଗ୍ରହଣ କରିଥିଲେ। ଏହି ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ସମୟରେ ଆଧୁନିକ ଯନ୍ତ୍ରପାତି ଯଥା ରେଳ କୋଚ କାଟିବା ମେସିନ, ଅଗ୍ନି ନିର୍ବାପକ ଏବଂ ଶୀଘ୍ର ଚିକିତ୍ସା ସ୍ଥାନାନ୍ତର ଭଳି ଆଧୁନିକ ଉପକରଣ ଇତ୍ୟାଦି ବ୍ୟବହାର କରାଯାଇଥିଲା ଓ ସମ୍ବଲପୁର ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ଆନନ୍ଦ ସିଂହ ଏହି ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ସ୍ଥାନ ପରିଦର୍ଶନ କରି ସମସ୍ତ ଅଂଶଗ୍ରହଣକାରୀଙ୍କ ସହ ଯୋଗାଯୋଗ କରିଥିଲେ ଓ ଶ୍ରୀ ସିଂହ କହିଛନ୍ତି ଯେ ଏହି ଅଭ୍ୟାସ ରେଳବାଇ ଏବଂ ସମସ୍ତ ଅଂଶଗ୍ରହଣକାରୀ ସଂସ୍ଥାକୁ ଯେକୌଣସି ଅପ୍ରତ୍ୟାଶିତ ପରିସ୍ଥିତିର ଗଭୀର ତଥା ସମନ୍ୱିତ ମୁକାବିଲା କରିବାରେ ସାହାଯ୍ୟ କରିବ ଯାହା ଦ୍ୱାରା ପୀଡିତଙ୍କ ଅସୁବିଧା କମ୍ ହୋଇପାରିବ ଏବଂ ସମସ୍ତ ଏଜେନ୍ସିର ପ୍ରତିକ୍ରିୟା ସମୟକୁ କମ୍ କରିବାରେ ମଧ୍ୟ ସାହାଯ୍ୟ କରିବ । ସମ୍ବଲପୁର ରେଳମଣ୍ଡଳର ବରିଷ୍ଠ ନିରାପତ୍ତା ଅଧିକାରୀ ଶ୍ରୀ ଏସ. ଏସ. ନାୟକ ବିପର୍ଯ୍ୟୟ ପରିଚାଳନାରେ ଯୋଗ ଦେଇଥିବା ସମସ୍ତ ବିଭାଗୀୟ କର୍ମକର୍ତ୍ତା ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରତିଭା କପ୍ ୬୨ତମ ଫୁଟବଲ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ

ବଲାଙ୍ଗୀର, ୧୪/୧୧ (ନି.ପ୍ର): ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ କୁଟୁମଡୋଲା ହାଇସ୍କୁଲ ପଡିଆରେ ପ୍ରତିଭା ଯୁବକ ସଂଘ ଆନୁକୂଲ୍ୟରେ ୬୨ତମ ଫୁଟବଲ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଂଟରେ କୁଟୁମଡୋଲା, ଢୁଲୁସର, ଗେର୍ଡି , ଡଙ୍ଗାଘାଟ, ବରକାନି, ଭାଲୁପିଟା, କୁସଙ୍ଗ, ଆଗଲପୁର, ତମିଆଁ, ଅମାମୁଣ୍ଡା, କୁସମେଲ, ସକମା, ସରଗାଡ, ନକଟାସର, ମନହିରା(୧୬ ଗୋଟି ଦଳ) ସହ ଅଂଶ ଗ୍ରହଣ କରିଛନ୍ତି। ଏହି ଉଦ୍‌ଘାଟିତ ଉତ୍ସବରେ ବଲାଙ୍ଗିର ଜିଲ୍ଲା ଅତିରିକ୍ତ ଏସ୍‌ପି(ସ୍ପେସାଲ ବ୍ରାଂଚ) ରବି ନାରାୟଣ ପାତ୍ର, ବରିଷ୍ଠ କଳାକାର ବ୍ୟାସଦେବ ପୁରୋହିତ, କ୍ରୀଡାବିତ୍ ବିଜୟ କୁମାର ଜାନି, ଆଇନଜ୍ଞ ଅରୁଣ କୁମାର ରଣା, ମୁଖ୍ୟବକ୍ତା ଅଧ୍ୟାପକ ସୁରେଶ ଚନ୍ଦ୍ର ଷଡଙ୍ଗି ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଦ୍ୱିତିୟାର୍ଦ୍ଧ ରେ ଉପଜିଲ୍ଲାପାଳ ଆଲୋକ ପଟେଲ, ଅଧ୍ୟାପକ ସୁରେଶ ଚନ୍ଦ୍ର ଷଡଙ୍ଗି, କୁଟୁମଡୋଲା କଲେଜ ଅଧ୍ୟକ୍ଷ ସଂଜୟ କୁମାର ସିଂ, ଡା. ଗଜାନନ ପଟେଲ, ତୃତୀୟ ଦିନ ପ୍ରଭାତ ରଂଜନ ମହାପାତ୍ର ପି.ଡି. ଡିଆରଡିଏ ଓ ହୃଷିକେଶ ଗଣ୍ଡ ବିଡିଓ ବଲାଙ୍ଗିର, ସହକାରୀ ଯନ୍ତ୍ରୀ ଲିୟାଂଶି ପୁଟି ପ୍ରମୁଖ ଯୋଗ ଦେଇଥିଲେ ।

# ହତ୍ୟାକାରୀକୁ ୭ ବର୍ଷ ଜେଲ ଦଣ୍ଡାଦେଶ

କେନ୍ଦୁଝର, ୧୪/୧୧ (ନି.ପ୍ର): କେନ୍ଦୁଝର ରେ ୮ବୁଧବାର ଦିନ ଏକ ନରହତ୍ୟା ମାମଲାର ବିଚାର କରି କେନ୍ଦୁଝର କୋର୍ଟର ଅତିରିକ୍ତ ଜିଲ୍ଲା ଜଜ୍ ମମିତା ଦାସ ସଦର ଥାନା ଅନ୍ତର୍ଗତ ମଇଦାନକେଲ ଗ୍ରାମର ଆସାମୀ ସୁଶାନ୍ତ ନାଏକଙ୍କୁ ୭ ବର୍ଷ ଜେଲ ଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜୋରିମାନା ଏବଂ ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡାଦେଶ ରାୟ ପ୍ରକାଶ କରିଛନ୍ତି । ଘଟଣାର ବିବରଣୀ ଅନୁଯାୟୀ ଗତ ତା ୭।୧୨।୨୦୧୫ ରିଖ ରାତ୍ର ୧୦ ଘଟିକା ସମୟରେ ମଇଦାନକେଲ ଗ୍ରାମର ସୁଶାନ୍ତ ନାଏକ, ମିଥୁନ ମହାପାତ୍ର ଓ ରାଜୁ ମହାକୁଡ (ଢେଙ୍କିକୋଟ) ମୃତକ ଜଳଧର ମହାନ୍ତଙ୍କ ଘର ସାମ୍ନାରେ ବାଲି ଟ୍ରକ୍ ଡ୍ରାଇଭର ମାନଙ୍କଠାରୁ ଚାନ୍ଦା ଆଦାୟ କରିବା ସହ ଗଣ୍ଡଗୋଳ କରୁଥିବା ସମୟରେ ମୃତକ ଜଳଧର ମହାନ୍ତ ମୋ ଘର ସାମ୍ନାରେ ଏପରି କାହିଁକି ଗଣ୍ଡଗୋଳ କରୁଛ ବୋଲି କହିବାରୁ ଆସାମୀ ସୁଶାନ୍ତ ନାଏକ ଉକ୍ଷିପ୍ତ ହୋଇ ହାତରେ ଧରିଥିବା ଏକ କ୍ରିକେଟ ଷ୍ଟମ୍ପରେ ଜଳଧର ମହାନ୍ତଙ୍କ ମୁଣ୍ଡ କୁ ମାଡ ମାରିଥିଲା । ଫଳରେ ଜଳଧର ମହାନ୍ତ ଅଚେତ ହୋଇ ପଡିଥିଲେ ଓ ଉକ୍ତ ଆସାମୀ ସ୍ଥାନ ଛାଡି ପଳାଇ ଯିବାବେଳେ ରାଜୁ ମହାକୁଡକୁ ଗାଁ ଲୋକମାନେ କାବୁ କରି ଥାନାରେ ଜିମା ଦେବା ସହ ଜଳଧର ମହାନ୍ତଙ୍କୁ କେନ୍ଦୁଝର ଡାକ୍ତରଖାନାକୁ ନିଆଯାଇଥିଲା ଏବଂ ପରେ କଟକ ଡାକ୍ତରଖାନାକୁ ପଠାଯାଇଥିଲା ଓ ଚିକିତ୍ସାଧୀନ ସମୟରେ ଜଳଧରଙ୍କ ମୃତ୍ୟୁ ହୋଇଥିଲା । ଏହାକୁ ନେଇ ମୃତକଙ୍କ ପୁଅ ତୁଳସିଦାସ ମହାନ୍ତ ସଦର ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ତଦନ୍ତ କରି ୩ ଜଣଙ୍କ ନାମରେ ଚାର୍ଜସିଟ୍ ଦାଖଲ କରିଥିଲା । ୧୦ ଜଣ ସାକ୍ଷୀଙ୍କ ବୟାନକୁ ଭିତି କରି ଅଭିଯୁକ୍ତ ସୁଶାନ୍ତ ନାଏକକୁ କେନ୍ଦୁଝର ଅତିରିକ୍ତ ଜିଲା ଜଜ୍ ମମିତା ଦାସ ଆଇପିସି ୩୦୪(୨) ଧାରାରେ ଦୋଷୀ ପାଇ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି ଏବଂ ଅନ୍ୟ ଆସାମୀ ମାନଙ୍କୁ ପ୍ରମାଣ ଅଭାବରୁ ଖଲାସ କରିଛନ୍ତି । ସରକାରଙ୍କ ତରଫରୁ ଆଡିସନାଲ ପିପି ପ୍ରଫୁଲ୍ଲ ପାତ୍ର କେଶ ପରିଚାଳନା କରୁଥିଲେ ।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଆରମ୍ଭ ହେଲା ପାରମ୍ପରିକ ବିହନ ସଂରକ୍ଷଣ

ଜୟପୁର, ୧୪/୧୧ (ନି.ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଆରମ୍ଭ ହେଲା ପାରମ୍ପରିକ ବିହନ ସଂରକ୍ଷଣ ଓ ଗବେଷଣା କ୍ଷେତ ପାରମ୍ପରିକ କୃଷି ଜୈବ ବିବିଧତାକୁ ସୁରକ୍ଷିତ ରଖିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟର ଲାଣ୍ଡିଗୁଡାସ୍ଥିତ ସିଟି କ୍ୟାମ୍ପସରେ ଆଜି ୧୩ ନଭେମ୍ବର ୨୦୨୪ ରେ ଏକ ପାରମ୍ପରିକ କିଷମର ବିହନ ସଂରକ୍ଷଣ ଓ ଗବେଷଣା କ୍ଷେତ ଉଦ୍ ଘାଟିତ କରିଛି । ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍ଘାଟନ କରିଥିଲେ । ଏହି ଅବସରରେ ଉପଦେଷ୍ଟା-ପ୍ରଶାସନ ଓ ଶିକ୍ଷା ପ୍ରଫେସର ବିଭାଷ ଚନ୍ଦ୍ର ଝା, ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟର ଡିନ୍ ପ୍ରଫେସର ଶରତ କୁମାର ପଳିତା, ସ୍ୱର୍ଣ୍ଣିମ ଗୁଜୁରାଟ କ୍ରୀଡ଼ା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଯତୀନ ସୋନି, କ୍ରୀଡା ଭାରତୀର ସର୍ବଭାରତୀୟ ଯୁଗ୍ମ ସଂଗଠନ ସମ୍ପାଦକ ମଧୁମୟ ନାଥ ଓ ଏହି ପ୍ରକଳ୍ପର ସଂରକ୍ଷଣ ପାଇଁ ପଦକ୍ଷେପ ନେଉଥିବା ତଥା ପ୍ରକଳ୍ପର ପ୍ରମୁଖ ଅନୁସନ୍ଧାନକାରୀ ଡ. ଦେବବ୍ରତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ୧୦୪ ପ୍ରକାର ଦେଶୀ ଧାନ, ୮୭ ପ୍ରକାର ଫିଙ୍ଗର ମିଲେଟ, ୩୦ ପ୍ରକାର ସ୍ଥାନୀୟ ନାଇଜର, ୧୫ ପ୍ରକାର କ୍ଷୁଦ୍ର ବାଜରା, ୫ ପ୍ରକାର ଫକ୍ସଟେଲ ମିଲେଟ, ୧୫ ପ୍ରକାର ମକା ଏବଂ ୮ ପ୍ରଜାତିର ଜଙ୍ଗଲୀ କନ୍ଦା ସଂରକ୍ଷଣ ଓ ଗବେଷଣା ପାଇଁ ଏହି ପ୍ରକଳ୍ପ ସମର୍ପିତ । ଏଠାରେ ଭାରତର କୃଷି ଐତିହ୍ୟର ଅବିଚ୍ଛେଦ୍ୟ ଏହି ଫସଲଗୁଡ଼ିକର ସଂରକ୍ଷଣ ଏବଂ କୃଷିର ମୁଖ୍ୟ ସ୍ରୋତରେ ପୁନଃପ୍ରଚଳନ ପାଇଁ ଅଧ୍ୟୟନ କରାଯିବ । ଉଦ୍ ଘାଟନୀ ଭାଷଣରେ ପ୍ରଫେସର ତ୍ରିପାଠୀ ସ୍ଥାନୀୟ ପ୍ରଜାତିର ପାରମ୍ପରିକ ଫସଲକୁ ପୁନରୁଦ୍ଧାର କରିବାର ଜରୁରୀ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। 'ଆମର ପାରମ୍ପରିକ ଚାଷ ପ୍ରଣାଳୀ ଆମର ସାଂସ୍କୃତିକ ଐତିହ୍ୟ ସହିତ ଜଡିତ । କେବଳ ଖାଦ୍ୟ ନିରାପତା ପାଇଁ ନୁହେଁ ବରଂ ସ୍ୱାସ୍ଥ୍ୟ ଓ ନିରନ୍ତରତାକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଫସଲର ସଂରକ୍ଷଣ ଜରୁରୀ ବୋଲି ସେ ଆଶା ବ୍ୟକ୍ତ କରିବା ସହ ବିଶ୍ୱବିଦ୍ୟାଳୟ ଏହି କ୍ଷେତ୍ରରେ ଏକ ଅଗ୍ରଣୀ ଅନୁଷ୍ଠାନ ଭାବେ ଉଭା ହେବ ବୋଲି କହିଥିଲେ । ପ୍ରଫେସର ପାଲିତା ବୈଜ୍ଞାନିକ ଗବେଷଣା ଏବଂ ବ୍ୟବହାରିକ ପ୍ରୟୋଗକୁ 'ଲ୍ୟାବ୍-ଟୁ-ଲ୍ୟାଣ୍ଡ' ପଦ୍ଧତି ମାଧ୍ୟମରେ ଯୋଡ଼ିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଶ୍ରୀ ମଧୁମୟ ପରିବେଶ ରକ୍ଷଣାବେକ୍ଷଣ ରେ ପାରମ୍ପରିକ ଫସଲର ଭୂମିକା ଉପରେ କହିଥିଲେ । ପାରମ୍ପରିକ ଚାଷରେ ଆଧୁନିକ ଜ୍ଞାନକୌଶଳର ବ୍ୟବହାର ଉପରେ ପ୍ରଫେସର ଝା ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗର ଡ. ଦେବବ୍ରତ ପଣ୍ଡା ଓ ଡ. କାକୋଲି ବାନାର୍ଜୀ ସଂଯୋଜନା କରିଥିଲେ। ଏହି ଅବସରରେ ଡ. କପିଳା ଖେମୁଣ୍ଡୁ, ଡ. ନିଖିଲ ଗୌଡ଼, ଡ. ଜୟନ୍ତ ନାୟକ, ଡ. ପ୍ରଦୋଷ କୁମାର ରଥ, ଡ. ବିକେ ଶ୍ରୀନିବାସ, ଡ. ପ୍ରସେନଜିତ୍ ସିହ୍ନା, ସୁମିତ କୁମାର ବେହେରା, ଡ. ଫଗୁନାଥ ଭୋଇଙ୍କ ସମେତ ବିଶିଷ୍ଟ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଏହି ପଦକ୍ଷେପ ପାରମ୍ପରିକ ଫସଲ ବିବିଧତାକୁ ସୁରକ୍ଷିତ ରଖିବା, ପାରମ୍ପରିକ କୃଷିକ୍ଷେତ୍ରରେ ଗବେଷଣା ଓ ବିକାଶକୁ ସମୃଦ୍ଧ କରିବା ସହିତ ପରିବେଶ ରକ୍ଷଣାବେକ୍ଷଣ ଓ ସାଂସ୍କୃତିକ ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଉତ୍ସର୍ଗୀକୃତ ପ୍ରୟାସ ବୋଲି ଡ. ଫଗୁନାଥ ଭୋଇ, ଲୋକସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି ।

# ମୋଟୁଠାରେ ୧୦୦ରୁ ଊର୍ଦ୍ଧ୍ୱ ଏକର ସରକାରୀ ଜମି ଜବରଦଖଲ ଘଟଣାରେ ହସ୍ତକ୍ଷେପ କରିଛନ୍ତି ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ

ମାଲକାନଗିରି, ୧୪/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲା ମୋଟୁ ଠାରେ ୧୦୦ରୁ ଊର୍ଦ୍ଧ୍ୱ ଏକର ସରକାରୀ ଜମି ଜବରଦଖଲ ଘଟଣାରେ ହସ୍ତକ୍ଷେପ କରିଛନ୍ତି ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ। ଏନେଇ ନିଜ ଆଡୁ ମାମଲା ରୁଜୁ କରିବା ସହ ପିସିସିଏଫ ଓ ଜିଲ୍ଲାପାଳଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବର୍ଷବର୍ଷ ଧରି ଏହି ଜମିଗୁଡିକ ମୋଟୁ ଅଂଚଳର ମୌସୁମ ଖାନ ନାମକ ଜଣେ ବ୍ୟକ୍ତି କବଜା କରିବା ସହ ଏଠି ବିରାଟ କାୟ ପୋଖରୀ ଓ ବଡ଼ବଡ଼ କୋଠା ସହ ଚାଷ କରି ଆସୁଛନ୍ତି ଶହ ଶହ ଏକର ଜମି ।ଯାହାକୁ ନେଇ ଅଂଚଳବାସୀ ବିରୋଧ କରିବା ସହ ସ୍ୱର ଉଠାଇଛନ୍ତି ।ଏହାସହ କିଛିଦିନ ତଳେ ମୌସୁମ ଖାନ ପୂର୍ବ ସରକାରଙ୍କର ଛତ୍ର ଛାୟା ତଳେ ରହି ଜମିଗୁଡିକ ଭୋଗ କରି ଆସୁଥିବା ଅଭିଯୋଗ ହୋଇଥିବା ବେଳେ ଜବାବ ରଖିଥିଲା ବିଜେଡ଼ି। ସେତେବେଳେ ବିଜେଡି ମୌସୁମ ଖାନକୁ କୌଣସି ସହଯୋଗ କରିନଥିବା ସଫେଇ ଦେଇଥିଲା। ମୌସୁମ ଖାନ ଜଂଗଲ ଜମି ଜବରଦଖଲ କରି ସେଠାରେ କୋଠା ଘର ସହ ଚାଷ କରୁଥିବା ଅଭିଯୋଗ ପରେ ଏନଜିଟି ମାମଲାକୁ ନିଜ ତରଫରୁ କେଶ କରି ଆସନ୍ତା ଡିସେମ୍ବର ୩ ତାରିଖ ଶୁଣାଣୀ ରଖିଛନ୍ତି। ଏହି ଶୁଣାଣି ପରେ ସତ ପଦକୁ ଆସିବ ବୋଲି କୁହାଯାଇଛି । ଏଥିସହ ସେହି ଜବରଦଖଲ ଜମି ପର୍ଯ୍ୟନ୍ତ ସରକାରୀ ଅର୍ଥରେ ଏମଜିଏନଆରଜିରେ ରାସ୍ତା ନିର୍ମାଣ ହୋଇଛି ବୋଲି ମଧ୍ୟ ଅଭିଯୋଗ ହୋଇଛି। ପ୍ରାୟ ୯ ଲକ୍ଷ ଟଂକା ବ୍ୟୟରେ ଏହି ରାସ୍ତା ନିର୍ମାଣ କରାଯାଇଛି, ଯାହାକୁ ବିରୋଧ କରିଛନ୍ତି ଜିଲ୍ଲାବାସୀ।
ଅପରପକ୍ଷରେ ମୌସୁମ ଖାନଙ୍କ ସ୍ୱାସ୍ଥ୍ୟ ଖରାପ ଥିବା ଯୋଗୁଁ ସେ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ତାଂକ ପ୍ରତିକ୍ରିୟା ମିଳିପାରିନଥିବା ବେଳେ ପରିବାର ଲୋକ କହିଛନ୍ତି ରାଜା ଅମଳରୁ ଏହି ଜମିଗୁଡିକ ଆମ ଅକ୍ତିଆରରେ ରହିଛି। ଏଠାରେ ଥିବା ଜମିଗୁଡିକ ମଧ୍ୟରେ ୭୦ ଏକର ପଟ୍ଟା ଜମି ଥିବା ବେଳେଏନ୍ୟ ୧୫୦ ଏକର ଦଖଲ ନୋଟରେ ରହିଛି। ରାଜା ଅମଳରୁ ଏହି ଜମିରେ ଚାଷ କରି ଚଳିଆସୁଛୁ। ଏହା କିପରି ଇସଲାମ ନଗର ହେଲା ବୋଲି ପଚାରିବାରୁ ସେମାନେ ଏହା ଇସଲାମ ନଗର ନୁହେଁ ଇସମାଇଲ ନଗର ବୋଲି କହିଥିଲେ। ଇସମାଇଲ ହେଉଛନ୍ତି ଆମର ଜେଜେବାପା। ତାଂକ ନାମରେ ଏହି ନାମକରଣ ହୋଇଛି । ଆଉ ଏମଜିଏନଆରଜିଏରେ ରାସ୍ତାଟି ବିନାୟକପୁର ଗାଁକୁ ଯାଉଥିବା ରାସ୍ତା ନିର୍ମାଣ କରାଯାଇଛି । ଏଥିରେ ଆମର କୌଣସି ଭୂମିକା ନାହିଁ ।ପ୍ରଥମ ପର୍ଯ୍ୟାୟରେ ଅଧା ରାସ୍ତା ନିର୍ମାଣ ହୋଇଛି ।ଗୋଟିଏ ସେଂଟ ବି ଆମ ଅଧୀନରେ ରହିନାହିଁ। ପୁଣି ମୌସୁମ ଖାନଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି ଯେ ସେମାନେ କୌଣସି ଜଂଗଲ ଜମି ଜବରଦଖଲ କରିନାହାନ୍ତି । ସେମାନେ ଜବରଦଖଲ କରି ରଖିଥିବା ଜାଗା ଲାଗି ଜଂଗଲ ଜମି ରହିଛି ।ଯାହା ଆଦିବାସୀ ଲୋକଙ୍କ ନାମରେ ଜଂଗଲ ଜମିପଟ୍ଟା ହୋଇଛି।
ତେବେ ଏନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ ସରିଥିବା ଜଣାପଡ଼ିଛି । ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ହସ୍ତକ୍ଷେପ ପରେ ସବୁ ସତ ପଦାକୁ ଆସିବ ବୋଲି କୁହାଯାଇଛି । ଅନ୍ୟଦିଗରେ ବିଜେପିର ଜିଲ୍ଲା ସଂପାଦକ ମାଣିକଲାଲ ଚକ୍ରବର୍ତ୍ତୀ କହିଛନ୍ତି ଯେ ମୌସୁମ ଖାନ ସରକାରୀ ଜମିରେ ପୋଖରୀ ଖୋଳି ବା ସହ ଚାଷ କରୁଛନ୍ତି । ଏଥିସହ ବଡ ବଡ କୋଠାଘର ନିର୍ମାଣ କରିଛନ୍ତି ଏବଂ ନକଲିଔଷଧ କାରଖାନା ମଧ୍ୟ ନିର୍ମାଣ କରିଛନ୍ତି ।ସେହିପରି ବିଜେପିର ବରିଷ୍ଠ ନେତା ନବଘନ ଲୋକେଇ ମଧ୍ୟ ସମାନ କଥା ଦୋହରାଇଛନ୍ତି। ନିଜର ସ୍ୱଳ୍ପ ଜମି ରହିଥିବା ବେଳେ ଏକର ଏକର ସରକାରୀ ଏବଂ ଜଂଗଲ ଜମିକୁ ହାତେଇଛନ୍ତି । ଏହାର ତଦନ୍ତ ହେଲେ ସବୁ ପଦାକୁ ଆସିବ।

# ଜିଲ୍ଲାରେ ରାଜସ୍ୱ ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା, ୧୪/୧୧ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ରାଜସ୍ୱ ସମୀକ୍ଷା ବୈଠକ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଉପ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାର ବିଭିନ୍ନ ତହସିଲ ଅଂଚଳରେ ରାଜସ୍ୱ ଆଦାୟ, ତହସିଲଗୁଡ଼ିକରେ ମାମଲା ଫଏସଲା, ଆର୍.ଆଇ.ମାନଙ୍କର ସରକାରୀ କ୍ୱାଟର ମରାମତି, ଖଜଣା ଆଦାୟ, ଜମି ଅଧିଗ୍ରହଣ, ଦୀର୍ଘଦିନ ଧରି ବିଭିନ୍ନ ତହସିଲରେ ପଡ଼ି ରହିଥିବା ମାମଲାଗୁଡ଼ିକ ତୁରନ୍ତ ଫଏସଲା କରିବା ସହ ଛାତ୍ରଛାତ୍ରୀମାନଙ୍କର ଶିକ୍ଷା ପାଇଁ ବିଭିନ୍ନ ପ୍ରମାଣପତ୍ର ତୁରନ୍ତ ଯୋଗାଇବା, ବିଭିନ୍ନ କାର୍ଯ୍ୟନେଇ ତହସିଲକୁ ଆସୁଥିବା ଜନ ସାଧାରଣଙ୍କର କାର୍ଯ୍ୟକୁ ଗୁରୁତ୍ୱ ଦେବା ଆଦି ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଆୟୋଜିତ ଏହି ସମୀକ୍ଷା ବୈଠକରେ ଜିଲ୍ଲାର ସମସ୍ତ ତହସିଲଦାର, ରାଜସ୍ୱ ଅଧିକାରୀ, ସୁପର ଭାଇଜର ପ୍ରମୁଖ ଉପସ୍ଥିତ ଥିଲେ।

# ମହୁକୁଦରେ ଶିଶୁ ମେଳା ଓ ଚାଚା ନେହେରୁ ଜୟନ୍ତୀ

ସମ୍ବଲପୁର, ୧୪/୧୧ (ନି.ପ୍ର): ସମ୍ବଲପୁର ନାକଟିଦେଉଳ ବ୍ଲକ୍ ଅନ୍ତର୍ଗତ ମହୁକୁଦ ଗ୍ରାମରେ ଗ୍ରାମ ମଙ୍ଗଳ ଯୁବକ ସଂଘ ଆନୁକୂଲ୍ୟ ରେ ଗୁରୁବାର ଦିନ ବ୍ଲକ ସ୍ତରୀୟ ଶିଶୁମେଳା ଓ ନେହେରୁ ଜୟନ୍ତୀ ସମାରୋହର ଶୁଭାରମ୍ଭ ହୋଇଛି । ଉକ୍ତ ସମାରୋହକୁ ବଳମ ଗ୍ରାମପଂଚାୟତର ସରପଂଚ ଅନୁପମା ଗଡନାୟକ ଉଦଘାଟନ କରିଥିଲେ । ପ୍ରାୟ ୨୫ ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବିଭିନ୍ନ ପ୍ରତିଯୋଗୀତା ରେ ଅଂଶ ଗ୍ରହଣ କରିଥିଲେ । ଗଣିତ ଦୌଡ଼, ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ବକ୍ତୃତା, ମ୍ୟୁଜିକାଲ ଚେୟାର ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।


# କବି ଅଶ୍ୱିନୀ ମିଶ୍ର ପାଇବେ ଶ୍ରୀ ବଳଦେବ ସମ୍ମାନ

କେନ୍ଦ୍ରାପଡ଼ା, ୧୪/୧୧ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ସାହିତ୍ୟ ପରିଷଦ ପକ୍ଷରୁ ଓଡ଼ିଶାର ଜଣେ ବିଶିଷ୍ଟ ସାରସ୍ୱତ ସାଧକଙ୍କୁ ପ୍ରଦାନ କରାଯାଉଥିବା ପୁରସ୍କାର 'ଶ୍ରୀବଳଦେବ ସମ୍ମାନ' ଚଳିତ ବର୍ଷ ବିଶିଷ୍ଟ କବି ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଂପାଦକ ଅଶ୍ୱିନୀ ମିଶ୍ରଙ୍କୁ ପ୍ରଦାନ କରାଯିବ। ଏହି ପୁରସ୍କାର ସ୍ୱରୂପ ତାଙ୍କୁ ୨୧୦୦୦/(ଏକୋଇଶି ହଜାର) ମୁଦ୍ରା ସହ ମାନପତ୍ର ପ୍ରଦାନ କରାଯିବ। ଏହାପୂର୍ବରୁ ଏହି ସମ୍ମାନ ଗାଳ୍ପିକ ପଦ୍ମଜ ପାଳ, କବି ପ୍ରସନ୍ନ ମିଶ୍ର, ନାଟ୍ୟକାର ବିଜୟ ମିଶ୍ର, ପ୍ରାବନ୍ଧିକ ନିତ୍ୟାନନ୍ଦ ଶତପଥୀ, ଗାଳ୍ପିକ ଦେବରାଜ ଲେଙ୍କା, କବି ଗୋପାଳକୃଷ୍ଣ ରଥ, ପ୍ରାବନ୍ଧିକ କୃଷ୍ଣ ଭୂୟାଁ, ଗାଳ୍ପିକ ରବି ସ୍ୱାଇଁ, ପ୍ରାବନ୍ଧିକ ଧନେଶ୍ୱର ମହାପାତ୍ର, କଥାକାର ବିଜୟ ନାୟକ ପ୍ରଭୃତି ଦିଗ୍‌ଗଜ ସାହିତ୍ୟିକଙ୍କୁ ପ୍ରଦାନ କରାଯାଇଛି। ଜିଲ୍ଲା ସାହିତ୍ୟ ପରିଷଦ ପକ୍ଷରୁ ଅନ୍ୟ ପୁରସ୍କାର ମଧ୍ୟରେ ଗାଳ୍ପିକ ସ୍ୱର୍ଗତ ଅଦ୍ୱୈତ ମହାନ୍ତିଙ୍କ ସ୍ମୃତିରେ ପ୍ରବର୍ତ୍ତିତ ଅଦ୍ୱୈତ କଥା ପୁରସ୍କାର ପାଇବେ ଗାଳ୍ପିକା ସ୍ୱାଗତିକା ସ୍ୱାଇଁ, ବିଶିଷ୍ଟ କବି ଦୀପକ ମିଶ୍ରଙ୍କ ସ୍ମୃତିରେ ପ୍ରବର୍ତ୍ତିତ 'ଦୀପକ ମିଶ୍ର କବିତା ପୁରସ୍କାର' ପାଇବେ କବି ଚିତରଞ୍ଜନ ନାୟକ, ବ୍ରହ୍ମାନନ୍ଦ ଅନୁବାଦ ପୁରସ୍କାର ପାଇବେ ବିଶିଷ୍ଟ ଅନୁବାଦକ ପ୍ରଫେସର ତପନ ପଣ୍ଡା, ଶ୍ରୀଜଗନ୍ନାଥ ସଂସ୍କୃତିର ଗବେଷକ ଡ. ଅସୀତ ମହାନ୍ତି ପାଇବେ ସ୍ୱର୍ଗତ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସ୍ମୃତିରେ ପ୍ରବର୍ତ୍ତିତ ଆର୍ତ୍ତବଲ୍ଲଭ ଗବେଷଣା ପୁରସ୍କାର। ଏହିସବୁ ପୁରସ୍କାର ବାବଦକୁ ପ୍ରତ୍ୟେକଙ୍କୁ ପାଂଚ ହଜାର ମୁଦ୍ରା ସହ ମାନପତ୍ର ପ୍ରଦାନ କରାଯିବ। ଏତଦ୍‌ବ୍ୟତୀତ କେନ୍ଦ୍ରାପଡ଼ା ଜିଲ୍ଲାର ଜଣେ ସାରସ୍ୱତ ସାଧକଙ୍କୁ 'ତୁଳସୀ ସମ୍ମାନ' ପ୍ରଦାନ କରାଯିବା କ୍ରମରେ ବର୍ଷିୟାନ ସାରସ୍ୱତ ସାଧକ, ବିଶିଷ୍ଟ ସର୍ବୋଦୟ ନେତା, ଚିନ୍ତକ କୃଷ୍ଣ ସିଂହଙ୍କୁ 'ତୁଳସୀ ସମ୍ମାନ' ପ୍ରଦାନ କରାଯିବ ବୋଲି ପରିଷଦର କାର୍ଯ୍ୟକାରିଣୀ ବୈଠକରେ ନିର୍ଣ୍ଣୟ ନିଆଯାଇଛି । ଏହି ବୈଠକରେ ପରିଷଦର ସଭାପତି ଡ. ଅପର୍ଣ୍ଣା ମହାନ୍ତି, ଗାଳ୍ପିକ ଅତୁଲ ବଳ, କବି ମଧୁସୂଦନ ଦାସ, ଭୁବନ ମୋହନ ଜେନା, ନବଜ୍ୟୋତି ରାୟ, ପ୍ରଦୀପ ନାୟକ, ପ୍ରମୋଦ ମଲ୍ଲିକ, ଡ. ପ୍ରକାଶ କୁମାର ପରିଡ଼ା, କଥାକାର ମାତୃଦତ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସାହିତ୍ୟ ପରିଷଦର ଆସନ୍ତା ବାର୍ଷିକ ଉତ୍ସବରେ ବିଶିଷ୍ଟ ଅତିଥିଙ୍କ କରକମଳରେ ଏହି ପୁରସ୍କାର ବିତରଣ ହେବବୋଲି ଏକ ପ୍ରେସ ବିଜ୍ଞପ୍ତିରେ ସମ୍ପାଦକ ସରୋଜ କୁମାର ମହାନ୍ତି ପ୍ରକାଶ କରିଛନ୍ତି।

# ଜିଲ୍ଲା ସ୍ତରୀୟ ପ୍ରଧାନ ମନ୍ତ୍ରୀ ଫସଲ ବିମା ଯୋଜନା ଶସ୍ୟ କାଟ ସମ୍ପର୍କିତ ତାଲିମ ଶିବିର

କେଉଁଝର, ୧୪/୧୧ (ନି.ପ୍ର): ଚଳିତ କୃଷି ବର୍ଷ ୨୦୨୪- ୨୫ ଜିଲ୍ଲା ସ୍ତରୀୟ ପ୍ରଧାନ ମନ୍ତ୍ରୀ ଫସଲ ବିମା ଯୋଜନା ଶସ୍ୟ କାଟ ସମ୍ପର୍କିତ ତାଲିମ କାର ?୍ୟକ୍ରମ କେନ୍ଦୁଝରସ୍ଥ ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ କାର ?୍ୟାଳୟ ସମ୍ମିଳନୀ କକ୍ଷ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିନ.୧୧ ତା ରିଖ ଦିନ ଆନନ୍ଦପୁର, କେନ୍ଦୁଝର ସଦର, ବାଂସପାଳ, ପାଟଣା ଓ ସାହରପଡାର ୭୧ ଜଣ, ଦ୍ୱିତୀୟ ଦିନ: ୧୨ ତରିଖ ଦିନ ଘଟଗାଁ, ଘଷିପୁରା, ହାଟଡିହିର ୭୭ ଜଣ, ଏବଂ ତୃତୀୟ ତଥା ଶେଷ ଦିନ ୧୩ ତରିଖ ଦିନ ଚମ୍ପୁଆ, ହରିଚନ୍ଦନପୁର ,ଝୁମ୍ପୁରା, ତେଲକୋଇର ୬୯ ଏହିପରି ସର୍ବମୋଟ ୨୧୭ଜଣଙ୍କୁ ତାଲିମ ଦିଆଯାଇଛି ।ଏହି ତାଲିମ କାର୍ଯ୍ୟରେ ଶସ୍ୟ କାଟ ନିମନ୍ତେ ନିୟୋଜିତ ହେଇଥିବା ଜିଲ୍ଲାର ସମସ୍ତ ବ୍ଲକର ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ, ସହକାରି ରାଜସ୍ୱ ନିରୀକ୍ଷକ,ଅମିନ,କୃଷି ଓଭରସିୟର, ଭିଏଡବ୍ଲୁ,ପରିସଂଖ୍ୟାନ କ୍ଷେତ୍ର ନୀରୀକ୍ଷକ, ସର୍ଭେୟର ଯୋଗ ଦେଇଥିଲେ । ଜିଲ୍ଲାର ସମସ୍ତ ବ୍ଲକ, ମୁନିସପାଲିଟ ଏବଂ ଏନ.ଏ.ସି ଅନ୍ତର୍ଗତ ସମସ୍ତ ପଂଚାୟତ ଓ ୟୁନିଟରେ ଚଳିତ କୃଷି ବର୍ଷରେ ମୋବାଇଲ ଆପ ମାଧମରେ ଶସ୍ୟ କାଟ ହୋଇ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମ ବିଗତ ୨୦୧୬-୧୭ କୃଷିବର୍ଷରୁ କାର ?୍ୟକାରି ହୋଇ ଆସୁଅଛି । ଏହି ତାଲିମ କାର୍ଯ୍ୟକ୍ରମରେ ମୂଖ୍ୟ କୃଷି ଅଧିକାରୀ ପର୍ଶୁରାମ ବେହେରା ଓ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ଯୋଜନା ଓ ପରିସଙ୍ଖ୍ୟାନ ଗଜେନ୍ଦ୍ର କୁମାର ବେହେରା ଯୋଗ ଦେଇ ସମସ୍ତ ତାଲିମ ଗ୍ରହଣ କାରିଙ୍କୁ ଏହି ତାଲିମ ନେଇ ଫିଲ୍ଡ/କ୍ଷେତ୍ରରେ ସଠିକ୍ ଶସ୍ୟକାଟ କରି ଫର୍ମ-୮ ରେ ରିପୋର୍ଟ ପ୍ରଦାନ କରିବାକୁ ପରାମର୍ଶ ଦେବା ସହ ସରକାର ତଥା ଜିଲ୍ଲାର ଏହି ମହତ କାର୍ଯ୍ୟରେ ସହଯୋଗ କରିବାକୁ କହିଥିଲେ ।

# ଅଧ୍ୟାପକ ଚନ୍ଦନ କୁମାର ଦାସଙ୍କ କବିତା ପୁସ୍ତକ 'ଶ୍ରୀରାଧାଙ୍କ ଶ୍ରୀ' ଓ 'କ୍ଷମତାର ଖିଅ' ଲୋକାର୍ପିତ




ରୂପସା, ୧୪/୧୧ (ନି.ପ୍ର): ରୂପସା ଥାନା ଅନ୍ତର୍ଗତ ନୀଳମଣି ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଚନ୍ଦନ କୁମାର ଦାସଙ୍କ ରଚିତ ଦୁଇଟି କବିତା ପୁସ୍ତକ 'ଶ୍ରୀରାଧାଙ୍କ ଶ୍ରୀ' ଓ 'କ୍ଷମତାର ଖିଅ' ଲୋକାର୍ପିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଅଧ୍ୟକ୍ଷତା କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କବି ଅଧ୍ୟାପକ ଚନ୍ଦନ କୁମାର ଦାସ ଲେଖକୀୟ ବିବୃତି ଦେବା ସହ ଛାତ୍ରୀଛାତ୍ରଙ୍କୁ ସାହିତ୍ୟ ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟଅତିଥି ଭାବେ ପ୍ରଖ୍ୟାତ ଗାଳ୍ପିକ ଓ ଉପନ୍ୟାସିକ ଜାନକୀ ବଲ୍ଲଭ ମହାପାତ୍ର ଯୋଗଦେଇ କବିଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ମୁଖ୍ୟବକ୍ତା ଭାବେ ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ର ଯୋଗଦେଇ କବିତା ପୁସ୍ତକ ଦ୍ୱୟ ସମ୍ପର୍କରେ ମୂଲ୍ୟବାନ ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ବିଶିଷ୍ଟ କବି ଡ. ବଂଶୀଧର ଚୌଧୁରୀ, ଅବସରପ୍ରାପ୍ତ ପ୍ରାଧ୍ୟାପକ ସଚ୍ଚିନ୍ଦ୍ର କୁମାର କର ଯୋଗଦେଇ କବି ଦାସଙ୍କ ପୁସ୍ତକରୁ ତିନିଗୋଟି କବିତା ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟତମ ଅତିଥି ଅବସରପ୍ରାପ୍ତ ପ୍ରାଧ୍ୟାପିକା ରେଣୁବାଳା ଦାସ ଏବଂ ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଷ୍ଣୁ ଚରଣ ଦାସମହାପାତ୍ର କବିତା ଦ୍ୱୟର କବିତା ପାଠ କରି ଛାତ୍ରୀଛାତ୍ରଙ୍କୁ ଦିଗଦର୍ଶନ ଦେଇଥିଲେ । ଅଧ୍ୟାପିକା ପିନାକୀ ପଣ୍ଡା ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଅତିଥିମାନେ କବିତା ପୁସ୍ତକ ଦ୍ୱୟକୁ ଲୋକାର୍ପଣ ହୋଇଥିଲା । ଶେଷରେ ଅଧ୍ୟାପକ ହରେନ୍ଦ୍ର ଗାଣ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜାତୀୟ ରାଜପଥରେ ମନ୍ଥର ଗତିରେ ନିର୍ମାଣ ଚାଲିଛି ସେତୁ

ମାଲକାନଗିର, ୧୪/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲା ଜାତୀୟ ରାଜପଥ ଉପବିଭାଜନ ଦ୍ୱାରା ୯ ଗୋଟି ସେତୁ ନିର୍ମାଣ ଚାଲିଥିବା ବେଳେ ବର୍ଷା ଋତୁ ଯୋଗୁଁ କାର୍ଯ୍ୟ ସ୍ଥଗିତ ଥିଲା। ବର୍ତ୍ତମାନ ବର୍ଷା ଋତୁ ସମସ୍ତ ହୋଇ ଶୀତ ଋତୁ ଆରମ୍ଭ ହୋଇଥିଲେ ମଧ୍ୟ ସେତୁ କାର୍ଯ୍ୟ ଆରମ୍ଭ ହୋଇନଥିବା ଜଣାପଡ଼ିଛି ।ପ୍ରାପ୍ତ ସୂଚନା ଅନୁସାରେ, ବିଳାସପୁର ବ୍ରିଜେଶ ଅଗ୍ରୱାଲ କମ୍ପାନୀ ୫ ଗୋଟି ସେତୁ ନିର୍ମାଣ ଲାଗି ୭୯ କୋଟି ଟଙ୍କାର ଟେଣ୍ଡର ନେଇଥିବା ବେଳେ ୨.୭.୨୦୨୨ ତାରିଖ ଠାରୁ କାର୍ଯ୍ୟ ଆରମ୍ଭ କରି ୩୦.୬.୨୦୨୪ ରେପାଙ୍ଗାମ, ପଟେରୁ, କାଙ୍ଗୁରକୋଣ୍ଡା, ଏମ୍ ଭି-୯୦ ଏବଂ ଏମ୍ ଭି-୯୬ କାର୍ଯ୍ୟ ସମାପ୍ତ ଲାଗି ଚୁକ୍ତିନାମା ସ୍ୱାକ୍ଷର କରିଥିଲା। ବର୍ତ୍ତମାନ ଏହି ନିର୍ମାଣ କାର୍ଯ୍ୟର ସମୟ ସୀମା ଅତିକ୍ରମ କରିଥିଲେ ସୁଦ୍ଧା ମାତ୍ର ୨୫ ପ୍ରତିଶତ କାର୍ଯ୍ୟ ସମ୍ପନ୍ନ ହୋଇ ୭୫ ପ୍ରତିଶତ କାର୍ଯ୍ୟ ବାକି ରହିଛି। ପାଙ୍ଗାମ ସେତୁ ପାଇଁ ଫାଉଣ୍ଡେସନ ଓ ୪ଟି ପିଲର୍ ନିର୍ମାଣ ହୋଇଛି। ପଟେରୁ ସେତୁ ପାଇଁ ୮ ଟି ପିଲର ଆବଶ୍ୟକ ଥିବା ବେଳେ ମାତ୍ର ୨ଟି ପିଲର୍ ନିର୍ମାଣ ହୋଇଛି । ସେହିପରି କାଙ୍ଗୁରକୋଣ୍ଡା, ଏମ୍ ଭି-୯୦ ଓ ଏମ୍ ଭି -୯୬ ଫାଉଣ୍ଡେସନ ଏବଂ ପିଲର୍ ନିର୍ମାଣ ସମାପ୍ତ ହୋଇଥିଲେ ମଧ୍ୟ ଉପର କଂକ୍ରିଟ ଛାତ ବାକି ରହୁଛି। ସେହିପରି ଶିବଶକ୍ତି ଇଂଜିନିୟରିଂ ୱାର୍କ ବିଜାପୁର ୪ ଟି ସେତୁ ନିର୍ମାଣ ଲାଗି ୩୭ କୋଟି ଟଙ୍କାର ଟେଣ୍ଡର ନେଇଥିବା ବେଳେ ୨୦.୫.୨୦୨୩ ରୁ କାର୍ଯ୍ୟ ଆରମ୍ଭ କରି ୧୮.୫.୨୦୨୫ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ଚୁକ୍ତିପତ୍ର ସ୍ୱାକ୍ଷର କରିଛି। ଅଁଳା ଯୋଡି, ଏମ୍ ଭି-୭, ଏମ୍ ଭି -୧୯ ଏବଂ ମହାରାଜା ପଲ୍ଲୀ ଠାରେ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ଏମ୍ ଭି-୭ ଏବଂ ଏମ୍ ଭି -୧୯ ଠାରେ ଫାଉଣ୍ଡେସନ ଓ ପିଲର୍ କାର୍ଯ୍ୟ ଶେଷ ହୋଇଛିକିନ୍ତୁ ଅନ୍ୟ ସେତୁ କାର୍ଯ୍ୟ ଆରମ୍ଭ ହୋଇ ନାହିଁ। ଅଁଳା ଯୋଡି ଏବଂ ମହାରାଜାପଲ୍ଲୀ ସେତୁ ନିର୍ମାଣ ଲାଗି ବୃକ୍ଷ ଛେଦନ ଲାଗି ବନ ବିଭାଗ ଅନୁମତି ପ୍ରଦାନ କରିନଥିବା ଜଣାପଡ଼ିଛି। ଏଠାରେ ୨୫ ପ୍ରତିଶତ କାର୍ଯ୍ୟ ସମ୍ପନ୍ନ ହୋଇ ଥିବା ବେଳେ ୭୫ ପ୍ରତିଶତ କାର୍ଯ୍ୟ ବାକି ରହିଛି। ସେତୁ ନିର୍ମାଣ ଲାଗି ବେସରକାରୀ ଜମି ଯଥାକ୍ରମେ ୧୭.୧୨୪ ହେକ୍ଟର ଏବଂ ୬.୨ହେକ୍ଟର ଆବଶ୍ୟକ ହେଉଥିବାରୁ ସରକାର ୧୯.୭୨ କୋଟି ଏବଂ ୧୨.୬୨ କୋଟି ଜମି କ୍ଷତିଗ୍ରସ୍ତଙ୍କୁ ପ୍ରଦାନ କରାଯାଇଛି। ସେହିପରି ୬୮୮ ଗୋଟି ବୃକ୍ଷ ଛେଦନ କରାଯାଇ ଓଡ଼ିଶା ଫରେଷ୍ଟ କର୍ପୋରେସନଙ୍କୁ ବୃକ୍ଷ ରୋପଣ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ତଥାପି ଏହି ସମସ୍ତ ସେତୁ ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳିନ ଭିତିରେ ନ ହେବା ଯୋଗୁଁ ବର୍ଷା ଋତୁରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି।

# ପରଂପରାରେ ବୋଇତ ବନ୍ଦାଣ

ବିପିନ ବିହାରୀ ମହାନ୍ତି



ଏକଦା ପ୍ରାଚୀନ କଳିଙ୍ଗ ଦେଶ ସମଗ୍ର ବିଶ୍ୱରେ ନୌବାଣିଜ୍ୟ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିଲା। ଏଇ ମାଟିର ସାଧବ ପୁଅମାନେ ସମୁଦ୍ର ସେପାରି ଦେଶମାନଙ୍କରୁ ଧନ ସଂପଦ ବୋହିଆଣି, ଏ ଦେଶକୁ ସମୃଦ୍ଧ କରୁଥିଲେ। ଏ ଦେଶର ସୌଖୀନ ପଦାର୍ଥ ବଳକା ସଂପଦ ନେଇ ସେ ଦେଶମାନଙ୍କରେ ତାହାକୁ ବିକ୍ରୟ କରି ଲାଭବାନ୍ ହେଉଥିଲେ।

ଚୀନ ପରିବ୍ରାଜକ ହୁଏନସାଂ (୬୩୯ ଖ୍ରୀଷ୍ଟାବ୍ଦ)ଙ୍କ କଙ୍ଗୋଦ ବିବରଣୀରୁ ଜଣାଯାଏ ଯେ ସାଧବ ପୁଅମାନେ ବୋଇତ ନୌଭେଳାରେ ସୁଦୂର ସୁବର୍ଣ୍ଣଭୂମି (ବ୍ରହ୍ମଦେଶ), ଶ୍ୟାମ (ଥାଇଲାଣ୍ଡ), ତାମ୍ରପର୍ଣ୍ଣ (ସିଂହଳ), ଯବଦୀପ (ଜାଭା), କମ୍ବୋଜ (କାମ୍ବୋଡ଼ିଆ), ବୋର୍ଣ୍ଣିଓ (ବରୁଣ), ସ୍ୱର୍ଣ୍ଣଦୀପ (ସୁମାତ୍ରା) ଓ ବଳୀଦୀପ (ବାଲି) ଇତ୍ୟାଦିକୁ ଯାତ୍ରା କରୁଥିଲେ। ସେତେବେଳେ କଳିଙ୍ଗର ସାଧବପୁଅମାନେ ଖୁବ୍ ଦୁଃସାହାସୀ ଥିଲେ ଏବଂ ନୌଚାଳନାରେ ଦକ୍ଷଥିଲେ। ଏମିତିକି ସମୁଦ୍ର ବକ୍ଷରେ ସେମାନେ ଆଫ୍ରିକା, ରୋମ, ଏବଂ ଚୀନ ଇତ୍ୟାଦି ଅଞ୍ଚଳକୁ ଖେଦି ଯାଇଥିଲେ। ଏହି ସମୁଦ୍ରିକ ବାଣିଜ୍ୟର ଉଦ୍ଦେଶ୍ୟ ଦୁଇଟି ଥିଲା। ପ୍ରଥମତଃ ବ୍ୟବସାୟ ବା ବାଣିଜ୍ୟ କରିବା ଏବଂ ଦ୍ୱିତୀୟଟି ଉପନିବେଶ ସ୍ଥାପନ କରିବା। ଅଦ୍ୟାବଧି ମ୍ଧ ଭାରତୀୟ ବଂଶୋଦ୍ଭବମାନେ ଏହି ସ୍ଥାନମାନଙ୍କରେ ଦେଖାଯାଆନ୍ତି ଏବଂ ଏହି ସ୍ଥାନମାନଙ୍କରେ ଭାରତୀୟ ଅଥବା ଉତ୍କଳୀୟ ସଂସ୍କୃତିର ଛାପ ସ୍ୱରୂପ ମନ୍ଦିର, ସ୍ତୁପ ଓ କୀର୍ତ୍ତିରାଜି ମୂକସାକ୍ଷୀରୂପେ ପଥର ଗର୍ଭରେ ଛିଡ଼ା ହୋଇଛନ୍ତି। କେବଳ ସେ ଯୁଗର ବାଣିଜ୍ୟ ନାହିଁ କି ସେ ଦେଶଗୁଡ଼ିକର ନାଁ ମ୍ଧ ତାହା ନାହିଁ, ଯେମିତି ଇଣ୍ଡୋନେସିଆ କହିଲେ ସେ କାଳର ଜାଭା, ବୋର୍ଣ୍ଣିଓ, ବାଲି ଏବଂ ମାଳୟ ଇତ୍ୟାଦି ଦୀପମାନଙ୍କୁ ବୁଝାଏ।

ପ୍ରାଚୀନ କଳିଙ୍ଗର ନୌବାଣିଜ୍ୟ ପ୍ରକୃତରେ କେବେଠୁ ଆରମ୍ଭ ହୋଇଥିଲା ତା'ର ସଠିକ୍ ହିସାବ ଦେଇ ନପାରିଲେ ବି ଏହା ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦୀ ପୂର୍ବରୁ ବୋଲି ଧରାଯିବ। କାରଣ ଅଶୋକ ଖ୍ରୀ.ପୂ. ୨୬୧ରେ କଳିଙ୍ଗ ଆକ୍ରମଣ କରିଥିଲେ ଏବଂ ସେତେବେଳେ କଳିଙ୍ଗ ନୌବାଣିଜ୍ୟରେ ପ୍ରଶସ୍ତି ଲାଭ କରିଥିଲା। କଙ୍ଗୋଦ ରାଜ୍ୟକୁ ନେଇ ହୁଏନସାଂଙ୍କ ବିବରଣୀ, ଶୈଳୋଦ୍ଭବୀ ଶାସକ ମାଧବ ବର୍ମାଙ୍କ ଗଞ୍ଜାମ ତାମ୍ରଲିପି, ଟଲେମିଙ୍କ ୨ୟ ଶତାବ୍ଦୀର ଭୂଚିତ୍ର, ରସକଲ୍ଲୋଳରେ ଦୀନକୃଷ୍ଣ, ଶାରଳା ଦାସଙ୍କ ସଭାପର୍ବ, ଦାଣ୍ଡିରାମାୟଣ, ଉପେନ୍ଦ୍ର ଭଞ୍ଜଙ୍କ ଲାବଣ୍ୟବତୀ ଯାଏଁ ନେଇ ବିଚାର ବିମର୍ଷ କଲେ ଜଣାଯାଏ ଯେ ଏହା ବହୁପୁରାତନ ଏବଂ ସାମୁଦ୍ରିକ ବାଣିଜ୍ୟର ବନ୍ଦର ସୀମାରେଖା, କରମଣ୍ଡଳ ଉପକୂଳ ବା ପୂର୍ବ ଭାଗରେ (ଗଙ୍ଗାଠାରୁ ଗୋଦାବରୀ) ଯାଏଁ ବିସ୍ତୃତ ଥିଲା ଯେତେବେଳେ ଚିଲିକାର ଉତ୍ପତ୍ତି ନଥିଲା। ଅବଶ୍ୟ ପରବର୍ତ୍ତୀ ସମୟରେ ଏକ ପ୍ରାକୃତିକ ବିପର୍ଯ୍ୟୟରୁ ଚିଲିକାର ସୃଷ୍ଟିହେଲା ଏବଂ ଚିଲିକାର ବକ୍ଷରେ ବାଣିଜ୍ୟତରୀମାନେ ମଗର ମୁହାଣ ଦେଇ ସମୁଦ୍ରକୁ ନିଷ୍କ୍ରାନ୍ତ ହେଲେ।

ଏହି ଉପକୂଳରେ ମୁଖ୍ୟ ବନ୍ଦରମାନେ ହେଲେ : ମୌସଲିଆ (ମୁସଲିପଟମ୍), କୋନାଗର (କୋଣାର୍କ ନଗର), କଳିଙ୍ଗପତ୍ତନମ୍, ପାଲୁର ବା ଦନ୍ତପୁର , ଚେଇତାଳ (ଚିଲିକା), ବଡ଼କୂଳ, ପୁରୀ, ପିପିଲି, ହିଜିଳି, ଧାମଣା, ଆଧୁନିକ ଗୋପାଳପୁର, ଏବଂ ଅନ୍ୟମାନଙ୍କ ମ୍ଧରେ ରଙ୍ଗଣୀ, ବାଲେଶ୍ୱର, ତାମ୍ରଲିପି, ଛୁନୁସ୍ୱା, ଲଛମନପୁର, କୁରାସନ୍, ମାଛଗାଁ, ତଥା ବାଣିଜ୍ୟ ପେଣ୍ଠ ଭାବରେ ବୈଦେଶ୍ୱର, କଂଟିଲୋ, ପଦ୍ମାବତୀ, କଟକ, ସମ୍ବଲପୁର, ଯାଜପୁର ଏବଂ ସୋନପୁର ଇତ୍ୟାଦି ଯେଉଁଠୁ ନଦୀ ସାହାଯ୍ୟରେ ଦ୍ରବ୍ୟମାନ ବନ୍ଦରକୁ ଯାତାୟତ କରୁଥିଲା।

ମୁଖ୍ୟ ରପ୍ତାନୀ ଦ୍ରବ୍ୟମାନଙ୍କ ମ୍ଧରେ ଥିଲା ସୌଖୀନ ବସ୍ତ୍ର, ପାଟ, ମଠା, ହାତୀଦାନ୍ତ, ଶିଙ୍ଗ, ଚାନ୍ଦୁଆ, ସୌଖୀନ ବଟୁଆ, ସରୁ ଚାଉଳ ଓ ଅନ୍ୟାନ୍ୟ ବଳକା ଖାଦ୍ୟ ସାମଗ୍ରୀ ତଥା କାଠୋପକରଣ ଇତ୍ୟାଦି। ଆମଦାନୀରେ ଥିଲା : ପୋହଳା, ମଣି, ମାଣିକ୍ୟ, ମୁକ୍ତା, ହୀରା, ନୀଳା, ଅଙ୍ଗ, ଯବ, ଶଙ୍ଖ, କୁଶ, ଜରାପୁଂଜି ଏବଂ ଏମିତି ଅନେକ କିଛି ଯାହାକି ଏ ଦେଶକୁ ଆର୍ଥିକ ସମୃଦ୍ଧିରେ ସାହାଯ୍ୟ କରୁଥିଲା। ଉତ୍କଳ/ଭାରତ ଯେଉଁ ଦେଶଗୁଡ଼ିକ ସହିତ ବଣିଜ କରୁଥିଲା, ସେଗୁଡ଼ିକ ପ୍ରାଚୀନ କଳିଙ୍ଗ ତଥା ଏବେକାର ଓଡ଼ିଶାର ଦକ୍ଷିଣ ପଶ୍ଚିମରେ ଅବସ୍ଥିତ। ସେତେବେଳେ ବୋଇତଗୁଡ଼ିକର ଗତି ଓ ବେଗ ପବନ ଉପରେ ହିଁ ନିର୍ଭର କରୁଥିଲା। ସେହିପରି କୋଉ ଦେଶକୁ ଯିବା ବା ଫେରିବା ନିୟନ୍ତ୍ରିତ ହେଉଥିଲା। ପବନର ଗତି ସୂର୍ଯ୍ୟଙ୍କର ସ୍ଥିତି ବା ପୃଥିବୀର ଗତି ଦ୍ୱାରା ପରିଚାଳିତ। ସୂର୍ଯ୍ୟଙ୍କର ସ୍ଥିତି ବା ଅବାସ୍ତବ ଗତି ଅନୁସାରେ ଆ, କା, ମା, ବୈ (ଆଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ) ଅୟନକାଳ ଭିନ୍ନ। କାର୍ତ୍ତିକ ମାସରେ ଏହି କାରଣରୁ ଉତ୍ତର ପୂର୍ବରୁ ପବନ ବୋହିବା 'ଳରେ ଦକ୍ଷିଣ ପଶ୍ଚିମକୁ ବୋଇତ ମେଲିବା ଉତ୍ତମ ଅଟେ। ପ୍ରକୃତରେ ବୋଇତ ପ୍ରସ୍ତୁତି ତଥା ତା' ପ୍ରତି ପୂଜା ଓ ଦୀପଦାନ ଇତ୍ୟାଦି ଦୀପାବଳୀ ପରଦିନଠୁ ଚାଲିଥାଏ। ଯେହେତୁ କାର୍ତ୍ତିକ ଏକ ଧର୍ମମାସ ଏବଂ କାର୍ତ୍ତିକ ପୂର୍ଣ୍ଣିମା ଏକ ଶ୍ରେଷ୍ଠ ଶୁଭଦିନ, ସେହିଦିନ ବୋଇତ ବନ୍ଧାପନା, ପୂର୍ବକ ଶୁଭମନାସୀ ମେଲି ଦିଆଯାଏ। ସେତିକିବେଳେ କଳିଙ୍ଗ ଦେଶର ପାନ ଓ ଜାଭାଦୀପର ଗୁଆ ପ୍ରଥମେ ଗଙ୍ଗାମାତାଙ୍କୁ ଉତ୍ସର୍ଗ କରାଯାଇ ପ୍ରାର୍ଥନା କରାଯାଏ : ଆ,କା,ମା, ଭୈଃ ଅର୍ଥାତ୍ ମା' ଗଙ୍ଗାମାତା, କାର୍ତ୍ତିକ ଠାରୁ ଫେରନ୍ତା ଆଷାଢ଼ଯାଏଁ ମାଘ, ଓ ବୈଶାଖ ଧରି ସାଧବପୁଅମାନଙ୍କୁ ବରାଭୟ ପ୍ରଦାନ କରି ଘଣ୍ଟା ଘୋଡ଼ାଇ ରଖ।

ଦକ୍ଷିଣ ପଶ୍ଚିମ ଦିଗରୁ ପବନ ବହିଲେ ସେ ଦେଶଗୁଡ଼ିକରୁ ବୋଇତ କଳିଙ୍ଗ ଫେରେ ଏବଂ କେମିତି ହେଲେ ଭାଦ୍ରବଶେଷ ରବିବାର ସୁଧା ଫେରିବାକୁ ହୁଏ। ଏହାକୁ ଦକ୍ଷିଣ - ପଶ୍ଚିମ ମୌସୁମୀ ବାୟୁକାଳ (ଜୁନ୍ ଠାରୁ ସେପ୍ଟେମ୍ବର) କୁହାଯାଏ। ସାଧବପୁଅମାନଙ୍କର ଏହି ଫେରିବାକାଳ ଓ ବୋଇତ ବନ୍ଦାଣର ସାଂକେତିକ ସ୍ମୃତି ସହିତ ଜଡ଼ିତ ଆମର ଭାଦ୍ରବ ମାସର ପାଳିତ ହେଉଥିବା ତଅପୋଇ ଓଷା।

ଅନୁମାନରୁ ଜଣାଯାଏ ଯେ ପ୍ରାଚୀନ ଓଡ଼ିଶାର ଏ ନୌବାଣିଜ୍ୟ ଉତ୍ଥାନରୁ କ୍ରମଶଃ ଖସିଖସି ଶୋଡଷ ଶତାବ୍ଦୀବେଳକୁ ଏହାଠପ୍ ହୋଇଗଲା। ଏ ପତନର ବିଭିନ୍ନ କାରଣକ ନେଇ ବିଚାରକଲେ ଜଣାଯାଏ ଯେ ପ୍ରକୃତରେ ପ୍ରତିକୂଳସ୍ଥିତି, ରାଜକୀୟ ଇଚ୍ଛାଶକ୍ତି ଓ ପୃଷ୍ଠପୋଷକତାର ଅଭାବ, ଜଳଦସ୍ୟୁମାନଙ୍କ ଲୁଣ୍ଠନ, ପର୍ତ୍ତୁଗୀଜ, କୋମ୍ପାଡ଼ିଆଙ୍କ ଆକ୍ରମଣ, ବିଦେଶୀ ବାଣିଜ୍ୟର ପ୍ରଭାବ, ସାମୁଦ୍ରିକ ଝଡ଼ର ଅହଂକାର ଏବଂ ପରିଶେଷରେ ମରହଟ୍ଟା, ମୁସଲମାନ ଓ ଇଂରେଜମାନଙ୍କ ଏ ଦେଶରେ ପ୍ରଭାବ ଓ ବାଣିଜ୍ୟ ବିସ୍ତାର।

ତେବେ ଏକଥାତ
ନିଶ୍ଚେ ମନେଥିବ :
ବହିତ୍ର ଲାଗିଲା ଯାଇ
ସିଂହଳ ଦୀପରେ
ସାଧବ ଯୁବତୀଗଣ
ଅତି ପ୍ରମୋଦରେ....।।
... କରିଛି ସେ ସିଂହଳରୁ
ମୁକ୍ତା ଆନୟନ।।

ଗତସ୍ୟ ଶୋଚନା ନାସ୍ତି। ତଥାପି କାର୍ତ୍ତିକ ପୂର୍ଣ୍ଣିମାର ପ୍ରାତଃ ଶୁଭ ଅବସରରେ କଦଳୀ ପଟୁକାରେ ପାନ, ଗୁଆ, ମୁଗ, ବିରି, ଇତ୍ୟାଦି ଥୋଇ ଦୀପଜାଳି ଧର୍ମ ଡଙ୍ଗା ଛାଡ଼ି ସ୍ମୃତି ଚାରଣ କରୁଛୁ:

ଆ, କା, ମା, ଭୈଃ/ବୈ,
ଗୁଆ ପାନ ଥୋଇ
ଗୁଆପାନ ଯାକ ତୋର;
ମାସକ ଧର୍ମ ମୋର।।

ଶେଷ ପଦଟି ନିର୍ଦ୍ଦିଷ୍ଟ ଭାବରେ ବହିଷ୍ୟାଳିଙ୍କୁ ବୁଝାଇଲେବି, ମୁଖ୍ୟତଃ ସଂପୂର୍ଣ୍ଣ ଅର୍ଥଟି ନୌ ବାଣିଜ୍ୟର ସ୍ମୃତି ଚାରଣ। କଟକର ବାଲିଯାତ୍ରା ବୋଇତ ବନ୍ଦାଣ ଦୃଷ୍ଟିରୁ ବିଶେଷ ଗୁରୁତ୍ୱପୂର୍ଣ୍ଣ ନୁହେଁ। କାରଣ ବୋଇତ ଯାତ୍ରା କେବଳ ବାଲିଦୀପକୁ ହେଉନଥିଲା କି କେବଳ କଟକରୁ ନଥିଲା। ଏହା ସମଗ୍ର କଳିଙ୍ଗ ବନ୍ଦରମାନଙ୍କରୁ ହେଉଥିଲା। ପୁନଶ୍ଚ ଏହା ବାଲିଦୀପ ନୁହେଁ, ବାଲୀଦୀପ। ତେବେ ଚୈତନ୍ୟଙ୍କ (୧୫୧୦-୧୫୩୩) ଆଗମନକୁ ନେଇ ଗଡ଼ଗଡ଼ିଆ ଘାଟରେ ବାଲିରେ ଯେଉଁ ମହାସଂକୀର୍ତ୍ତନ ହୋଇଥିଲା ଏବଂ ତାଙ୍କୁ ସାକ୍ଷୀ ଗୋପିନାଥଙ୍କ ଦର୍ଶନାର୍ଥେ ଯେଉଁ ସ୍ୱାଗତ କରାଯାଇଥିଲା, ଏହାଥିଲା ଏକ ଯାତ୍ରା। ହୋଇପାରେ ଏହା ସେଦିନ ଥିଲା କାର୍ତ୍ତିକପୂର୍ଣ୍ଣିମା। ଏ ଦୃଷ୍ଟିରୁ କଟକର ବାଲିଯାତ୍ରା ଚୈତନ୍ୟଙ୍କର ସ୍ମୃତି ଚାରଣ ପାଇଁ ଅଧିକ ସମୀଚୀନ ହୋଇପାରେ; କିନ୍ତୁ ନୌବାଣିଜ୍ୟ କାରଣରୁ ନୁହେଁ।

ସ୍ମୃତି ଦୁଃଖଦ ଅଥଚ କେତେ ମଧୁର!

+ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ
ପାଠାଗାର,ଜଟଣୀ
ମୋ : ୯୯୩୮୩୪୪୧୩୮

# ଉତ୍କଳୀୟ ପରମ୍ପରାରେ କାର୍ତ୍ତିକ ପୂର୍ଣ୍ଣିମାର ମହାତ୍ମ୍ୟ

ସୌମେନ୍ଦ୍ର କୁମାର ଦାଶ



ପବିତ୍ର କାର୍ତିକ ମାସ ଦାନ, ଧର୍ମ, ଭକ୍ତି ତଥା ଓଡ଼ିଆ ଜାତିର ଗୌରବଗାଥାର ସ୍ମାରକୀ କାର୍ତିକ ପୂର୍ଣ୍ଣିମା/ ରାସ ପୂର୍ଣ୍ଣିମା/ ରାହାସ ପୂର୍ଣ୍ଣିମା ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଓ ପରମ୍ପରାରେ ମହାକାର୍ତିକ ଅତ୍ୟନ୍ତ ପୂଣ୍ୟ ପର୍ବ ଭାବେ ପରିଚିତ । କାର୍ତିକ ମାସ ମୁଖ୍ୟତଃ ଶିବଙ୍କ ମାସ । ମାସର ୪ଟି ସୋମବାର ଓ ପୂର୍ଣ୍ଣିମା ଦିନ ଶିବଙ୍କୁ ଆରୋଧନା କରାଯାଏ । କାର୍ତିକ ମାସର ଶେଷ ୫ ଦିନ ବକ ପଂଚମୀ ବା ପଂଚୁକ କୁହାଯାଏ । ବୈଷ୍ଣବ ବିଧବା ମାନେ ଏହି ବ୍ରତକୁ ଅତି ନିଷ୍ଠାର ସହ ପାଳନ କରନ୍ତି । ଏହି ମାସ ପରି ପବିତ୍ର ଓ ମହାପଂଚକ ପରି ଶ୍ରେଷ୍ଠ ବ୍ରତ ଅନ୍ୟ ମାସରେ ନାହିଁ । ସେଥିପାଇଁ ଯଥାର୍ଥରେ କୁହାଯାଏ "ନ କାର୍ତିକ ସମୋ ନ ବ୍ରତ ପଂଚକାତ ପରଃ" ।

ରସିକ ଶେଖର ଚୁଡ଼ାମଣି, ରସମୟ ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା ଅଲୌକିକ । କାର୍ତିକ ପୂର୍ଣ୍ଣିମା ଦିନ ରାସଲୀଳା ସମାପନ ହୁଏ ତେଣୁ ଏହାକୁ ରାହାସ ପୂର୍ଣ୍ଣିମା ବା ରାସ ପୂର୍ଣ୍ଣିମା କୁହାଯାଏ । ପୁଣି ଏହି ମାସରେ ପଡ଼େ ଅଁଳା ନବମୀ (ରାଧାପାଦ ଦର୍ଶନ) ଓ ରାଇଦାମୋଦର ବ୍ରତ । ଗୁରୁପୂର୍ଣ୍ଣିମା ଭାବରେ ମଧ ଏହି ପୂର୍ଣ୍ଣିମା ପ୍ରସିଦ୍ଧ । ସଂକିର୍ତନ ଯାତ୍ରା, ଅଷ୍ଟଶମ୍ଭୁ, ଅଷ୍ଟପ୍ରହରୀ, ଆକାଶଦୀପ, କାର୍ତିକ ସ୍ନାନ, ରାମଚରିତ ମାନସ ପ୍ରବଚନ, କାର୍ତିକ ମାହାତ୍ମ୍ୟ ପଠନ ଓ ଚଉରା ପୂଜା ଆଦି ଏକ ପବିତ୍ର ବାତାବରଣ ସୃଷ୍ଟି କରିଥାଏ । ମାସସାରା ଲୋକମାନେ ଆମିଷ ଭୋଜନ ତ୍ୟାଗ କରିଥାନ୍ତି । ଏହି ମାସରେ ଧାର୍ମିକ ନିୟମ ପାଳନଦ୍ୱାରା ପୂଣ୍ୟଫଳ ପ୍ରାପ୍ତ ହୁଏ ବୋଲି ଉତ୍କଳୀୟଙ୍କ ଧର୍ମ ବିଶ୍ୱାସ ରହିଛି ।

ଏହି ପୂର୍ଣ୍ଣିମାର ଐତିହାସିକ, ସାଂସ୍କୃତିକ ବୈଶିଷ୍ଟ୍ୟ ହେଉଛି – ବୋଇତ ବନ୍ଦାଣ ଉତ୍ସବ ଯାହାକି ପ୍ରାଚୀନ ଉତ୍କଳର ଗୌରବମୟ ନୈବାଣିଜ୍ୟର ସ୍ମୃତିକୁ ମନେ ପକାଇବା ପାଇଁ ଆବାଳ ବୃଦ୍ଧ ବନିତା ବୋଇତ ଭଷାଇଥାନ୍ତି । "ଆ-କା-ମା-ଭୈଃ, ପାନ ଗୁଆ ଥୋଇ, ପାନ ଗୁଆ ତୋର, ମାସକ ଧରମ ମୋର ।" ଆ- ଆଷାଢ଼, କା-କାର୍ତିକ, ମା-ମାଘ ଓ ଭୈଃ – ବେଦ ଅନୁସାରେ ଭୟ ନକରିବା । ଆଷାଢ଼ରୁ ମାଘ ଯାଏଁ ବୋଇତ ଚାଲିବ, ଆମେ ଫେରି ଆସିବୁ, ଭୟ କରିବାର ନାହିଁ । ବୋଇତ ଭଷାଣି ଉତ୍ସବକୁ ଆଧାର କରି ଓଡ଼ିଶାରେ ଓଷା ବ୍ରତ ବି ପାଳନ କରାଯାଏ, ଯେପରି ଖୁଦୁରୁକୁଣି ଓଷା ଆମ ସାଂସ୍କୃତିକ ଜୀବନକୁ ରିଦ୍ଧିମନ୍ତ କରିଛି । ଏଣୁ ଯଥାର୍ଥରେ କାର୍ତିକ ପୂର୍ଣ୍ଣିମା ସବୁ ଦୃଷ୍ଟିରୁ ଯେପରି ସାମାଜିକ, ସାଂସ୍କୃତିକ, ଐତିହାସିକ ଓ ଧର୍ମଗତ ଭାବନାରେ ପରିପୂର୍ଣ୍ଣ ।

ଅଧ୍ୟାପକ, ଉଦଳା ମହାବିଦ୍ୟାଳୟ,
ମୋ- ୯୪୩୮୨୯୪୩୨୭

# ସ୍ମୃତିରେ ଗାଁ ଓ କାର୍ତ୍ତିକ ପୂର୍ଣ୍ଣିମା

ବାଦଲ ଭୂୟାଁ

ଏବେ ମୋ ଗାଁଠୁ ସହରର ଜାମସେଦପୁର ମୋ ଓଡ଼ିଶାଠୁ ଅନେକ ଦୂରରେ। ଗାଁର ସ୍ମୃତି ସବୁ ଆଖି ସାମ୍ନାରେ ଜଳଛବି ପରି ଦିଶିଯାନ୍ତି। ହାଇସ୍କୁଲ ପରୀକ୍ଷା ସାରି ୧୯୮୨ ମସିହାରୁ ମୁଁ ଲୌହନଗରୀ ଜାମସେଦପୁର ନସଇଓ୍ୱାନଜୀ ଟାଟାଙ୍କ ସ୍ୱପନ୍ନର ସହର ଟାଟା ନଗର ଠାରେ ଅବସ୍ଥାପିତ। ମତେ ମିଶେଇ ଏହା ମୋର ତିନି ପିଢ଼ି। ମୋ ଜେଜେ ଗୋପୀନାଥ ଭୂୟାଁ, ମୋ ବାପା ଗୌରହରି ଭୂୟାଁ, ଦାଦା ପ୍ରଫେସର ରମେଶ ଚନ୍ଦ୍ର ଭୂୟାଁ, ମୋ ବଡ଼ ଦି'ଭାଇ ଶଶିଭୂଷଣ ଓ ବିଧୁଭୂଷଣଙ୍କ ସହିତ ମୋର ଏ ସହରର ବୃତ୍ତିଗତ ଜୀବନ ଅଦ୍ୟାବଧି ଚାଲିଛି। ଓଡ଼ିଶାଠୁ ଶହ ଶହ ମାଇଲ ପାର ହୋଇ ଯେତେବେଳେ ମୁଁ ଏ ସହରକୁ ଆସିଲି ସେତେବେଳେ ସବୁ ଜିନିଷ ସବୁ ମଣିଷ ଗଳି, କନ୍ଦି, ବଜାରଘାଟ ସବୁଥିଲା ନିଆରା ଓ ଅଲଗା। ଆମ ଗାଁ ତୋଟାପଡ଼ା ଜଗତସିଂହପୁର ଜିଲ୍ଲା ସଦରମହକୁମାଠୁ ଅଳ୍ପ କେଇ କିଲୋମିଟର ଦୂରର ଏକ ଗାଁ। ଏଇ ଗାଁରେ ବହି ଯାଇଛି ଅଳକା ନଈ, ବାରଙ୍ଗ ପୀଠ, ଆମ୍ବ ପୁନାଙ୍ଗ ଘେରା ସବୁଜ ବନର ପରିବେଷ୍ଟନି ମୋ ବାଲ୍ୟତ ଜୀବନ ଓ ପୁରୁଣା ଦିନ ସବୁ ମନକୁ ମନ ଆସି ଯାଆନ୍ତି। ଗାଁ ଚାରିପଟେ ଧାନ ବିଲ, କଜଳ ପାତି, କୁମ୍ଭାଟୁଆ, କାଉ, କୋଇଲି କଳରବ ମତେ ବାରମ୍ବାର ଆନମନା କରନ୍ତି, ଗାଁ ମନସ୍କ ମଣିଷଟିଏ କରି ଦିଅନ୍ତି। ଏଇ ଗାଁର ଚୌହଦି ଯେମିତି ମୋ ଭିତରେ ଘର କରି ମତେ ସବୁବେଳେ ସେମାନଙ୍କ ସମୋହନ ଆନମନା କରନ୍ତି ଅହରହ। ଏଇ କାର୍ତ୍ତିକ ମାସର ଶୁଭ ଲଗ୍ନରେ ଗାଁର ସବୁ ଆଇମା, ଜେଜେ ମା, ବଡ଼ ବୋଉ, ଖୁଡ଼ି, ଦାଦା, ମାଉସୀ, ମଉସା, ମୋ ସମବୟସୀ ସାଙ୍ଗ ସେମାନଙ୍କଠୁ ବଡ଼ ଅବା ସାନ ସମସ୍ତଙ୍କ କଥା ମନକୁ ଚାଲିଆସେ। କାର୍ତ୍ତିକ ପୂର୍ଣ୍ଣିମା ଦିନ ବଡ଼ି ଭୋରରୁ ଗାଁ ପୋଖରୀରେ କଦଳୀ ପାଟୁଙ୍ଗା ବା ସୋଲଡଙ୍ଗା ଭସା, ଭୋଗରାଗ, ସଞ୍ଜ ସଳିତା, ଆକାଶଦୀପ ଜଳିବା ପାଇଁ ମୃଗସିଙ୍ଗ ବା ସଗଡ଼ି ତା ଉପରେ ଚଢ଼େଇ ନବସିବା ପାଇଁ କଣ୍ଟାଗଛର ଝଟା। ଆକାଶ ଦୀପରେ ଆଶାର ସଳିତା, ପୂର୍ବପୁରୁଷଙ୍କୁ ସଞ୍ଜବତୀ ଏଇଥିରେ ପଞ୍ଚୁକରେ ଦୀପ ଓ ଚଉରା ମୂଳେ ନିତି ସକାଳେ ସଞ୍ଜେ ମୁରୁଜ ଓ ପୂଜନ ପୁଣି ରାହାସ ଗାୟନ ମନ ଭିତରେ ଅଫୁରନ୍ତ ପୁଲକ। ଆମ ଗାଁର ଗୋପୀନାଥ (ଗୁଗୁଲା) ଘରେ ରାହାସର ପଞ୍ଚରଙ୍ଗୀ କାଗଜରେ ସଜା ଯାଇଥିବା ଠାକୁର ଘର, ଭଜନ, କୀର୍ତ୍ତନର ପରିବେଶ, ବାରଙ୍ଗ ଗୋସେଇଁଙ୍କ ଠାରେ ନିତି ନିୟମର ପୂଜା, ମନ୍ତ୍ରର ମହକ, ଆକାମା.ଭୈ... ପାନଗୁଆ....ଖାଇ....ପାନଗୁଆ ତୋର...... ମାସକ ଧର୍ମ ମୋର.....ର କଥା କେଇପଦ ମତେ ମୋ ଗାଁକୁ ମୋ ସାଙ୍ଗ ମାନଙ୍କ ପାଖକୁ ନେଇଯାଏ। ମୋ ସ୍କୁଲ ଜୀବନ କଥା ହଟକେଶ୍ୱର ମହାଦେବ ଦେଇ ଜଗନ୍ନାଥ ଉପ୍ରା ସ୍କୁଲକୁ ଯିବା କିମ୍ବା ସୋମନାଥ ବିଦ୍ୟାପୀଠ ସ୍କୁଲ ଯିବା ବାଟରେ ଗହିର ବଲର ସମ୍ମୋହନ ମାୟା ମୋତେ ଅନ୍ୟ ମନସ୍କ କରେ। ସ୍ମୃତିର ଆର୍ସିରେ ସବୁ କାଲି ସକାଳର କଥାପରି ଲାଗେ ମୋର ପୁରୁଣା ଦିନ, ସ୍କୁଲ ବେଳର ସ୍ୱର୍ଣ୍ଣିମ ମୁହୂର୍ତ୍ତ। ଏବେ ସବୁଆଡ଼େ ଫୁଲ ଫଳର ସମ୍ଭାରରେ ମହମହ ବାସ୍ନା ବାଉଳା କରୁଥିବା ପ୍ରତିଟି ଘର, ସବୁ ଗାଁ ଦାଣ୍ଡ। ହେନା ଓ ଗଙ୍ଗଶିଉଳିର ଭୁରୁଭୁରୁ ବାସ୍ନା, ଟୁପଟାପ କାକରର ଗପ, ଗାଁ ମଶାଣିରେ ଅରଖ ଦୁଦୁରା ଗଛର ସିରସିର୍ ଯେମିତି ଲାଗୁଥିବ ବାପାବୋଉ ଆଉ ପୂର୍ବଜଙ୍କ ଗପର ସରସ ମୁହୂର୍ତ୍ତ ଏଇ କାର୍ତ୍ତିକ ମାସ। ଏଇ ମାସ ପରେ ପୂର୍ବଜମାନେ ଫେରିଯିବେ ନିଜ ନିଜ ସ୍ଥାନ। ୟା ପରେ ଧାନକଟା ବେଳ। ବିବାହ, ପୂଜନର ପ୍ରକୃଷ୍ଟ ସମୟ।

ଏବେ ସ୍ମରଣରେ ଫେରେ ଗାଁର ବହଳ ଅନ୍ଧାର, କୋଇଲି ସୂତା, କୋଇଲି ପାରୁଡ଼ା ଆମ୍ବ, କଳା ସିଲଟକୁ ପାଣିକନାରେ ପୋଛି କୂଅ ପାଣି କୂଅକୁ ଯା' ମୋ ସିଲଟ ସୁଖିଯାର ଅପ୍ତବାକ୍ୟ କହିବାର ନିଟୋଳ ମୁହୂର୍ତ୍ତ, ସବୁ ମୋତେ ଅନ୍ୟ ମନସ୍କ କରନ୍ତି ତାଙ୍କରି ପଛରେ ମୁଁ ଏମିତି ଦୋଉଡୁ ଥାଏ ସ୍ୱପ୍ନ ପଛରେ ଦଉଡିଲା ପରି। ଏବେ ଆମ ଗାଁ ଓ ମୋ ରାଜ୍ୟ ଓଡ଼ିଶାର ଭୌଗୋଳିକ ଚିତ୍ର ବଦଳିବାରେ ଲାଗିଛି। ରାସ୍ତାଘାଟ, କଳକାରଖାନା ସବୁ ସହରର ଭ୍ରମ ସୃଷ୍ଟି କରୁଛି। ସମୟ ହିସାବରେ ସବୁ ବଦଳୁ କିନ୍ତୁ ପର୍ବ, ପର୍ବାଣୀ, ସଂସ୍କୃତି ସବୁ ସେମିତି ଥାଉ ମୋ ପରି, ସବୁ ମଣିଷର ସରଳ ମନ ପରି।

+ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ,
୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,

# ପଞ୍ଚୁକ

ଅଜୟ କୁମାର ବେହେରା

କାର୍ତ୍ତିକ ମାସର ଶେଷ ପାଞ୍ଚଦିନ ଅର୍ଥାତ୍ ଦେବଉତ୍ଥାପନ ବା ବଡ଼ ଏକାଦଶୀ ଠାରୁ ପୂର୍ଣ୍ଣମା ପର୍ଯ୍ୟନ୍ତ ଦିନକୁ ପବିତ୍ର ପଞ୍ଚକ ଭାବେ ପାଳନ



କରାଯାଇଥାଏ। ଏହା ମହାପଞ୍ଚକ, ବକ ପଞ୍ଚକ ବା ଭୀଷ୍ମ ପଞ୍ଚକ ବା ବିଷ୍ଣୁ ପଞ୍ଚକ ଭାବେ ମଧ ଜଣାଶୁଣା । ଯେଉଁମାନେ କାର୍ତ୍ତିକ ମାସ ସାରା ହବିଷ୍ୟ କରିପାରନ୍ତି ନାହିଁ, ସେମାନେ ଏହି ପାଞ୍ଚଦିନ ହବିଷ୍ୟ ପାଳନ କରନ୍ତି । ଅନେକ ଅଁଳା ନବମୀ, ରାଧାପାଦ ଦର୍ଶନ ଦିନ ଠାରୁ ସାତ ଦିନ ହବିଷ୍ୟ ରଖନ୍ତି । ଏହି ପାଞ୍ଚଦିନ ହିନ୍ଦୁମାନେ ଆମିଷ ପରିତ୍ୟାଗ କରି ଶୁଦ୍ଧ, ସାତ୍ତ୍ୱିକ ଖାଦ୍ୟ ଭୋଜନ କରନ୍ତି । ଏହି ପଞ୍ଚକରେ ବକମାନେ ମଧ ଆମିଷ ଭୋଜନରୁ ନିବୃତ୍ତ ରୁହନ୍ତି ବୋଲି କଥିତ ଅଛି । ତେଣୁ ଏହାକୁ ବକ ପଞ୍ଚକ କୁହାଯାଏ । ଶର ଶଯ୍ୟାରେ ଶାୟିତ ଭୀଷ୍ମ ରାଜ ଧର୍ମ, ମୋକ୍ଷଧର୍ମ, ଦାନଧର୍ମ ବିଷୟରେ ବର୍ଣ୍ଣନା କରିଥିଲେ । ଯାହାକୁ ପାଣ୍ଡବମାନଙ୍କ ସହିତ ଶ୍ରୀକୃଷ୍ଣ ମଧ ଶୁଣିଥିଲେ । ଏଥିରେ ପ୍ରସନ୍ନ ହୋଇ ଶ୍ରୀବାସୁଦେବ ଭୀଷ୍ମଙ୍କୁ ବର ଦେଇଥିଲେ । ଭୀଷ୍ମ କାର୍ତ୍ତିକ ଏକାଦଶୀ ଦିନ ଜଳର ଇଚ୍ଛା କରିଥିଲେ । ଅର୍ଜୁନ ବାଣ ଦ୍ୱାରା ଗଙ୍ଗାଜଳ ଉତ୍ପନ୍ନ କରି ତାଙ୍କ ପ୍ରାଣ ସନ୍ତୁଷ୍ଟ କରିଥିଲେ । ଏଣୁ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଯେଉଁମାନେ ଭୀଷ୍ମଙ୍କୁ ଜଳ ଓ ଅର୍ଘ ଦାନ କରନ୍ତି ସେମାନେ ବିଷ୍ଣୁଙ୍କୁ ମଧ ତୃପ୍ତ କରିଥାନ୍ତି । ସେଥିପାଇଁ ପଞ୍ଚକକୁ ଭୀଷ୍ମପଞ୍ଚକ ବୋଲି ମଧ କୁହାଯାଇଥାଏ । ସନ୍ତାନପ୍ରାପ୍ତି ଉଦ୍ଦେଶ୍ୟରେ ଅନେକ ଭୀଷ୍ମ ପଞ୍ଚକ ପାଳିଥାନ୍ତି । ଏହି ପଞ୍ଚକରେ ୩୩କୋଟି ଦେବତା ଏକତ୍ର ହୋଇ ମଣିଷର ନିକଟତର ହୋଇଥାନ୍ତି । ଏହି ସମୟରେ ଏକ ଲକ୍ଷ ତୁଳସୀ ପତ୍ର ଚଢ଼ାଇ ବିଷ୍ଣୁଙ୍କୁ ପୂଜା କଲେ, ସମସ୍ତ ଦେବତା ପ୍ରସନ୍ନ ହୋଇ ବରପ୍ରଦାନ କରିଥାନ୍ତି । ଓଡ଼ିଆ ଆଧ୍ୟାତ୍ମିକ ଚେତନାରେ କାର୍ତ୍ତିକ ମାସର ପଞ୍ଚୁକ ଅର୍ଥାତ୍ ପାଞ୍ଚଦିନକୁ ନିଷ୍ଠା ଓ ଧର୍ମପରାୟଣତାର ପ୍ରତିକାତ୍ମକ ଦିବସ ଭାବେ ବିଚାର କରାଯାଏ। କେବଳ ଗ୍ରାମାଞ୍ଚଳରେ ନୁହେଁ ସହରାଞ୍ଚଳରେ ମଧ ପଞ୍ଚକର ମହତ୍ତ୍ୱ ବିଭିନ୍ନ ଦେବାଳୟ, ଧର୍ମପୀଠ, ମନ୍ଦିରରେ ଦେଖିବାକୁ ମିଳିଥାଏ। ଗାଁରେ କେତେକ ସ୍ଥାନରେ ପଞ୍ଚକରେ ଗ୍ରାମଦେବତୀ ବା ଜଗନ୍ନାଥ ମନ୍ଦିରରେ ହରିହାଟ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହେବ ସହ ହବିଷ ପ୍ରସାଦ ପ୍ରସ୍ତୁତି କରାଯାଇ ବିତରଣ କରାଯାଇଥାଏ। କେତେକ ଧର୍ମପରାୟଣ ଏହି ପଞ୍ଚୁକ ପାଞ୍ଚ ଦିନରେ ଅନ୍ନଦାନ ଓ ବସ୍ତ୍ରଦାନ କରି ଅଶେଷ ପୁଣ୍ୟ ପାଇଥାନ୍ତି। ଆଜିକାଲି ସହରାଞ୍ଚଳରେ ପଞ୍ଚୁକ ପାଞ୍ଚଦିନ ବିଭିନ୍ନ ମଠମନ୍ଦିରରେ ମହାପ୍ରସାଦ ପ୍ରସ୍ତୁତ ହୋଇ ଭକ୍ତମାନଙ୍କୁ ବିତରଣ କରାଯାଏ। ଏହି ପଞ୍ଚକ ଦିବସରେ ଅନେକ ଧର୍ମାଶ୍ରିତ ପୁରୀ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ମହାପ୍ରସାଦ ପ୍ରାପ୍ତ ହେଲେ ଅଶେଷ ପୁଣ୍ୟ ମିଳେ ବୋଲି ବିଶ୍ୱାସ ରଖିଥାନ୍ତି। ପଞ୍ଚକ ପାଞ୍ଚଦିନ ଓଡ଼ିଆ ବିଧିବିଧାନରେ ସକାଳ ଓ ସଂଧ୍ୟା ଦିନକୁ ଦୁଇଥର ବୃନ୍ଦାବତୀ ଦେବୀଙ୍କ ପାଖରେ ଦୀପ ଓ ପୁଷ୍ପସମର୍ପଣ କରାଯିବାର ବିଧିକୁ କେତେକ ପାଳନ କରିଥାନ୍ତି। ତେବେ ଯାହାହେଉନା କାହିଁକି ଓଡ଼ିଆ ଆଧ୍ୟାତ୍ମିକ ଭାବନା ଓ ଧର୍ମଚେତନାରେ ପଞ୍ଚକର ମହତ୍ତ୍ୱ ଯେ ଯୁଗ ଯୁଗ ଧରି ରହିଆସିଛି ଏହା ଅତ୍ୟୁକ୍ତି ନୁହେଁ।

+ବରେଣ୍ୟ ବାଣୀ' ପିସି
ସରକାର ଲେନ୍,
ଅରୁଣୋଦୟ ମାର୍କେଟ,
କଟକ,
ମୋ : ୯୪୩୭୦୩୧୨୫୩

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ବ୍ୟୟବହୁଳ ଶିକ୍ଷା...

ସାମାଜିକ ଗଣମାଧମରେ ପ୍ରକାଶିତ ବାକ୍ୟଟିଏ ବେଶ୍ ପ୍ରଣିଧାନଯୋଗ୍ୟ । ଶିକ୍ଷା ବ୍ୟୟବହୁଳ ହେଲେ ସମାଜରେ ମୂର୍ଖଙ୍କ ସଂଖ୍ୟା ବଢ଼ିବ, ଯାହା ସମାଜର ଅନେକ କ୍ଷତି ଘଟାଇବ । ମଣିଷ ମୂର୍ଖ ହେଲେ ସମାଜରେ ଅନ୍ଧବିଶ୍ୱାସ ଓ କୁସଂସ୍କାର ବଢ଼ିବ ଏବଂ ସମାଜର ଅଶେଷ କ୍ଷତିସାଧନ କରିବ । ବ୍ୟୟବହୁଳ ଶିକ୍ଷା ସମାଜରେ ଅରାଜକତା ସୃଷ୍ଟି କରେ, ନୈତିକତାର ଅଧୋପତନ କରେ ଏବଂ ଜରାଶ୍ରମର ସଂଖ୍ୟା ବୃଦ୍ଧି କରେ । ଅନେକ ମହାମନୀଷୀ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ବିନାମୂଲ୍ୟରେ ଯୋଗାଇବା ଉପରେ ଗୁରୁତ୍ୱାରୋପ କରନ୍ତି । ଶିକ୍ଷା ଓ ସ୍ୱାସ୍ଥ୍ୟ ନାଗରିକର ମୌଳିକ ଅଧିକାର । କୁହାଯାଏ କୌଣସି ରାଷ୍ଟ୍ରର ବିରାଟ କ୍ଷତି କରିବାକୁ ଚାହିଁଲେ ତାହାର ଶିକ୍ଷା ଓ ଶିକ୍ଷାନୁଷ୍ଠାନ ଉପରେ ଆଘାତ କର । ଗୋଟିଏ ପିଢ଼ି ଅଶିକ୍ଷିତ ହେଲେ ତାହାର ପ୍ରଭାବ ଅନେକ ପିଢ଼ି ପର୍ଯ୍ୟନ୍ତ ଲମ୍ବିଥାଏ । ଆଜି ଆମେ ଯେଉଁ ଶିକ୍ଷା ଗ୍ରହଣ କରୁଛେ, ସେହି ଜ୍ଞାନ କାହାର ବ୍ୟକ୍ତିଗତ ସୃଷ୍ଟି ନୁହେଁ । ସେହି ଜ୍ଞାନରେ ଅନେକ ବ୍ୟକ୍ତିଙ୍କ ଏବଂ ଅନେକ ବର୍ଷର ସାଧନା ନିହିତ । ସେହି ଜ୍ଞାନ ବାଣ୍ଟିବାରେ ଏତେ କାର୍ପଣ୍ୟ କାହିଁକି ଏବଂ ବ୍ୟବସାୟ କାହିଁକି ? ଏଥିଯୋଗୁଁ ହିଁ ଶିକ୍ଷା ବ୍ୟୟବହୁଳ ହେଉଛି । ଶିକ୍ଷାକୁ ବ୍ୟୟବହୁଳ କରି ସମସ୍ତଙ୍କୁ ବଞ୍ଚିତ କରିବାର ଅଧିକାର ଆମକୁ କିଏ ଦେଇଛି ? ଅର୍ଥ ଅଭାବରୁ ମେଧାବୀ ଶିକ୍ଷାରୁ ବଞ୍ଚିତ ହେଲେ ରାଷ୍ଟ୍ର ଦୁର୍ବଳ ହେବ ନାହିଁ କି ? ଶିକ୍ଷାନୁଷ୍ଠାନଟିଏ ଗଢ଼ି ବିନାମୂଲ୍ୟରେ ଶିକ୍ଷାଦାନ କରିବା ଅନେକେ ପୁଣ୍ୟ କାର୍ଯ୍ୟ ବୋଲି ବିଚାର କରନ୍ତି । ଭାରତବର୍ଷରେ ପ୍ରାୟ ଶିକ୍ଷାନୁଷ୍ଠାନ ଓ ଡାକ୍ତରଖାନା ସାଧାରଣ ଜନତା ହିଁ ତିଆରି କରିଛନ୍ତି । ଅବଶ୍ୟ ପରେ ସରକାର ତାହାକୁ ହାତକୁ ନେଇଛନ୍ତି । ସେଥିପାଇଁ ଆମେ ପଢ଼ିଥିବା ବିଦ୍ୟାଳୟ ପ୍ରତି ଆମର ସମ୍ମାନ ଓ ଆତ୍ମୀୟତା ରହିଥାଏ । ବ୍ୟୟବହୁଳ ଶିକ୍ଷାରେ ସ୍ୱଚ୍ଛଳ ପିଲାମାନଙ୍କ ମଧ୍ୟରେ ନିଜର ସାମାଜିକ ପ୍ରତିପତ୍ତି ପ୍ରତିଷ୍ଠା ମୂଳ ଲକ୍ଷ୍ୟ ହୋଇଥିବାରୁ ପରସ୍ପର ମଧ୍ୟରେ ସୌହାର୍ଦ୍ଦ୍ୟ ସୃଷ୍ଟି ହୁଏ ନାହିଁ । ଏହାଦ୍ୱାରା ପିଲାମାନଙ୍କ ମଧ୍ୟରେ କେଉଁଠି ନା କେଉଁଠି ନୈତିକତା ବା ସାମାଜିକ କର୍ତ୍ତବ୍ୟରେ ବିରାଟ ଅନୁପସ୍ଥିତି ସୃଷ୍ଟି ହେଉଛି । ଆମେ ରୁଷ ଓ ୟୁକ୍ରେନ ଯୁଦ୍ଧ ଆରମ୍ଭରେ ଦେଖିଲେ ଆମ ଦେଶର ଅନେକ ପିଲା ସେଠାରେ ରହି ଡାକ୍ତରୀ ପଢୁଥିଲେ । ଏହାର କାରଣ ହେଲା ଆମ ଦେଶରେ ସେହି ଶିକ୍ଷା ବ୍ୟୟବହୁଳ । ଅନେକ ଦୁଃଖକଷ୍ଟ ସହି ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କଲେ । ଏବେ ସେମାନେ ସରକାରଙ୍କ ପାଖରେ ଦାବି ରଖୁଛନ୍ତି, ଏଠାରେ ସେମାନଙ୍କୁ ସେହି ଶିକ୍ଷା ସମାପ୍ତ କରିବାକୁ ସୁବିଧା ଦେବା ପାଇଁ । ସେମାନଙ୍କୁ ମଧ୍ୟ ସେହି ସୁବିଧା ଦେବା ଉଚିତ୍ । କାରଣ ପାଠ ପଢ଼ିଲା ପରେ ପରୀକ୍ଷା ଦେବେ । ତାହା ପରେ ସେମାନଙ୍କୁ ପ୍ରମାଣପତ୍ର ମିଳିବ । ତେଣୁ ସେମାନଙ୍କ ଭବିଷ୍ୟତ ଅନ୍ଧକାର କରିବା କାହିଁକି ? ବ୍ୟୟବହୁଳ ଶିକ୍ଷା ଗ୍ରହଣ ପରେ ପିଲାଟି ଚାହିଁବ, ତା' ପିଛା ଯେଉଁ ଟଙ୍କା ଖର୍ଚ୍ଚ ହୋଇଛି, ତାହାକୁ ସମାଜରୁ ଆଦାୟ କରିବାକୁ । ତେଣୁ ସେ ତାହାର ସାମାଜିକ କର୍ତ୍ତବ୍ୟବୋଧକୁ ପ୍ରାଧାନ୍ୟ ଦେଇ ନ ପାରେ । ଯାହା ଔଷଧରେ ଭଲ ହେବ ତାହାକୁ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦେଇପାରେ । ଆମେ ଅନେକ ସାମାଜିକ ବିଲକ୍ଷଣ ଗଣମାଧମରୁ ଜାଣିବାକୁ ପାଉଛୁ ମଧ୍ୟ । ବ୍ୟୟବହୁଳ ଶିକ୍ଷାରେ ଶିକ୍ଷିତ ମଣିଷ ନିଜ ପରିବାରକୁ ଗୌଣ ଭାବିପାରେ । କାରଣ ଯେତିକି ସମୟ ତାହା ପରିବାର ପାଇଁ ଦେବ, ସେତିକି ସମୟରେ ସେ ଅନେକ ରୋଜଗାର କରିବାକୁ ସକ୍ଷମ ହୋଇପାରିବ । ତାହାଦ୍ୱାରା ସମାଜରେ ଜରାଶ୍ରମ ସଂଖ୍ୟା ବୃଦ୍ଧି ହେବ ନାହିଁ କି ? ଆମେ ସମାଜରେ ଯେଉଁ ଆଦର୍ଶ ଶିକ୍ଷକ, ଆଦର୍ଶ ଡାକ୍ତର, ଆଦର୍ଶ ଛାତ୍ର, ସର୍ବୋପରି ଆଦର୍ଶ ମଣିଷଟିଏ ଦେଖୁଛେ, ତାଙ୍କରି ପଛରେ ଏହି ବିନା ମୂଲ୍ୟରେ ବା ଅତି କମ୍‌ମୂଲ୍ୟରେ ଶିକ୍ଷାଦାନ କରୁଥିବା ଶିକ୍ଷାନୁଷ୍ଠାନର ଅବଦାନ ଅନେକ । ଆର୍ଥିକ ଅନଟନ ପାଇଁ ପାଠରେ ଡୋରି ବାନ୍ଧୁଥିବା ପିଲାଟି, ଅନ୍ୟର ସହଯୋଗରେ ପାଠ ପଢ଼ି ଆଦର୍ଶ ମଣିଷଟିଏ ହୋଇଥିବାର ଅନେକ ଉଦାହରଣ ଆମେ ସମାଜରେ ପାଉ । ବ୍ୟୟବହୁଳ ଶିକ୍ଷା ଜୀବନ ଗୋଟେ ଆଦର୍ଶ ନୁହେଁ । ଜୀବନ ଗୋଟେ ବ୍ୟବସାୟ ନୁହେଁ ।

# ମହାନ ବିପ୍ଳବୀ ବିର୍ସା ମୁଣ୍ଡା



## ଡକ୍ଟର ଶରତ ଚନ୍ଦ୍ର ମିଶ୍ର

ପ୍ରାକ୍ତ ଐତିହାସିକ ଯୁଗରୁ ନିଜର ଅସ୍ତିତ୍ୱ ଓ ଅସ୍ମିତା ପାଇଁ ଆଦିବାସୀ ସଂପ୍ରଦାୟ ଲଢ଼ି ଆସିଛି । ମାତ୍ର ତା'ର ସେହି କଠୋର ଲଢ଼େଇ ହାତାଶା, ଅବହେଳା ଓ ଉପେକ୍ଷା ମଧ୍ୟରେ ବିଡ଼ମ୍ବିତ ହୋଇଛି । ସେ ବଣ ଜଙ୍ଗଲ କାଟି, ପଥର ଫଟାଇ ଓ ପଥର ହଟାଇ କ୍ଷେତ ପ୍ରସ୍ତୁତ କରିଛି । ସେହି କ୍ଷେତରେ ସେ ନିଜର କଠୋର ପରିଶ୍ରମ ଓ ଦୃଢ଼ ଆତ୍ମବଳ ଯୋଗୁ ସୁନାର ଫସଲ ଫଳାଇବାକୁ ସକ୍ଷମ ବି ହୋଇଛି । ମାତ୍ର ସେହି ସରଳ ତଥା ପରିଶ୍ରମୀ ଆଦିବାସୀ ସଂପ୍ରଦାୟ ଶୋଷଣ ଓ ନିର୍ଯ୍ୟାତନାର ଶିକାର ହୋଇ ଭୋକ ଉପାସରେ କାଳାତିପାତ କରିବାକୁ ବାଧ ହୋଇଛି । ବାହାରୁ ଛୁଟି ଆସିଥିବା ଶାସକ ତଥା ଶୋଷକ ଗୋଷ୍ଠୀ ସେମାନଙ୍କର ସର୍ବସ୍ୱ ଲୁଣ୍ଠନ କରି ସେମାନଙ୍କୁ ପୋତି ଓ ଦାଦନ ଖଟାଇବାକୁ ବାଧ କରାଇଛନ୍ତି । ସେମାନେ ହେଉଛନ୍ତି ମହାଜନ, ଜମିଦାର, ବ୍ୟବସାୟୀ ଓ ତତ୍କାଳିନ ଇଂରେଜ ଶାସନ ତଥା ଧର୍ମାନ୍ତକରଣକାରୀ ପାଦ୍ରୀମାନେ । ଇଂରେଜଙ୍କ ଛତ୍ରଛାୟା ତଳେ ଜମିଦାର ଓ ମହାଜନମାନେ ସେମାନଙ୍କର ଜମିକୁ ବି ଜବରଦଖଲ କରି ନେଉଥିଲେ ବା ହଡ଼ପ କରିବାକୁ ପଛାଉ ନଥିଲେ ।


ସେହି ଶୋଷିତ ତଥା ଅବହେଳିତ ଆଦିବାସୀମାନଙ୍କୁ ଶକ୍ତି ଓ ସାହାସରେ ଉଦ୍‌ବୁଧ କରାଇ ବିପ୍ଳବର ସୂତ୍ରଧର ଥିଲେ ଜଣେ ଦୀପ୍ତିମୟ ଆଦିବାସୀ ବାଳକ । ୧୮୭୫ ମସିହା ନଭେମ୍ବର ୧୫ ତାରିଖରେ ଏକ ଗରିବ ଆଦିବାସୀ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତାଙ୍କର ନାମ ଥିଲା 'ସୁଗନା ମୁଣ୍ଡା' ଓ ମାତା 'କରମୀ ମୁଣ୍ଡା' । ସେମାନଙ୍କର ପାଞ୍ଚଜଣ ସନ୍ତାନ ମଧ୍ୟରୁ ସେଥିରେ ଚତୁର୍ଥ ସନ୍ତାନ । ଜଙ୍ଗଲରେ ସାଥି ଓ ଭାଇଭଉଣୀଙ୍କ ସହ ଛେଳି ଚରାଇଥିବା ସେହି ବାଳକଟି ମନରେ ହଠାତ୍ ଦିନେ ପାଠ ପଢ଼ିବାର ନିଶା ଘାରିଲା । ଘୋର ଜଙ୍ଗଲ ମଧ୍ୟରେ ନିରୋଳାରେ ଗଛଡାଳରେ ବସି ବଂଶୀ ବଜାଇବାର ସଉକ ଥିବା ପିଲାଟି 'ବୁଜୁ'ଠାରେ ଥିବା ମିଶନ୍ ସ୍କୁଲରେ ପାଠ ପଢ଼ିବା ପାଇଁ ପହଞ୍ଚିଲା । ସ୍କୁଲରେ ପରିବେଶ ଓ ପାଠ ପଢ଼ା ଭଲ ଥିଲା । ହେଲେ ସେମାନଙ୍କର ପ୍ରଚ୍ଛନ୍ନ ଉଦ୍ଦେଶ୍ୟଥିଲା ଛାତ୍ରମାନଙ୍କର ଧର୍ମାନ୍ତରୀକରଣ । ସେହି ଇଂରେଜ ପାଦ୍ରୀଗଣ ହିନ୍ଦୁଧର୍ମ ଓ ସଂସ୍କୃତିକୁ ଘୃଣା ଓ ନିନ୍ଦା କରୁଥିଲେ । ହିନ୍ଦୁଧର୍ମ ପ୍ରତି ପିଲାଟି ଦିନରୁ ବିର୍ସାଙ୍କର ଥିଲା ଖୁବ୍ ଶ୍ରଦ୍ଧା ଓ ସମ୍ମାନ । ତେଣୁ ସେ ପାଦ୍ରୀମାନଙ୍କର କଥାକୁ ଆଦୌ ସହ୍ୟ କରି ପାରୁନଥିଲେ । ତେଣୁ ସେ ବେଳେ ବିରୋଧ ବି କରୁଥିଲେ । ହେଲେ ସେ ଭଲ ପଢୁଥିଲେ । ଏଣୁ ସ୍କୁଲର କେତେକ ଶିକ୍ଷକ ତାଙ୍କୁ ଭଲ ବି ପାଉଥିଲେ । ତାଙ୍କର ଏଭଳି ଆଚରଣରେ ଅତିଷ୍ଠ ହୋଇ କର୍ତ୍ତୃପକ୍ଷ ତାଙ୍କୁ 'ଚାଇଁବସା'ଠାରେ ଥିବା ମିଶନ୍ ସ୍କୁଲକୁ ପଠାଇ ଦେଲେ । ସେଠାରେ ଯୋଗକୁ ସ୍ୱାମୀ ଆନନ୍ଦ ପାଣ୍ଡେଙ୍କ ସହ ବିର୍ସାଙ୍କର ସାକ୍ଷାତ ହେଲା । ପାଣ୍ଡେ ବିଭିନ୍ନ ଗଳ୍ପମଧ୍ୟମରେ ଧର୍ମ ଶାସ୍ତ୍ରର ଗଭୀର ତତ୍ତ୍ୱ ବିର୍ସାଙ୍କୁ ଶୁଣାଇ ଚାଲିଲେ । ଫଳରେ ବିର୍ସା ଜଣେ ଧୈର୍ଯ୍ୟଶୀଳ ତଥା ଈଶ୍ୱର ପ୍ରେମୀ ମଣିଷର ପରିଣତ ହେବାକୁ ସେ ପ୍ରେରଣା ଦେଇଚାଲିଲେ । ସେତେବେଳେ ଖ୍ରୀଷ୍ଟିୟାନ୍ ମିଶନାରୀମାନେ ମୁର୍ଖ, ସରଳ ତଥା ନୀରିହ ଆଦିବାସୀମାନଙ୍କୁ ଜବରଦସ୍ତ ଖ୍ରୀଷ୍ଟ ଧର୍ମର ଦୀକ୍ଷିତ କରାଇଥିଲେ, ନଚେତ୍ ନାନା ଭାବରେ ଅତ୍ୟାଚାରିତ ବି କରୁଥିଲେ । ସେମାନଙ୍କୁ ଜଙ୍ଗଲ ଯିବାକୁ ବାରଣ କରୁଥିଲେ । ଜମିର ମାଲିକାନରୁ ହଟାଇ ଦେଉଥିଲେ । ଅଧିକ ଖଜଣା ଧାର୍ଯ୍ୟ କରିବା ସହ ଜୋର ଜୁଲମ୍ କରି ଆଦାୟ ବି କରୁଥିଲେ । ଆଦିବାସୀ ଗଣ ଗରିବରୁ ଅଧିକ ଗରିବ ହୋଇଗଲେ । ଇଂରେଜମାନେ ଆଦିବାସୀଙ୍କ ଭୋକିଲା ପେଟରେ ଗୋଇଠା ମାରିଲେ । କ୍ରମେ ହିଂସ୍ର ହୋଇ ଉଠିଲେ ମୁଣ୍ଡା ସଂପ୍ରଦାୟ । ନିର୍ଭୀକ ବୀର୍ସାମୁଣ୍ଡା ତାଙ୍କ ଆଦିବାସୀମାନଙ୍କୁ ଏକଜୁଟ କଲେ । ତାଙ୍କୁ କହିଲେ, 'ଭାଇମାନେ ! ସରକାର କଥା ମାନିବ ନାହିଁ । ଖଜଣା ଦେବ ନାହିଁ । ଆମ ହିନ୍ଦୁଧର୍ମକୁ ବଦଳାଇବ ନାହିଁ ।

ବିନା ଦୋଷରେ ଶୋଷିତ ହେଉଥିବା ମୁଣ୍ଡା ସମାଜ ବୀର୍ସାଙ୍କ କଥାରେ ଏକଜୁଟ ହେଲେ ଓ ଇଂରେଜଙ୍କ ବିରୋଧରେ ବିପ୍ଳବ କରିବାକ ସ୍ଥିର କଲେ । ସୁଯୋଗ ଅପେକ୍ଷାରେ ଥିବା ଆଦିବାସୀଗଣ ୧୮୯୯ ମସିହା ଡିସେମ୍ବର ୨୪ ତାରିଖରେ ଉତ୍ତେଜିତ ହୋଇ ଗୋରା ଇଂରେଜଙ୍କର ବାସଗୃହ ଓ ଅଫିସରେ ନିଆଁ ଲଗାଇବା ସହ ଇଂରେଜମାନଙ୍କ ଉଦାରକୁ ଆଖିବୁଜା ତୀର ବର୍ଷଣ କଲେ । ଏହି ବିପ୍ଳବର ନିଆଁ କ୍ରମଶଃ ସିଂହଭୂମ ଜିଲ୍ଲାର କ୍ରୋଧର ପୁର ଓ ରାଞ୍ଚି ଜିଲ୍ଲାର ଖୁଣ୍ଟି, କାରା, ତାମର ଓ ତୋପା ଅଞ୍ଚଳକୁ ବ୍ୟାପିଗଲା । ବୀର୍ସାଙ୍କ ନେତୃତ୍ୱରେ ପ୍ରତ୍ୟେକ ଆଦିବାସୀ ବିପ୍ଳବ ପାଇଁ ଆଗେଇ ଆସିଲେ । ବିଦ୍ରୋହ ତେଜିଲା । କ୍ରମେ ଏହା ମହାନ୍ ବିପ୍ଳବର ରୂପନେଲା ।

ସେଦିନ ଥିଲା ୧୯୦୦ ମସିହାର ଜାନୁଆରୀ ମାସର ନଅ ତାରିଖ । ଶୀତୁଆ ସକାଳେ ଡୁମ୍ବାରି ପାହାଡ଼ ଉପରେ ମୁଣ୍ଡା ବିଦ୍ରୋହର ରଣସଜା । ମୁଣ୍ଡା ବିଦ୍ରୋହର ଏକ ଅଭୁଲା ଦିନ । ମୁଣ୍ଡାମାନେ ଆଗାମୀ ସଂଗ୍ରାମୀ ପାଇଁ ବୀର୍ସାଙ୍କ ନେତୃତ୍ୱରେ ପ୍ରସ୍ତୁତ ହୋଇ ରହିଲେ । ହାତରେ ଧନୁ, ତୀର ଓ ଫାର୍ସା ଧରି ଇଂରେଜମାନେ ଖବର ପାଇ ପୋଲିସ ବାହିନୀ ନେଇ ଦିନ ଗୋଟାଏରେ ପାହାଡ଼ ତଳେ ପହଞ୍ଚିଲେ ବିଦ୍ରୋହକୁ ଦମନ କରିବାକୁ । ପୋଲିସ ବାହିନୀ ନିକଟତର ହେବା ଦେଖି ମୁଣ୍ଡାମାନେ ହୁଇସିଲ୍ ମାରି ଅନ୍ୟ ସମସ୍ତ ବିଦ୍ରୋହୀମାନଙ୍କୁ ଜଣାଇ ଦିଆଗଲା ଆଗାମୀ ଆକ୍ରମଣ ପାଇଁ ପ୍ରସ୍ତୁତ ରହିବାକୁ । ପୋଲିସ୍ ବାହିନୀର ନେତୃତ୍ୱ ନେଉଥିଲେ ଫୋବସ୍ (ଡିଏସପି) ଓ ଡେପୁଟି କମିଶନର 'ଷ୍ଟ୍ରିଟ୍‌ଫିଲ୍ଡ' । ପ୍ରଥମେ ସେମାନେ ବିଦ୍ରୋହୀମାନଙ୍କୁ ଆକ୍ରମଣରୁ ନିବୃତ୍ତ ହୋଇ ଆତ୍ମସମର୍ପଣ କରି ନେତାଙ୍କ ସହ ଆଲୋଚନା କରିବାକୁ ଆକ୍ରମଣ କଲେ । ବିଦ୍ରୋହୀମାନେ କୌଣସି ଆପୋସ ଆଲୋଚନା ବା ଆତ୍ମସମର୍ପଣରେ ରାଜି ନଥିଲେ । ସେମାନେ ଡାକିଥିଲେ ଏହା ଇଂରେଜଙ୍କର ଛଳନା । ମୁଣ୍ଡା ସମାଜ ଧନୁ ଓ ତୀର ଆକ୍ରମଣ କଲେ ଓ ଜବାବ୍‌ରେ ଇଂରେଜମାନେ ଗୁଳିଚାଳନା କଲେ । ଅନେକ ଇଂରେଜ ସିପାହୀ ନିହତ ହେଲେ କିଛି ମୁଣ୍ଡା ବୀର ବି ଶହୀଦ ହେଲେ । ବୀର୍ସା ଘୋର ଜଙ୍ଗଲରେ ଆତ୍ମଗୋପନ କଲେ । ବିଶ୍ୱାସଘାତକ 'ମାଟି ତାମରିଆ' ସାହାଯ୍ୟରେ ପୋଲିସବାହିନୀ ବୀର୍ସାଙ୍କୁ ଗିରଫ କଲେ । ଏବେ ତାଙ୍କୁ ରାଞ୍ଚି ଜେଲକୁ ନିଆଗଲା । ସେଠାରେ ଇଂରେଜ ପୋଲିସ ତାଙ୍କ ଉପରେ ଘୋର ଅତ୍ୟାଚାର କଲେ । ସେ ରକ୍ତବାନ୍ତି କଲେ । ହଠାତ୍ ବୀର୍ସାଙ୍କର ବାଲ୍ୟସାଥୀ ଡାକ୍ତର ଅମୂଲ୍ୟ ଚିକିତ୍ସା ପାଇଁ ଜେଲରେ ପହଞ୍ଚିଲେ । ସେ ବିଭିନ୍ନ ପରୀକ୍ଷା ନିରୀକ୍ଷା କରିବାକୁ ଚାହିଁଲେ ବି ସେତେବେଳକୁ ବହୁତ ବିଳମ୍ବ ହୋଇ ଯାଇଥିଲେ । ଅମୂଲ୍ୟ ଜାଣିଲେ ଯେ... ବୀର୍ସା ଆଉ ବଞ୍ଚିବେ ନାହିଁ । ସମୟ କ୍ରମେ ସରି ସରି ଆସୁଥିଲା । ସେ ଆଉ ମାତ୍ର କେତେ ଘଣ୍ଟାର ଅତିଥି ।

ବୀର୍ସା ଅନେକ ଯନ୍ତ୍ରଣା ମଧ୍ୟରେ ସେହି ଜେଲ ଭିତରେ ଚିରଦିନ ପାଇଁ ଆଖି ବୁଜି ଦେଇଥିଲେ । ସେଦିନ ଥିଲା ୧୯୦୦ ମସିହା ଜୁନ୍‌ମାସ ନଅ ତାରିଖ । ସେଦିନ ଭାରତମାତାର ଜଣେ ବିପ୍ଳବୀ ସନ୍ତାନର ଜୀବନ ଦୀପ ଲିଭିଯାଇଥିଲା । ସେମାନଙ୍କର ବୀରତ୍ୱ ଓ ସଂଗ୍ରାମ ଆଜି କଣ ଆମ ପାଇଁ ଅବାଂଚିତ ହୋଇ ପଡ଼ିଛି କି ? ନା, କେବେ ବି ନୁହେଁ । ତେବେ ଦେଶର ସ୍ୱାଧୀନତା ପାଇଁ ତାଙ୍କର ଅବଦାନ ଓ ପ୍ରାଣବଳି ଚିରକାଳକୁ ଦେଶ ମନେ ରଖିବ ନିଶ୍ଚୟ । ଏଥିରେ ସନ୍ଦେହ ନାହିଁ ।

ପ୍ରଜ୍ଞାନୀଡ଼ (ବସନ୍ତବିହାର)
ଶୋଭାରାମପୁର, ବାଲେଶ୍ୱର-୭୫୬୦୦୧
ମୋ: ୮୮୯୫୯୮୮୮୮୪



# ପଂଚକ ବ୍ରତ ଓ ଦୀପ ଦାନ



## ଭୋଳାନାଥ ସାହୁ



ଋତୁ ମଧ୍ୟରେ ବସନ୍ତ ଓ ମାସ ମଧ୍ୟରେ କାର୍ତିକ ଶ୍ରେଷ୍ଠ । ହିନ୍ଦୁଧର୍ମ ଶାସ୍ତ୍ରରେ କାର୍ତିକ ମାସକୁ ଧାର୍ମିକ ମାସର ଆଖ୍ୟା ଦିଆଯାଇଛି । ତେଣୁ ଭଗବାନ କାର୍ତିକେୟଙ୍କ ନାମରେ ଏହି ମାସର ନାମ କରଣ କରାଯାଇଛି । ଏହି ମାସଟି ଭଗବାନ ଶିବଙ୍କ ନାମରେ ଅର୍ପିତ । ଏହି ମାସର ପୂର୍ଣ୍ଣିମା ଦିନ ଶିବ ତ୍ରିପୁରାସୁରକୁ ବଧ କରି 'ଦେବଦୀପାବଳୀ' ଉତ୍ସବ ପାଳନ କରିଥିଲେ । ଭଗବାନ ବିଷ୍ଣୁ ଏହିଦିନ ମତ୍ସ୍ୟଅବତାର ଗ୍ରହଣ କରିଥିଲେ । ଏହି ଦିବସଟି କାର୍ତିକେୟ ଓ ବୃନ୍ଦାବତୀଙ୍କର ଜନ୍ମ ଦିବସ । ପ୍ରାଚୀନ କାଳରେ ଏହି ଦିନରେ ଓଡ଼ିଶାର ସାଧବପୁଅମାନେ ବେପାର ବଣିଜ କରିବା ପାଇଁ ଜାଭା, ସୁମାତ୍ରା, ବୋର୍ଣ୍ଣିଓ, ବାଲି ପ୍ରଭୃତି ଦୀପମାନଙ୍କୁ ଯାତ୍ରା କରୁଥିଲେ । ଏହି ମାସ ପବିତ୍ର ଏବଂ ଧାର୍ମିକ ମାସ ଅଟେ । କାର୍ତିକ ପୂର୍ଣ୍ଣିମାକୁ ରାସ ପୂର୍ଣ୍ଣିମା, ରାହାସ ପୂର୍ଣ୍ଣିମା, ଡ଼ଙ୍ଗାଭସା ପୂର୍ଣ୍ଣିମା କୁହାଯାଏ । କାର୍ତିକ ପୂର୍ଣ୍ଣମୀରେ ବାଲିଯାତ୍ରାର ପ୍ରାରମ୍ଭ, ବୋଇତ ବନ୍ଦାଣ ଉତ୍ସବ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରାଜାଧିରାଜ ବେଶ, କେଦାର ବ୍ରତ, ମଙ୍ଗଳପୂର୍ଣ୍ଣିମା ବ୍ରତ, ରାହୁ ମହାଗ୍ରହ ଜୟନ୍ତୀ, କାର୍ତିକ ବ୍ରତର ଉଦ୍‌ଯାପନୀ ପ୍ରଭୃତି କାର୍ଯ୍ୟକ୍ରମ ନିମନ୍ତେ ପ୍ରସିଦ୍ଧ । କାର୍ତିକ ପୂର୍ଣ୍ଣିମା ଦିନ କୃତିକା ନକ୍ଷତ୍ରରେ ଚନ୍ଦ୍ରମା ଓ ବିଶାଖା ନକ୍ଷତ୍ରରେ ସୂର୍ଯ୍ୟଦେବ ରହିଥାନ୍ତି । ଏହା ପଂଚକ ଯୋଗ ନିର୍ମିତ । ଏହି ମାସରେ ଗଙ୍ଗାସ୍ନାନ କରିବା ଦ୍ୱାରା ପୁଷ୍କରଠାରୁ ଅଧିକ ଫଳପ୍ରାପ୍ତି ହୋଇଥାଏ ।

କାର୍ତିକ ମାସର ବିଶେଷ ଧାର୍ମିକ ମହତ୍ୱ ରହିଛି । ଆମ ଧର୍ମଶାସ୍ତ୍ର ଅନୁଯାୟୀ କାର୍ତିକ ବ୍ରତଧାରୀ ମାନେ ଆମିଷ ଏପରିକି ପିଆଜ ରସୁଣ ଭକ୍ଷଣ ଠାରୁ ଦୁରେଇ ଯାଇ ସାତ୍ୱିକ ଭୋଜନ ଉପରେ ପ୍ରାଧାନ୍ୟ ଦେଇଥାନ୍ତି । ମାସର ବଡ଼ ଏକାଦଶୀ ଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଶେଷ ୫ ଦିନକୁ ପବିତ୍ର ଦିନ ଅର୍ଥାତ ପଂଚକ ଭାବରେ ପାଳନ କରାଯାଏ । ମାତ୍ର ଏବର୍ଷ ପଂଚକ ୪ ଦିନ ମଧ୍ୟରେ ସୀମିତ । କାର୍ତିକ ମାସରେ ଥରେ ମାତ୍ର ସାତ୍ୱିକ ଭୋଜନ କଲେ ୫ଟି 'କ' ଅର୍ଥାତ କାମ, କ୍ରୋଧ, କପଟ, କଳହ ଓ କଳଙ୍କଠାରୁ ଦୁରେଇ ରହି ଜୀବନଯାପନ କରିବା ପାଇଁ କୃତାର୍ଥ ହୋଇ ପାରିବା । କାମନା ମଣିଷର ଏକ ଜନ୍ମଗତ ପ୍ରବୃତି । କୌଣସି ଏକ ଦୁର୍ବଳ ମୁହୂର୍ତରେ ଏହା ଉଙ୍କି ମାରେ । ପରିବେଶ ଏଥିପାଇଁ ଦାୟୀ । କାମନା ଅପୂର୍ଣ୍ଣ ହେଲେ କ୍ରୋଧ ପ୍ରକାଶିତ ହୁଏ । ସମାଜର ନାନା ନାରକୀୟତା ପାଇଁ କ୍ରୋଧ ହିଁ ଦାୟୀ । ଏହା ପରସ୍ପର ମଧ୍ୟରେ ଥିବା ସମ୍ପର୍କକୁ ଛିନ୍ନ କରେ । କାମନା ପୂରଣ ନିମନ୍ତେ ମଣିଷ ଯେଉଁ ଉପାୟ ଅବଲମ୍ବନ କରେ ତାହାକୁ କପଟ କୁହାଯାଏ । ଏହା ଅଶାନ୍ତ ବାତାବରଣ ସୃଷ୍ଟି କରେ । କପଟର ସୁଫଳ ନମିଳିଲେ କଳହ ଦେଖାଦିଏ । ଅନ୍ୟପ୍ରତି ଥିବା ବିଦ୍ୱେଷ ଭାବ ଦୂର କଲେ କଳହ ଦୂର ହୁଏ । ଏହି ଚାରଟି କ ଅପୂର୍ଣ୍ଣ ହେଲେ ୫ମ 'କ' ଅର୍ଥାତ କଳଙ୍କର ଛିଟା ଲାଗେ । ୫ଟି ଯାକ 'କ' ଠାରୁ ମୁକ୍ତ ହେବା ପାଇଁ ସ୍ୱାତ୍ୱିକ ଭକ୍ଷଣ, ନାମ ସଂକୀର୍ତନ, ଶାସ୍ତ୍ର ପଠନ, ଶାନ୍ତ ବାତାବରଣ ଦ୍ୱାରା ପରିଚାଳିତ ହେଲେ ମନରେ ପୁଣ୍ୟ - ପବିତ୍ର ମନ୍ଦାକିନୀ ପ୍ରବାହିତ ହୁଏ । ଭାଗ୍ୟାକାଶରେ ଦେଖାଦେବ ଶୁଭ୍ର ପୂର୍ଣ୍ଣିମାର ଚାନ୍ଦ ।

ଦୀପଂ ଜ୍ୟୋତି ପ୍ରରଂବ୍ରହ୍ମ, ଦୀପଂ ଜ୍ୟୋତି ଜନାର୍ଦ୍ଦନ

ଦୀପଂ ଜ୍ୟୋତି ହରତେ ପାପଂ, କାର୍ତିକ ଦୀପଂ ନମସ୍ତୁତେଃ ।

କାର୍ତିକ ମାସରେ ଦୀପ ଦାନ ଏକ ପୁଣ୍ୟ କର୍ମ । ପ୍ରଦୀପ ପ୍ରଜ୍ୱଳନ କରିବା ଦ୍ୱାରା ମଣିଷର ଅନ୍ତଃକରଣରେ ଥିବା ହିଂସା, ଦ୍ୱେଷ ପରଶ୍ରୀକାତରତା ପ୍ରଭୃତି ଭାବ ଗୁଡ଼ିକ ଜଳିପୋଡ଼ି ନଷ୍ଟ ହୋଇ ଯାଏ । କାର୍ତିକ ମାସ ତମାମ ଦୀପଦାନ କରିପାରିଲେ ବହୁତ ଭଲ । ଅନ୍ୟଥା କାର୍ତିକ ମାସ ଶୁକ୍ଳପକ୍ଷ ଏକାଦଶୀ ତିଥିରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ୫ ଦିନ ନିଷ୍ଠା ପୂର୍ବକ ଦୀପ ଦାନ କଲେ ଜୀବନର ସାର୍ଥକତା ମିଳିଥାଏ । ଏଥିପାଇଁ ସ୍ୱତନ୍ତ୍ର ଭାବରେ ୫ଟି ସ୍ଥାନ ମନୋନୀତ କରିବା ଉପରେ ଗୁରୁତ୍ୱ ଦିଆଯାଏ । ପ୍ରଥମ ସ୍ଥାନ ଭାବରେ ଗୃହର ମନ୍ଦିର ବା ଠାକୁର ଘର ଚୟନ କରିବା ଉଚିତ । ଏହା ପ୍ରତ୍ୟେକ ଗୃହର ଆଧ୍ୟାତ୍ମିକ ପୀଠସ୍ଥଳୀ ପ୍ରଭୁ ଚର୍ତୁମାସିଆ ନିଦ୍ରା ଯାଇଥିବାରୁ ଏକାଦଶୀ ତିଥିରେ ଦେଶର ମଙ୍ଗଳ ନିମନ୍ତେ ତାଙ୍କୁ ନିଦରୁ ଉଠାଇ ଭକ୍ତପୂତ କ୍ଷମା ପ୍ରାର୍ଥନା କରାଯାଏ । ଠାକୁର ଉତ୍‌ଥିତ ହେବା ପରେ ମାସ ତମାମ ଦୀପ ନଜାଳିପାରିଥିଲେ ୫ ଦିନର ଦୀପଦାନ ହିଁ ମାସ ତମାମର ପୁଣ୍ୟ ପ୍ରଦାନ କରିଥାଏ । ଠାକୁର ଘରେ ପ୍ରାୟତଃ ଆମେ ପଂଚ ଦେବତାଙ୍କୁ ସ୍ଥାପନ କରିଥାଉ । ସମସ୍ତ ଦେବାଦେବୀଙ୍କ ଉଦେଶ୍ୟରେ ଗୁଆଘିଅର ଦୀପଟିଏ ଜାଳନ୍ତୁ । ପଂଚକ ଦିନ ମାନଙ୍କରେ ସକାଳେ ଓ ସନ୍ଧ୍ୟାରେ ଏହି ଦୀପ ପ୍ରଜ୍ୱଳନ କରନ୍ତୁ । ଦ୍ୱିତୀୟ ସ୍ଥାନଟି ଆମ ତୁଳସୀ ଚଉରା ବା ବୃନ୍ଦାବତୀଙ୍କ ଆସ୍ଥାନ । ବୃନ୍ଦାବତୀଙ୍କ ପାଖରେ ମୁରୁଜ ପକାଇ ୫ଦିନ ସକାଳ ଓ ସନ୍ଧ୍ୟାରେ ଦୀପଟିଏ ଜାଳନ୍ତୁ । ଯଦି ବେଢ଼ା ଭିତରେ ବେଲ, ଅଁଳା ବୃକ୍ଷ କିମ୍ବା ମାଳତୀ ଲତା ଥାଏ ତେବେ ତା ନିକଟରେ ଗୁଆଘିଅ ଦୀପଟିଏ ଜାଳନ୍ତୁ । ତେଲ ଦୀପ ଆଦୌ ଜାଳିବେ ନାହିଁ । ଏହା ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବା ସହିତ ଗୃହ ପରିବେଶକୁ ମଧୁମୟ କରିଥାଏ । ଏହି ୩ଟି ବୃକ୍ଷ ଧାତ୍ରୀ ବୃକ୍ଷ ଓ ମା' ଲକ୍ଷ୍ମୀ ସ୍ୱରୂପା । ଯେତେ ଧୂପ ଦେଲେ ମଧ୍ୟ ଦୀପଟିଏ ଜାଳିଲେ ଅଧିକ ପୁଣ୍ୟ ହୁଏ । ଦୁଇଓଳି ଦୀପ ଜାଳି ନପାରିଲେ ଗୋଟିଏ ଓଳି ଜାଳିଲେ ମଧ୍ୟ ମନସ୍କାମନା ପୂର୍ଣ୍ଣ ହୁଏ । ତୃତୀୟ ସ୍ଥାନ ଭାବରେ ମନ୍ଦିରକୁ ଚୟନ କରନ୍ତୁ । ଏହା ଦେବାଦେବୀଙ୍କର ଆଶ୍ରୟସ୍ଥଳୀ । ମଙ୍ଗଳଆଳତୀ, ପୂଜାପାଠ ସମେତ ଗୁଆଘିଅର ଦୀପଟିଏ ଜାଳିଲେ ଦେବାଦେବୀଙ୍କର ପ୍ରତ୍ୟକ୍ଷ ଆଶୀର୍ବାଦ ଲାଭ କରିହୁଏ । ଚତୁର୍ଥ ଦୀପ ବରଗଛ, ଅଶ୍ୱସ୍ଥଗଛ, କଦଳି ଗଛ ପ୍ରଭୃତି ନିକଟରେ ଜାଳନ୍ତୁ । ଏହି ସ୍ଥାନରେ ଘିଅଦୀପ ଜାଳିପାରିଲେ ବହୁତ ଭଲ । ଅନ୍ୟଥା ଏହି ଚତୁର୍ଥ ସ୍ଥାନରେ ତୈଳଦୀପ ପ୍ରଜ୍ୱଳନ କରିପାରିବେ । ୫ମ ସ୍ଥାନ ଭାବରେ ପବିତ୍ର ନଦୀ, ପୁଷ୍କରିଣୀ, ଜଳାଶୟ, ସମୁଦ୍ରକୁ ଚୟନ କରି ଏହା ଉଦେଶ୍ୟରେ ୫ମ ଦୀପଟିଏ ଦାନ କରନ୍ତୁ । ବିଶେଷ କରି ଜଳ ଦେବତା ବରୁଣ ଦେବ କିମ୍ବା ସର୍ବଦେବାଦେବୀ ବିଶେଷତଃ ଲକ୍ଷ୍ମୀ – ବିଷ୍ଣୁଙ୍କୁ ଆବାହନ କରି ଦୀପଟିଏ ଜାଳନ୍ତୁ । ଏହିସ୍ଥାନ ନର-ନୀର-ନାରାୟଣଙ୍କର ଆବାସସ୍ଥଳୀ ହୋଇଥିବାରୁ ୫ମ ଦୀପଟି ଗୁରୁତ୍ୱପୂର୍ଣ୍ଣ । ଏହି ୫ଟି ସ୍ଥାନରେ ଦୀପ ଜାଳିବା ସହିତ ଯଦି ନିକଟରେ ଦେବସ୍ଥାନ ବା ପୁଣ୍ୟଭୂମି ଥାଏ ତେବେ ଦୀପଟିଏ ଜାଳିବାକୁ ଭୁଲିବେ ନାହିଁ । ଅର୍ଥାତ ସର୍ବତୀର୍ଥକୁ ଆବାହନ କରି ଏହି ଦୀପ ସମର୍ପଣ କରନ୍ତୁ ।ଦୀପର ଶିଖା ସର୍ବଦା ଉର୍ଦ୍ଧ୍ୱଗାମୀ । ମଣିଷ ନିଜର ମନ, ଚିନ୍ତନ, ବିଚାରଶକ୍ତି, ବିବେକ ପ୍ରଭୃତିକୁ ଉଚ୍ଚସ୍ତରକୁ ନେବା ପାଇଁ ଦୀପ ପ୍ରଜ୍ୱଳନ କରିବା ଉଚିତ । ଯଦି ମଣିଷ ନିକଟରେ କୌଣସି କାଳିମାମୟ ଅବସ୍ଥା ଅଛି, ତେବେ କାର୍ତିକର ପବିତ୍ର ମୁହୂର୍ତରେ ଦୀପ ପ୍ରଜ୍ୱଳନ ଦ୍ୱାରା ଏହା ଲୋପ ପାଏ । ପୁଣ୍ୟ ଓ ଧର୍ମ ଅର୍ଜନ ଦୃଷ୍ଟିରୁ କାର୍ତିକ ମାସ ପବିତ୍ରତମ । ଶାସ୍ତ୍ର ସୂଚିତ କରେ ସତ୍ୟଯୁଗ ପରି ଯୁଗ ନାହିଁ, ଗଙ୍ଗା ନଦୀ ପରି ପବିତ୍ର ନଦୀ ନାହିଁ, ସେହିପରି କାର୍ତିକ ମାସ ପରି ପବିତ୍ର ମାସ ନାହିଁ । ତେଣୁ ଏହି ପବିତ୍ର ମାସରେ ଅନ୍ୟୁନ ଶେଷ ୫ ଦିନରେ ୫ଟି ଲେଖାଏଁ ଦୀପ ଜାଳି ପ୍ରଭୁକୃପା ଲାଭ କରିବା ସହିତ ପୁଣ୍ୟାତ୍ମା ହେବାର ସୌଭାଗ୍ୟଲାଭ କରନ୍ତୁ ।

ଜୟ ଜଗନ୍ନାଥ.....

ପ୍ରାକ୍ତନ ପ୍ରାଧ୍ୟାପକ ଓ
ମୁଖ୍ୟ ଶିକ୍ଷା ବିଭାଗ,
ଉଦଳା ମହାବିଦ୍ୟାଳୟ,
ଉଦଳା, ମୟୂରଭଞ୍ଜ
ମୋ:୯୯୩୭୧୫୧୩୧୦




## କାର୍ତ୍ତିକ ପୂର୍ଣ୍ଣିମା

**ରମାକାନ୍ତ ଦାସ**

ଶରତ ଆକାଶେ ଜହ୍ନ ହସୁଅଛି
ଚିକିମିକି ତାରାଫୁଲ ଫୁଟିଛି
ସୁଲୁସୁଲୁ ବାଆ ଶୀତଳ ପରଶେ
କାର୍ତ୍ତିକ ପୂର୍ଣ୍ଣିମା ଆସିଛି ।।

ପ୍ରକୃତି ରାଣୀର ଗଭାରୁ ଝରୁଛି
ଟୋପା ଟୋପା କାକର
ଚଉଦିଗେ ଶୁଭେ ହରିନାମ ଡାକ
ଲାଗୁଛି କେଡେ ସୁନ୍ଦର ।।

ପୋଖରୀ ତୁଠରେ ହୁଳହୁଳି ଶୁଭେ
ଶୁଭଇ ଅ-କା-ମା-ବୈ
ପୁଣ୍ୟର ଡ଼ଙ୍ଗା ଭସାନ୍ତି ସଭିଏଁ
ପାନ ଗୁଆ ଫୁଲ ଥୋଇ ।।

ହୃଦୟରେ ଜାଳି ଭକ୍ତିର ଅର୍ଘ୍ୟ
ସଭିଏଁ ପାର୍ଥନା କରନ୍ତି
ପବିତ୍ର ମନରେ ସଭିଏଁ ମିଶି
ହରି ନାମ ଜପ କରନ୍ତି ।।

ଚଉରା ମୂଳରେ ମୁରୁଜ ଆଙ୍କି
ତୁଳସୀ ପୂଜା କରନ୍ତି
ପୂର୍ବ ପୁରୁଷଙ୍କୁ ମନେ ପକେଇ
ଆକାଶ ଦୀପ ଜାଳନ୍ତି ।।

କାର୍ତ୍ତିକ ପୂର୍ଣ୍ଣିମା ଅବସରେ ହୁଏ
ବୋଇତ ବନ୍ଦାଣ ଉତ୍ସବ
ପବିତ୍ର ମନରେ ସଭିଏଁ ପାଳନ୍ତି
ଏ ପୁଣ୍ୟର ପର୍ବ ।।

ପବିତ୍ର ଏ ତିଥି ପବିତ୍ର ଏ ଦିନ
ପବିତ୍ର ଏ କାର୍ତ୍ତିକ ପୂର୍ଣ୍ଣିମା
ଅସରନ୍ତି ଏହି ଦିବସ ମହିମା ଯାର
ବର୍ଣ୍ଣନାର ନାହିଁ ସୀମା ।।

ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ : ୯୬୬୮୮୧୫୩୬୯

## ସ୍କ୍ରିନସର୍ଟ

**ସଞ୍ଜୀୟ ଖେମୁଣ୍ଡୁ**

ତମେ ଡିପିରେ ରଖିଥିବା ଫୋଟକୁ
ମୁଁ ସ୍କ୍ରିନସର୍ଟ ମାରି ରଖିଛି ତମ ବିନା
ଅନୁମତିରେ
ତମକୁ ଯେବେ ଦେଖିବାକୁ ଇଚ୍ଛା ହୁଏ
ତମ ସହ ଯେବେ କଥା ହେବାକୁ
ମନ ଲାଗେ
ତେବେ ଏହି ଫୋଟକୁ ଦେଖେ
ଆଉ ଏହାରି ସହ ମୁଁ କଥା ହୁଏ
ନିରୋଳାରେ ।
ତମକୁ ମୁଁ ଫୋଟଟେ ମାଗିଥିଲି ଅତି
ବିନମ୍ରତାର ସହ
ଅଥଚ ତମେ ଦେଲନି
କହିଲ, ମୋ ଫୋଟ ନେଇ କ'ଣ
କରିବ ?
ମୁଁ ଭାବୁକ ହୋଇ କହିଲି, ତମ ଫୋଟ
ଦେଖି ଦେଖି
ଗୋଟେ ମନ ଗଢ଼ା କବିତା ନହେଲେ
କାହାଣୀଟେ ଲେଖିବି
ତମେ ମୋର ପ୍ରେମିକା ତ ହେଇପାରିବ
କି ନାହିଁ ମୁଁ ଜାଣେନି
ହେଲେ ମୋ କବିତାର ନାୟିକା
କିମ୍ବା ମୋ ଗପର ଛନ୍ଦ ଚନ୍ଦ୍ରିକା କିନ୍ତୁ
ନିଶ୍ଚୟ ହବ
ଶେଷବେଳେ ଏତିକି ତ ଦୟାକର
ହେଲେ ସେତିକି ବି କଲନି ।
ତମ ଖୁସିରେ ମୋ ଖୁସି ବୋଲି ମୁଁ
ଆଉ ବାଧ ବି କଲିନି
ହେଲେ କିନ୍ତୁ ଅନନ୍ୟୋପାୟ ହୋଇ
ତମ ଡିପିର ଫୋଟକୁ
ମୁଁ ସ୍କ୍ରିନସର୍ଟ ମାରି ରଖି ଦେଇଛି
ସେଥିପାଇଁ ମୋତେ କ୍ଷମା କରିଦେବ
ମୁଁ ତମକୁ କ୍ଷମା ମାଗି ନଉଚି ।
ସେଇ ସ୍କ୍ରିନସର୍ଟ ନେଇଥିବା
ଫୋଟରେ
ତମେ ଟିକିଲି ପିନ୍ଧିନ,
କଜଳ ଲଗେଇନ
କି ଲିପିସ୍ଟିକ ବି ମାଖିନ
ଅଥଚ ତମେ କେଉଁ ପରୀ ରାଇଜର
ରାଜଜେମା
ଠାରୁ ବି କୌଣସି ଗୁଣରେ କମ
ଲାଗୁନ ।
ମୁଁ ଯଦି ଜଣେ ଚିତ୍ରକର ହେଇଥାନ୍ତି
କିମ୍ବା ହେଇଥାନ୍ତି ଜଣେ ବିଶିଷ୍ଟ କବି
ତେବେ ସେ ଫୋଟକୁ ଦେଖି ଦେଖି
ଗୋଟେ ସୁନ୍ଦର ଚିତ୍ର ଆଙ୍କିଦିଅନ୍ତି
ନଚେତ ମନ୍ତ୍ରମୁଗ୍ଧ କବିତାଟେ
ଲେଖିପାରନ୍ତି ।
କିନ୍ତୁ ହାଏ !ମୁଁ ତ ସୁଦୁ ଭକୁଆଟିଏ
କାହିଁକି କେ ଜାଣେ ମନେ ମନେ ଖାଲି
ମୁରୁକି ହସେ
ସେ ଫୋଟକୁ ଯେବେ ଚାହିଁ ବସେ ।


ଇଣ୍ଟିଗ୍ରେଟେଡ଼ ବିଇଡି -ଏମଇଡି ଛାତ୍ର
ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ
ବିଶ୍ୱବିଦ୍ୟାଳୟ, ବାରିପଦା
ଫୋନ -୭୮୫୪୦୧୦୫୧୯



# ଯେବେ ବର୍ଷକୁ ୭ରୁ ୮ଟି ଫିଲ୍ମ ନିର୍ମାଣ କରୁଥିଲେ ଅଜୟ୍, ସବୁ ହେଉଥିଲା ଫ୍ଲପ

ବଲିଉଡ ଅଭିନେତା ଅଜୟ ଦେବଗନଙ୍କ ଫିଲ୍ମ ବକ୍ସ ଅଫିସରେ ବହୁତ ରୋଜଗାର କରିଥାଏ । ତାଙ୍କର ଅଧିକାଂଶ ଚଳଚ୍ଚିତ୍ର ୧୦୦ କୋଟି ଟଙ୍କା କ୍ଲବରେ ପ୍ରବେଶ କରେ । କିନ୍ତୁ ଆପଣ ଜାଣନ୍ତି କି ଦିନେ ଏପରି ଏକ ସମୟ ଥିଲା ଯେତେବେଳେ ଅଜୟ ଦେବଗନ୍ ଗୋଟିଏ ବର୍ଷରେ ୭-୮ ଚଳଚ୍ଚିତ୍ର କରିଥିଲେ ଏବଂ ପ୍ରାୟ ସବୁ ଫ୍ଲପ୍ ହୋଇଥିଲା । ତାଙ୍କର ଫ୍ଲପ୍ ଫିଲ୍ମ ଯୋଗୁଁ କୋଟି କୋଟି କ୍ଷତି ହୋଇଥିଲା । ଅଜୟ ପ୍ରଥମେ ୧୯୯୩ ମସିହାରେ ୮ଟି ଚଳଚ୍ଚିତ୍ର କରିଥିଲେ । ଏହି ୮ଟି ଚଳଚ୍ଚିତ୍ର ମଧ୍ୟରୁ କେବଳ ଗୋଟିଏ ଚଳଚ୍ଚିତ୍ର ସଫଳ ହୋଇଥିଲା । ସମସ୍ତ ଚଳଚ୍ଚିତ୍ର ଏକାଠି ମୋଟ ୧୫.୨୦ କୋଟି ଟଙ୍କା ରୋଜଗାର କରିଥିଲା ।

ସେ କରିଥିବା ଏକମାତ୍ର ଚଳଚ୍ଚିତ୍ର କରିସ୍ମା କପୁରଙ୍କ ସହ ହୋଇଥିଲା । ଏହି ଚଳଚ୍ଚିତ୍ରର ନାମ ଥିଲା ଶକ୍ତିମାନ । ସେ ଦିବ୍ୟା ଶକ୍ତି, ପ୍ଲାଟଫର୍ମ, ସଂଗ୍ରାମ, ଶକ୍ତିମାନ, ଦିଲ ହେ ବେତାବ, ଏକ ହି ରାସ୍ତା, ବେଦର୍ଦ୍ଦି ଏବଂ ଧନୱାନ ଥିଲା । ରିପୋର୍ଟ ଅନୁଯାୟୀ ତାଙ୍କ ଚଳଚ୍ଚିତ୍ର ବେଦର୍ଦ୍ଦି ମାତ୍ର ୧.୧ କୋଟି ଟଙ୍କା ରୋଜଗାର କରିଥିଲା ଏବଂ ଫ୍ଲପ୍ ହୋଇଥିଲା । ଧନୱାନ ୦.୫ କୋଟି ଟଙ୍କା ରୋଜଗାର କରିଥିଲା । ପ୍ଲାଟଫର୍ମ ୧ କୋଟି ଟଙ୍କା, ଏକ ହି ରାସ୍ତା ୩ କୋଟି, ଦିଲ ହେ ବେତାବ ୧ କୋଟି, ସଂଗ୍ରାମ ୪.୨ କୋଟି ରୋଜଗାର କରିଥିଲା । ୧୯୯୯ ମସିହାରେ ଅଜୟ ଦେବଗନ୍ ୭ଟି ଚଳଚ୍ଚିତ୍ର କରିଥିଲେ । ଏହି ୭ଟି ଚଳଚ୍ଚିତ୍ର ମଧ୍ୟରୁ ସେ କେବଳ ଗୋଟିଏ ହିଟ୍ ଫିଲ୍ମ ହୋଇଥିଲା, ଯାହାର ନାମ ହମ୍ ଦିଲ୍ ଦେ ଚୁକେ ସନମ୍ ଥିଲା ।




# ଓସ୍କାର ଅଭିଯାନ ପୂର୍ବରୁ ବଦଳିଲା 'ଲାପତା ଲେଡିଜ'ର ନାମ

ଚେନ୍ନାଇରେ ଏକ ଇଭେଣ୍ଟ ସମୟରେ 'ଫିଲ୍ମ ଫେଡେରେସନ୍ ଅଫ୍ ଇଣ୍ଡିଆ' କିରଣ ରାଓଙ୍କ ଫିଲ୍ମ 'ଲାପତା ଲେଡିଜ୍' ଓସ୍କାର ଆୱାର୍ଡ ୨୦୨୫ ପାଇଁ ମନୋନୀତ ହୋଇଥିବା ଘୋଷଣା କରିଥିଲା । ଏହି ଖୁସି ଖବର ଆସିବା ପରେ ଫିଲ୍ମର ନିର୍ଦ୍ଦେଶକ କିରଣ ରାଓ ଏବଂ ତାଙ୍କର ପୂରା ଟିମ୍ ଖୁସି ବ୍ୟକ୍ତ କରିଛନ୍ତି । ଏହି ଖୁସି ଖବର ମିଳିବା ପରେ ଏବେ ଓସ୍କାର ଅଭିଯାନ ପାଇଁ ପ୍ରସ୍ତୁତ ହେଉଛନ୍ତି କିରଣ ରାଓ । ଏହା ପୂର୍ବରୁ ଆମୀର ଏବଂ କିରଣ ଫିଲ୍ମର ଟାଇଟେଲରେ ଗୋଟିଏ ବଡ଼ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଛନ୍ତି, ଯାହାଦ୍ୱାରା ଆନ୍ତର୍ଜାତୀୟ ସ୍ତରରେ ଲୋକେ ସହଜରେ ବୁଝିପାରିବେ ଏବଂ ଗ୍ରହଣ କରିପାରିବେ । ଆମୀରଙ୍କ ପ୍ରଡକ୍ସନ୍ ହାଉସର ଇନଷ୍ଟାଗ୍ରାମ ଆକାଉଣ୍ଟରେ ଫିଲ୍ମର ନୂଆ ନାମ ଘୋଷଣା କରାଯାଇଛି । ପୂର୍ବରୁ ଏହାର ନାମ 'ଲାପତା ଲେଡିଜ୍' ଥିବା ବେଳେ ?ଏବେ ଏହାର ନାମ 'ଲଷ୍ଟ ଲେଡିଜ୍' ରଖାଯାଇଛି । ସାରା ବିଶ୍ୱରେ ଚଳଚ୍ଚିତ୍ରର ପ୍ରଚାର କରିବା ପାଇଁ ସେମାନେ ନାମ ପରିବର୍ତ୍ତନ କରିଥିବା ଜଣାପଡ଼ିଛି। ଫିଲ୍ମର ପୋଷ୍ଟର ସମାନ ଥିଲେ ବି ଏହାର ନାମ ବଦଳାଯାଇଛି ।

# 'ଓମ୍ ଶାନ୍ତି ଓମ୍'ର ନିଆଁ ଦୃଶ୍ୟ ପରେ କାନ୍ଦିଥିଲେ ଶ୍ୟାମ୍ କୌଶଲ୍



ବଲିଉଡ୍‌ର 'ଷ୍ଟଣ୍ଟ୍ ଡାଇରେକ୍ଟର' ଶ୍ୟାମ୍ କୌଶଲ ତାଙ୍କ ଜୀବନରେ ଅନେକ ସାହସିକ ଦୃଶ୍ୟର ସମ୍ମୁଖୀନ ହୋଇଛନ୍ତି । ହେଲେ ଫରହା ଖାନ୍‌ଙ୍କ ସିନେମା 'ଓମ୍ ଶାନ୍ତି ଓମ୍'ର ଏକ ଅଗ୍ନିକାଣ୍ଡ ଦୃଶ୍ୟ ତାଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା । ଏକ ସାକ୍ଷାତ୍‌କାରରେ ସେହି କହିଛନ୍ତି କି ଉକ୍ତ ଦୃଶ୍ୟର ସୁଟିଂ ସରିବା ପରେ ସେ ଏକ କୋଣରେ ବସି ଖୁବ୍ କାନ୍ଦିଥିଲେ ।

ଭିକି କୌଶଲଙ୍କ ପିତା ଓ କ୍ୟାଟ୍ରିନା କୈଫ୍‌ଙ୍କ ଶଶୁର ସାମ୍ କୌଶଲଙ୍କ କହିବାନୁସାରେ, ତାଙ୍କୁ ସେହି ସିନ୍‌ରେ ହାର୍ଟ-ଆଟାକ୍ ଆସି ଯାଇଥିଲା ।

ଫ୍ରାଇଡେ ଟକିଜ୍ ସହ କଥାବାର୍ତ୍ତା କରି ସେ ତାଙ୍କ ଜୀବନର ଏହି ଅଭୁଲା ଅନୁଭୂତିକୁ ବଖାଣିଛନ୍ତି । ଯେତେବେଳେ ତାଙ୍କୁ 'ଓମ୍ ଶାନ୍ତି ଓମ୍'ର ଏହି ଚ୍ୟାଲେଞ୍ଜି ଦୃଶ୍ୟ ବିଷୟରେ ପଚରାଗଲା ତ ସେ କହିଥିଲେ କି ବାସ୍ତବରେ ନିଆଁ ଲଗାଇ ସୁଟ୍ କରିବା କିଛି କମ୍ କଥା ନଥିଲା ।

ତାଙ୍କ କହିବା କଥା ହେଲା, ସେତେବେଳେ ଭିଏଫ୍‌ଏକ୍ସ ବେଶି ବିକଶିତ ହୋଇନଥିଲା । ନିଆ ସିନ୍ କରିବା ପାଇଁ ସେଟ୍‌ରେ ସତରେ ନିଆଁ ଲଗାଇବାକୁ ପଡୁଥିଲା । ସେଥିପାଇଁ ସେ ଭୟଭୀତ ହୋଇ ଯାଇଥିଲେ । କାରଣ ପୂରା ସେଟ୍‌ରେ ୬୦ ଜଣ କର୍ମଚାରୀ ଥିଲେ । ମାତ୍ର ଶାହରୁଖ୍ ଖାନ୍ ତାଙ୍କୁ ଆଶ୍ୱାସନା ଦେଇଥିଲେ । କହିଥିଲେ କି ବ୍ୟସ୍ତ ହୁଅନ୍ତୁ ନାହିଁ; ମୁଁ ଆରାମରେ ବାହାରି ଆସିବି ।



# ଅଲ୍ଲୁ ଅର୍ଜୁନଙ୍କ ନକଲି ଆପତ୍ତିଜନକ ଭିଡିଓକୁ ଦେଖି ଅସନ୍ତୋଷ ଫ୍ୟାନ୍ସ

ଅଲ୍ଲୁ ଅର୍ଜୁନଙ୍କ ସିନେମା 'ପୁଷ୍ପା ୨' ଚଳିତ ବର୍ଷ ଡିସେମ୍ବର ୦୫ ରେ ମୁକ୍ତିଲାଭ କରିବାର ଯୋଜନା ରହିଛି । ଅଲ୍ଲୁ ତାଙ୍କର ଏହି ଚଳଚ୍ଚିତ୍ରର ପ୍ରମୋସନରେ ବ୍ୟସ୍ତ ଅଛନ୍ତି । ଏହି କ୍ରମରେ ଖବର ଆସିଛି କି ଅଲ୍ଲୁଙ୍କ ପ୍ରଶଂସକ ବୋଲି ପରିଚୟ ଦେଇ କିଛି ଲୋକ ହାଇଦ୍ରାବାଦର ଏକ ଘରୋଇ ୟୁଟ୍ୟୁବ୍ ଚ୍ୟାନେଲ ଉପରେ ଆକ୍ରମଣ କରି ଅନେକ ଭଙ୍ଗାରୁଜା କରିଛନ୍ତି । ସୂଚନାଯୋଗ୍ୟ, କିଛିଦିନ ହେବ ସୋସିଆଲ୍ ମିଡିଆରେ ଅଲ୍ଲୁ ଅର୍ଜୁନଙ୍କୁ ପସନ୍ଦ କରୁ ନଥିବା ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଏହା ପଛରେ ରାଜନୈତିକ କାରଣ ଥିବା କୁହାଯାଉଛି । ଅଭିନେତା ୱାଇଏସଆର କଂଗ୍ରେସକୁ ସମର୍ଥନ କରୁଥିବା ନେଇ ଅଲ୍ଲୁଙ୍କ ପ୍ରଶଂସକମାନେ ରାଗିଛନ୍ତି ।

ଏହି କାରଣରୁ ଅନେକ ୟୁଟ୍ୟୁବ୍ ଚ୍ୟାନେଲରେ ଅଲ୍ଲୁ ଅର୍ଜୁନଙ୍କୁ ନେଇ ଅନେକ ପ୍ରକାରର ଭୁଲ ଏବଂ ମିଥ୍ୟା ଖବର ପ୍ରଚାର କରୁଛନ୍ତି । ଅନେକ ନକଲି ୟୁଟ୍ୟୁବ୍ ଥମ୍ବନେଲ ପୋଷ୍ଟ କରାଯାଉଛି । ନିକଟରେ ଅଲ୍ଲୁ ଅର୍ଜୁନଙ୍କ ଏକ ନକଲି ଆପତ୍ତିଜନକ ଭିଡିଓ ସାମ୍ନାକୁ ଆସିବା ପରେ ପ୍ରଶଂସକମାନେ ହାଇଦ୍ରାବାଦର ଶ୍ରୀନଗର କଲୋନିରେଥିବା ଏକ ୟୁଟ୍ୟୁବ ଚ୍ୟାନେଲର କାର୍ଯ୍ୟାଳୟ ଉପରେ ଆକ୍ରମଣ କରିଥିଲେ ।

ଆକ୍ରମଣକାରୀ କାର୍ଯ୍ୟାଳୟରେ ଥିବା କମ୍ପ୍ୟୁଟର ଏବଂ ଡେସ୍କଟପ୍ ଭାଙ୍ଗି ଦେଇଥିଲେ । ଏହି ଘଟଣାକୁ ନେଇ ପୁଲିସ କହିଛନ୍ତି, 'ଏଯାବତ ଆମ ପାଖରେ ଏହାକୁ ନେଇ କୌଣସି ପ୍ରକାର ଅଭିଯୋଗ ହୋଇନାହିଁ । ଅଭିଯୋଗ ହେଲେ ନିଶ୍ଚିତ ତଦନ୍ତ ଆରମ୍ଭ କରିବୁ ।' ଅଲ୍ଲୁ ଅର୍ଜୁନଙ୍କ 'ପୁଷ୍ପା ୨: ଦ ରୁଲ' ସିନେମାର ଟ୍ରେଲରକୁ ପ୍ରଶଂସକମାନେ ଉତ୍ସାହର ସହ ଅପେକ୍ଷା କରିଛନ୍ତି । 'ପୁଷ୍ପା ୨' ସାରା ବିଶ୍ୱରେ ମୁକ୍ତିଲାଭ କରିବ, ଯାହାର ପ୍ରମୋସନ କାମ ଆରମ୍ଭ ହୋଇ ଯାଇଛି । ତେବେ ଏହାରି ମଧ୍ୟରେ ଫିଲ୍ମର ଟ୍ରେଲର ରିଲିଜ ହେବାକୁ ଯାଉଛି । 'ପୁଷ୍ପା ୨: ଦ ରୁଲ'ର ଟ୍ରେଲର ୧୭ ନଭେମ୍ବରରେ ପାଟନାରେ ରାତି ୦୬.୦୩ରେ ମୁକ୍ତିଲାଭ କରିବ ।

# ପୁଣି ମୁକେଶଙ୍କୁ ଶକ୍ତିମାନ ଅବତାରରେ ଦେଖି ପେଟୁମାନ କହିଲେ ଲୋକେ

ଟିଭି ଚ୍ୟାନେଲ ଦୂରଦର୍ଶନର ସବୁଠାରୁ ଲୋକପ୍ରିୟ ଟିଭି ସୋ' ମଧ୍ୟରେ ରହିଛି ଶକ୍ତିମାନ । ମୁକେଶ ଖାନ୍ନାଙ୍କ ଅଭିନୀତ ଏହି ସୁପରହିଟ୍ ଧାରାବାହିକ ୯୦ଦଶକରେ ଦର୍ଶକଙ୍କ ବହୁତ ମନୋରଞ୍ଜନ କରିଥିଲା । କିଛି ଦିନ ତଳେ ମୁକେଶ ଶକ୍ତିମାନକୁ ନେଇ ପୁଣି ଫେରିବେ ବୋଲି ଘୋଷଣା କରିଥିଲେ । ଏବେ ସେ ନିଜ କଥା ରଖି ଭୀଷ୍ମ ଇଣ୍ଟରନ୍ୟାସନାଲ ୟୁଟ୍ୟୁବ ଚ୍ୟାନେଲରେ ଏକ ସିରିଜ୍ ଆରମ୍ଭ କରିଛନ୍ତି । ଏହି ଶକ୍ତିମାନରେ ମୁକେଶ ଖାନ୍ନା ଆକ୍ସନ ନକରି ପିଲାମାନଙ୍କ ସହିତ ଦେଶର ସାହସୀ ବିପ୍ଳବୀମାନଙ୍କ ବିଷୟରେ କଥା ହେଉଥିବାର ଦେଖିବାକୁ ମିଳିବ । ତେବେ ପ୍ରଥମ ଭିଡିଓ ନଭେମ୍ବର ୧୧ରେ ରିଲିଜ୍ ହୋଇଥିବା ବେଳେ ଶକ୍ତିମାନ ଅବତାରରେ ମୁକେଶଙ୍କୁ ଦେଖି ଏବେ ଲୋକେ ତାଙ୍କୁ ଟ୍ରୋଲ କରୁଛନ୍ତି । ଶକ୍ତିମାନ ଅବତାର ନେଇ ସେ ଯେଉଁ ପୋଷାକ ପିନ୍ଧିଥିଲେ ସେଥିରେ ତାଙ୍କ ପେଟ ବାହାରକୁ ବାହାରିଥିବାରୁ ଲୋକେ ତାଙ୍କ ପେଟୁମାନ କହି



ଟ୍ରୋଲ କରୁଛନ୍ତି । କିଛି ଲୋକ ତାଙ୍କ ବୟସ ପାଇଁ ତାଙ୍କୁ ବୁଢ଼ାମାନ କହୁଥିବା ମଧ ଦେଖିବାକୁ ମିଳିଛି । କିଛି ସୋସିଆଲ ମିଡିଆ ବ୍ୟବହାରକାରୀ ମତ ରଖିଛନ୍ତି ଯେ, ୯୦ଦଶକରେ ଶକ୍ତିମାନକୁ ନେଇ ଯେଉଁ ଅଭୁଲା ସ୍ମୃତି ଅଛି ତାକୁ ଖରାପ କରନ୍ତୁ ନାହିଁ ।

# ଲୋମଟାଙ୍କୁରି ଦେଲା ବିକି କୌଶଲଙ୍କ ମହାବତାରରେ ଥିବା ପର୍ଶୁରାମଙ୍କ ଲୁକ୍

ଚର୍ଚ୍ଚାରେ ବଲିଉଡ ଅଭିନେତା ବିକି କୌଶଲ । ପିରିୟଡ ଡ୍ରାମା ଚଳଚ୍ଚିତ୍ର 'ଛାବା' ପାଇଁ କିଛି ଦିନ ହେବ ଲାଇମଲାଇଟରେ ଅଛନ୍ତି ବିକି । ଫିଲ୍ମର ଟିଜର ରିଲିଜ ହୋଇଛି ଯେଉଁଥିରେ ସେ ଜବରଦସ୍ତ ଆକ୍ସନ୍ କରୁଥିବା ଦେଖିବାକୁ ମିଳିଛି । ଏହି ଚଳଚ୍ଚିତ୍ରରେ ବିକିଙ୍କ ସହ ମୁଖ୍ୟ ଭୂମିକାରେ ରଶ୍ମିକା ମନ୍ଦନା ନଜର ଆସିବେ । ଏହି ଫିଲ୍ମର ଟିଜର ଦର୍ଶକଙ୍କୁ ପସନ୍ଦ ଆସିଥିବା ବେଳେ ଏବେ ବିକିଙ୍କ ଆଉ ଏକ ଫିଲ୍ମର ନାମ ଘୋଷଣା କରାଯାଇଛି । ନାମ ସହ ଫିଲ୍ମରେ ଥିବା ବିକିଙ୍କ ଲୁକ୍ ସାମ୍ନାକୁ ଆସିଛି, ଯାହାକୁ ଦେଖିବା ପରେ ଲୋମଟାଙ୍କୁରି ହୋଇଯାଇଥିବା ଦାବି କରିଛନ୍ତି ଲୋକେ । ଫିଲ୍ମର ନାମ 'ମହାବତାର' ଥିବା ବେଳେ ଏଥିରେ ସେ ଚିରଞ୍ଜୀବୀ ପର୍ଶୁରାମଙ୍କ ଭୂମିକାରେ ନଜର ଆସିବେ । ପର୍ଶୁରାମଙ୍କ ଚରିତ୍ର ପାଇଁ ସେ ଯେଉଁଭଳି ଭାବେ ନିଜର ଲୁକ୍ ବଦଳାଇଛନ୍ତି ତାହା ଦର୍ଶକଙ୍କୁ ପସନ୍ଦ ଆସୁଛି ।

ଇନଷ୍ଟାଗ୍ରାମରେ ମୋସନ ପୋଷ୍ଟର ସେୟାର କରି ମ୍ୟାଡକ୍ ଫିଲ୍ମସ ଲେଖିଛି ଯେ, "ଦୀନେଶ ବିଜନ ଧର୍ମର ଅନନ୍ତ ଯୋଦ୍ଧାଙ୍କ କାହାଣୀକୁ ଜୀବନ୍ତ କରିଛନ୍ତି । ଅମର କେ?ଶିକଙ୍କ ନିର୍ଦ୍ଦେଶିତ ମହାବତାରରେ ଚିରଞ୍ଜୀବୀ ପର୍ଶୁରାମ ଭାବରେ ବିକି କୌଶଲ ଅଭିନୟ କରିଛନ୍ତି । ଖ୍ରୀଷ୍ଟମାସ ୨୦୨୬ରେ ଏହି ଫିଲ୍ମ ରିଲିଜ୍ ହେବ । ' ଫିଲ୍ମର ମୋସନ ପୋଷ୍ଟର ଦେଖିବା ପରେ ଏବେ ଦର୍ଶକ ରିଲିଜ୍ ପାଇଁ ଦିନ ଗଣିବା ଆରମ୍ଭ କରିଛନ୍ତି ।



# ଓଡ଼ିଶାର ପ୍ରଥମ ଅଭିଲେଖ ଜଡ଼ିତ ସତୀ ଶିଳା ପାଠୋଦ୍ଧାର

ନୂଆପଡ଼ା, ୧୪/୧୧ (ନି.ପ୍ର): ଟିଟିଲାଗଡ ବ୍ଲକ ନିକଟବର୍ତ୍ତୀ ଡିଆଟନ ଗ୍ରାମରୁ ଓଡ଼ିଶାର ପ୍ରଥମ ଅଭିଲେଖ ଜଡ଼ିତ ସତୀ ଶିଳା ପାଠ ଉଦ୍ଧାର ହୋଇଛି । ପଶ୍ଚିମ ଓଡ଼ିଶାର ସ୍ମୃତିସ୍ତମ୍ଭ ଗବେଷଣା କରିବାକୁ ଯାଇ ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଇତିହାସ ବିଭାଗର ଅଧ୍ୟାପକ ତଥା ଗବେଷକ ରାଜକୁମାର ରତେ ଏବଂ ପାରଳାଖେମୁଣ୍ଡିର ଲିପି ତତ୍ତ୍ୱବିତ୍ ବିଷ୍ଣୁମୋହନ ଅଧିକାରୀ ଏକ ଯୁଗାଭାସୀ ଅଧ୍ୟାୟ ସୃଷ୍ଟି କରିଛନ୍ତି । ଗବେଷକ ଶ୍ରୀ ରତେ ତାଙ୍କର ଦୁଇଜଣ ଛାତ୍ର ବିକାଶ କାଣ୍ଡ ଓ ସରୋଜ ବାଗଙ୍କ ସହ ଡିଆଟନ ଗ୍ରାମର ବହୁ ପୁରାତନ ଶ୍ରୀ ମହାଦେବଙ୍କ ମନ୍ଦିରରୁ ଏକ ଅଭିଲେଖ ଜଡ଼ିତ ସତୀ ଶିଳା ଉଦ୍ଧାର କରିଥିଲେ । ତତ୍ ସହିତ ଆଉ ଛଅଟି ସତୀ ଶିଳା ଓ ଗଣପତି ଏବଂ କାର୍ତ୍ତିକେୟଙ୍କ ମୂର୍ତ୍ତି ମଧ୍ୟ ଠାବ କରିବାରେ ସକ୍ଷମ ହୋଇଥିଲେ । ଉଦ୍ଧୃତ ସତୀ ଶିଳାର ଲିପି ଉପରେ ସବିଶେଷ ଅଧ୍ୟୟନ ନିମନ୍ତେ ଶ୍ରୀ ରତେ ଲିପିତତ୍ତ୍ୱବିତ୍ ବିଷ୍ଣୁମୋହନ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ । ସଂପୂର୍ଣ୍ଣ ଶିଳାଲେଖଟି ନାଗରୀ ଲିପିରେ ଲିଖିତ ବୋଲି ଅନୁମେୟ ଏବଂ ଉକ୍ତ ଶିଳାଲେଖର କେବଳ ତିନୋଟି ଧାଡି ପଠନ ଯୋଗ୍ୟ ଥିଲା । ଏହି ଶିଳାଲେଖଟି ଦଶମ ବା ଏକାଦଶ ଶତାବ୍ଦୀର ବୋଲି ଅନୁମାନ ହେବା ସହ ଏହାର ଲିଖିତ କାଳ ସୋମବଂଶୀ ରାଜତ୍ୱ କାଳର ବୋଲି ପ୍ରତୀୟମାନ ହୁଏ । ସତୀ ଶିଳାଟି କା ଞ୍ଜୁ ଗ୍ଳା ଦେବୀ ନାମକ ମହିଳାଙ୍କ ସତୀ ହେବାର ଘଟଣା ଅବସରରେ ପ୍ରତିଷ୍ଠିତ । ସତୀଶିଳାର ଉପର ଭାଗରେ ଅଭୟ ମୁଦ୍ରା ପ୍ରଦାନର ଏକ ହସ୍ତ ସଂକେତ ସହ ସୂର୍ଯ୍ୟ ଏବଂ ଅର୍ଦ୍ଧଚନ୍ଦ୍ର ଚିହ୍ନ ଖୋଦିତ ହେବା ସହିତ ଏହାର ମଧ୍ୟ ଭାଗରେ ଗୋଟିଏ ପୁରୁଷ ଏବଂ ମହିଳାଙ୍କ ଏକ ସ୍ତମ୍ଭକୁ ପୂଜା କରୁଥିବାର ଦେଖାଯାଉଛି । ସାଧାରଣତଃ ସତୀଶିଳାମାନଙ୍କରେ ଶିବଲିଙ୍ଗ ପୂଜାର୍ଚ୍ଚନାର ଚିତ୍ର ସମୂହ ପରିଦୃଷ୍ଟ ହୁଏ , ଅଥଚ ଡିଆଟନର ଆବିଷ୍କୃତ ଶିଳାଲେଖରେ ସ୍ତମ୍ଭ ଆକୃତିର ବସ୍ତୁ ପୂଜା କରୁଥିବାର ଦେଖାଯାଇଛି । ଏହି ଶିଳାଲେଖର ଚିତ୍ରଟିର ସାମଞ୍ଜସ୍ୟ ସ୍ତମ୍ଭେଶ୍ୱରୀ ବା ଖମ୍ଭେଶ୍ୱରୀ ଉପାସନା ସହ ଜଡିତ ଥିବା ଅନୁମାନ କରାଯାଏ । ପୁନଶ୍ଚ ଆଦିବାସୀ ପରମ୍ପରାର ସ୍ତମ୍ଭ ପୂଜା ସହ ସତୀ ପ୍ରଥାର ସମ୍ବନ୍ଧକୁ ଦର୍ଶାଉଛି । ଗବେଷକ ଶ୍ରୀ ରତେ ଏବଂ ଲିପି ତତ୍ତ୍ୱବିତ ଶ୍ରୀ ଅଧିକାରୀଙ୍କ ଉକ୍ତ ଐତିହାସିକ ଗବେଷଣା ଲବ୍ଧ ସିଦ୍ଧାନ୍ତ ଉତୋରତର ପିଢିର ଗବେଷଣାତ୍ମକ ଜ୍ଞାନ ଆହରଣରେ ପଥ ପଦର୍ଶକ ସିଦ୍ଧ ହେବ ବୋଲି ବିଶ୍ୱାସ କରାଯାଉଛି ।

# ଆଦିବାସୀ ମହିଳା ପରିବା ବିକାଳୀଙ୍କ ପ୍ରତି ଦୁର୍ବ୍ୟବହାର ଅଭିଯୋଗ

ଜୟପୁର, ୧୪/୧୧ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ଠାରେ ଗତ ନଭେମ୍ବର ୧୧ ତାରିଖ ଦିନ ସ୍ଥାନୀୟ ଜୟପୁର ସ୍ଥିତ ଏମ୍ ଜି ରୋଡ଼ ର ସମ୍ପ୍ରସାରଣ ନିମନ୍ତେ ଜୟପୁର ପୌରପାଳିକାର କର୍ତ୍ତୃପକ୍ଷ ଓ ଅଧିକାରୀ ମାନେ ରାସ୍ତା ମାପଚୁପ କରୁଥିବା ବେଳେ ଠିକ୍ ସେହି ସମୟରେ କିଛି ସ୍ଥାନୀୟ ବ୍ୟବସାୟୀ ମାନେ ବିନା କାରଣରେ ରାସ୍ତା କଡ଼ରେ ପନିପରିବା ବେପାର କରୁଥିବା ଜଣେ ଆଦିବାସୀ ମହିଳାଙ୍କୁ ଅସମ୍ମାନ, ଦୁର୍ବ୍ୟବହାର ଓ ନାନା ପ୍ରକାରର ଗାଳିଗୁଲଜ କରିଥିବା ଏକ ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। ଏହାକୁ ଦୃଢ଼ ନିନ୍ଦା କରି ଏହି ପ୍ରକାର ଜଣେ ଆଦିବାସୀ, ଅଶିକ୍ଷିତ,ଗରିବ ମହିଳାଙ୍କୁ ଅସମ୍ମାନ ଓ ଦୁର୍ବ୍ୟବହାର କୁ ବିରୋଧକରି ଜୟପୁର ଟାଉନ୍ ଥାନାରେ ଜୟପୁର ବ୍ଲକ ଆଦିବାସୀ ସଂଘର ସଭାପତି ଏବଂ ଆଦିବାସୀ ମହିଳା ଓ ପୁରୁଷ ମାନେ ଏକତ୍ରିତ ହୋଇ ଥାନାରେ ପହଂଚଏକ ଏତଲା ଜୟପୁର ଟାଉନ୍ ଥାନା ଅଧିକାରୀଙ୍କୁ ଦେଇଛନ୍ତି।ବ୍ୟବସାୟୀ ମାନେ ନାନା ପ୍ରକାରର ଧମକ ଚମକ ଦେବା ସହିତ ଆଙ୍ଗୁଠି ଦେଖାଇ ଆସନ୍ତା ଦିନରେ ଯଦି ଏଠାରେ ପନିପରିବା ବିକ୍ରୀ କଲେ ତମକୁ ଲଙ୍ଗଳା କରି ପିଟିବୁ ବୋଲି କହିଥିବା ନେଇ ଉକ୍ତ ଏତଲାରେ ଉଲ୍ଲେଖ ରହିଛି। ଏବଂ ବ୍ୟବସାୟୀ ମାନଙ୍କ ଧମକ ଚମକ ଶୁଣି ଆଦିବାସୀ ମହିଳା ବେପାରୀ ମାନେ ଭୟଭୀତ ହୋଇଯାଇଥିବା କହିଛନ୍ତି ଆଦିବାସୀ ସଂଘର ସଭାପତି ଶ୍ରୀ ଜିତେନ୍ଦ୍ର ନାୟକ।ଏହିପରି କାର୍ଯ୍ୟ ଆଦିବାସୀ ସଂଘ ଓ ସଭ୍ୟ ସମାଜକୁ ବ୍ୟଥିତ ଓ କୁଠାରାଘାତ କରିଥିବା ନେଇ ସଭାପତି ଶ୍ରୀ ଜିତେନ୍ଦ୍ର ନାୟକ ଗଣମାଧ୍ୟମକୁ କହିଛନ୍ତି। ଯଦି ସମାଜରେ ପେଟ ପଶୁଥିବା ଗରୀବ ଆଦିବାସୀ ମହିଳା ବଡ ବଡ ଅଧିକାରୀଙ୍କ ଉପସ୍ଥିତିରେ ସୁରକ୍ଷିତ ନୁହନ୍ତି ତେବେ ଏହା ସଭ୍ୟ ସମାଜକୁ ଏକ ଖରାପ ବାର୍ତ୍ତା ଯାଉଥିବା ଆଦିବାସୀ ସଂଘର ସଭାପତି ଶ୍ରୀ ଜିତେନ୍ଦ୍ର ନାୟକ ଗଣମାଧ୍ୟମକୁ କହିଛନ୍ତି। ଜୟପୁର ଭଳି ଏକ ଆଦିବାସୀ ଅଧ୍ୟୁଷିତ ଅଂଚଳରେ ଆଦିବାସୀ ମାନେ ସୁରକ୍ଷିତ ନ ଥିବା ସ୍ଥଳେ ଯେଉଁ ବ୍ୟକ୍ତି ବିଶେଷ ମାନେ ତାଙ୍କ ପ୍ରତି ଅସମ୍ମାନ ଓ ଦୁର୍ବ୍ୟବହାର କରିଛନ୍ତି, ଭିଡିଓ ଫୁଟେଜ କୁ ଆଧାର କରି ସେମାନଙ୍କର ବିରୁଦ୍ଧରେ ଦୃଢ଼ରୁ ଦୃଢ କାର୍ଯ୍ୟନୁଷ୍ଠାନ ଗ୍ରହଣ କରି ଆଦିବାସୀ ମହିଳାଙ୍କ ପ୍ରତି ନ୍ୟାୟ ଦେବାକୁ ଦାବି କରାଯାଇଛି। ଏବଂ ଆଗାମୀ ଦିନରେ ଯଦି ଏପରି କୌଣସି ଅପ୍ରୀତିକର ପରିସ୍ଥିତି ଭବିଷ୍ୟତରେ ଉପୁଜିଲେ ପୋଲିସ ପ୍ରଶାସନ ଏଥିପାଇଁ ଦାୟୀ ରହିବ ବୋଲି ଏତଲାରେ ଉଲ୍ଲେଖ ରହିଛି।

# ତୁଳସୀ ବିବାହ ଅନୁଷ୍ଠିତ

ଜୟପୁର, ୧୪/୧୧ (ନି.ପ୍ର): ଜୟପୁର ସାମନ୍ତରାସାହି ସ୍ଥିତ କଲ୍ୟାଣ ମଣ୍ଡପରେ ଆଜି ତୁଳସୀ ଦେବିଙ୍କ ସହ ବ୍ରହ୍ମାଣ୍ଡ ନାରାୟଣ ଶ୍ରୀ ଦାମୋଦରଙ୍କ ଶୁଭବିବାହୋତ୍ସବ ଅନୁଷ୍ଠିତ ହୋଇଛି । ଗତ କାଲି ଗନ୍ଧଷଣ ହୋଇଥିବା ବେଳେ ଆଜି ସକାଳ ଆଠଟାରେ କର୍ମାରମ୍ଭ, ୧୦ଟା୩୦ ରେ ବାଟ ବରଣ, ୧୨ଟା ୪୦ ରେ ହସ୍ତଗ୍ରନ୍ଥି ଓ ସଂଧ୍ୟା୬ଟାରେ ନଗର ପରିକ୍ରମା ସହ ରାତ୍ର ୭ଟାରେ ପ୍ରସାଦ ସେବନ ଅନୁଷ୍ଠିତ ହୋଇଛି । ଶଙ୍ଖ ହୁଳହୁଳି, ବାଜା ବାଜଣା ରେ ବିବାହ ସମ୍ପର୍ଣ୍ଣ ହୋଇଛି । ଜୟପୁର ସାମନ୍ତରାସାହି ଶ୍ରୀକୃଷ୍ଣ ଚୈତନ୍ୟ ସଂଘ ତରଫରୁ ତୁଳସୀ ବିବାହ ଆୟୋଜନ ହୋଇଥିଲା । ତୁଳସୀ ବିବାହରେ କନ୍ୟାପିତୀ ଭାବେ ପ୍ରଦୀପ କୁମାର ସାମନ୍ତରାୟ ଓ କନ୍ୟା ମାତା ଭାବେ ,ସଂଯୁକ୍ତା ସାମନ୍ତରାୟ ଦାୟିତ୍ୱ ତୁଲାଇ ଥିଲେ । ସେହିପରି ବରପିତା ଭାବେ ସୁବାସ ଚନ୍ଦ୍ର ପାତ୍ର, ବରମାତା ଭାବେ ମିନତି ପାତ୍ର ଦାୟିତ୍ୱ ତୁଲାଇ ଥିଲେ ।

# ପରିବହନକୁ ନେଇ ବଲାଣି ଅଂଚଳ ପୁଣି ଅଶାନ୍ତ : ପରିବହନ ସଂସ୍ଥା ମାଲିକଙ୍କଠାରୁ ଲୁଟ ଅଭିଯୋଗ

ଯୋଡ଼ା, ୧୪/୧୧ (ନି.ପ୍ର): ବଲାଣି ଖଣିର ଫାଇନ୍ସ ଷ୍ଟାକ୍ ରୁ ବିଭିନ୍ନ ସ୍ଥାନକୁ ହେଉଥିବା ପରିବହନ କୁ ନେଇ ପୁଣି ଅଶାନ୍ତ ହୋଇପଡିଛି ବଲାଣି । ସୂଚନାନୁସାରେ ବଲାଣି ଖଣି ଫାଇନ୍ସ ଷ୍ଟାକ୍ ରୁ ରଶ୍ମି ମେଟାଲିକ ଦ୍ୱାରା ୨୦ ହଜାର ଏମଟି ଲୌହ ଗୁଣ୍ଡ କ୍ରୟ କରାଯାଇ ରେଳ ଯୋଗେ ପରିବହନ କରିବାକୁ ବଲାଣି ରେଳ ସାଇଡ଼ିଂ କୁ ସଡ଼କ ପଥ ଯୋଗେ ପରିବହନ କାର୍ଯ୍ୟ ବିଭିନ୍ନ ପରିବହନ ସଂସ୍ଥାକୁ ଦିଆଯାଇଥିଲା। ଏହି କାର୍ୟ୍ୟ କୁ ଷ୍ଟାର ଟ୍ରି, ଆର୍ ଆର୍ , କାରୋ ନାମକ ପରିବହନ ସଂସ୍ଥାକୁ ୩ ଟି ପର୍ଯ୍ୟାୟରେ ୪ହଜାର ଏମଟି ର କାର୍ଯ୍ୟାଦେଶ ରଶ୍ମି ମେଟାଲିକ ପକ୍ଷରୁ ଦିଆଯାଇଥିଲା । ତେବେ ଅନ୍ତିମ ପର୍ଯ୍ୟାୟରେ ଷ୍ଟାର ଟ୍ରି କୁ ୮ହଜାର ଟନ୍ ଲୌହ ଗୁଣ୍ଡ ପରିବହନ କରିବାକୁ କାର୍ଯ୍ୟାଦେଶ ଦିଆଯାଇଥିବା ବେଳେ ଏହି କାର୍ଯ୍ୟ ଆରମ୍ଭ କରିବାକୁ ପରିବହନକାରୀ ଯାଇଥିବା ବେଳେ ସେଠାରେ କିଛି ଆସମାଜିକ ଯୁବକ ବିରୋଧ କରିଥିଲେ ଏବଂ ପରିବହନ ସଂସ୍ଥାର ମାଲିକ ଅଜିତ ମିଶ୍ରଙ୍କ ଠାରୁ ମୋବାଇଲ ଛଡ଼ାଇନେବା ସହିତ ପକେଟରୁ ୫୦ହଜାର ଟଙ୍କା ଲୁଟ କରିବା ସହିତ ହତ୍ୟାର ଧମକ ଦେଇଥିବା ନେଇ ପରିବହନ ସଂସ୍ଥାର ମାଲିକ ଅଜିତ ମିଶ୍ର ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି । କାର୍ଯ୍ୟାଦେଶ ଥାଇ ମଧ୍ୟ ଜୋର ଜବରଦସ୍ତ କିଛି ଅସାମାଜିକ ଯୁବକ ଏହାକୁ ବିରୋଧ କରିବା ସହିତ ଲୁଟ ଭଳି ଅପରାଧ ଘଟାଇ ଥିଲେ ସୁଦ୍ଧା ଅଭିଯୋଗ ପରେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାରୁ ଅଜିତ ମିଶ୍ରଙ୍କ ସମର୍ଥିତ ସ୍ଥାନୀୟ ବାସିନ୍ଦା ଶ୍ରମିକ ନେତା କମଳାପତି ଯାଦବଙ୍କ ନେତୃତ୍ୱରେ ବଲାଣି ଥାନାକୁ ଘେରାଉ କରିଥିଲେ । ତେବେ ଘେରାଉ ପରେ ମଧ୍ୟ ଉକ୍ତ ଅସାମାଜିକ ଯୁବକଙ୍କ ବିରୋଧରେ ସ୍ଥାନୀୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାରୁ ସ୍ଥାନୀୟ ଲୋକେ ସେଠାରୁ ନିରାଶ ହେବା ପରେ ଶତାଧିକ ସ୍ଥାନୀୟ ବାସିନ୍ଦା ବଲାଣି ଖଣିର ଫାଇନ୍ସ ଷ୍ଟାକ୍ ନିକଟକୁ ଯାଇଥିଲେ ଯେଉଁଠାରେ ଦୁଇ ଗୋଷ୍ଠୀ ଆମ୍ନା ସାମ୍ନା ହୋଇଥିଲେ । ସେଠାରେ ଉଭୟ ପକ୍ଷ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ତେବେ ପରେ ପୁଣି ଶତାଧିକ ସ୍ଥାନୀୟ ମହିଳା ଓ ପୁରୁଷ ବଲାଣି ଥାନାକୁ ଫେରି ଆସି ଘେରାଉ କରି ରଖିଥିବା ନେଇ ଜଣା ପଡ଼ିଛି । ଏହି ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଥାନାକୁ ସ୍ଥାନୀୟ ଶତାଧିକ ମହିଳା ଓ ପୁରୁଷ ଘେରାଉ କରି ରଖିଥିବା ସୂଚନା ରହିଛି ।

# ରେଳଯାତ୍ରୀଙ୍କ ଜୀବନ ରକ୍ଷା ପାଇଁ ବଲାଙ୍ଗୀର ଷ୍ଟେସନ୍‌ରେ ପୂର୍ଣ୍ଣାଙ୍ଗ ମିଳିତ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ

ବଲାଙ୍ଗୀର, ୧୪/୧୧ (ନି.ପ୍ର): ପୂର୍ବତଟ ରେଳପଥ ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ବୁଧବାର ବଲାଙ୍ଗୀର ରେଳ ଷ୍ଟେଶନଠାରେ ପୂର୍ଣ୍ଣାଙ୍ଗ ମିଳିତ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଆୟୋଜନ କରାଯାଇଥିଲା। ଏହି ଅବସରରେ ଜାତୀୟ ବିପର୍ଯ୍ୟୟ ପରିଚାଳନା ବଳ (ଏନ୍‌ଡିଆର୍‌ଏଫ୍), ଓଡ଼ିଶା ବିପର୍ଯ୍ୟୟ ରାପିଡ୍ ଆକ୍ସନ ଫୋର୍ସ, ସ୍ଥାନୀୟ ପ୍ରଶାସନ, ରାଜ୍ୟ ଅଗ୍ନିଶମ ସେବା, ରାଜ୍ୟ ସ୍ୱାସ୍ଥ୍ୟସେବା, ରେଳ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍, ସ୍ଥାନୀୟ ଏନ୍‌ଜିଓ ଏବଂ ରେଳ ବିଭାଗର ସମସ୍ତ ବିଭାଗ ଅଂଶଗ୍ରହଣ କରିଥିଲେ। ଏହି ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ସମୟରେ ଆଧୁନିକ ଯନ୍ତ୍ରପାତି ଯଥା ରେଳ କୋଚ୍ କାଟିବା ମେଶିନ, ଅଗ୍ନି ନିର୍ବାପକ ଏବଂ ଶୀଘ୍ର ଚିକିତ୍ସା ସ୍ଥାନାନ୍ତର ଭଳି ଆଧୁନିକ ଉପକରଣ ଇତ୍ୟାଦି ବ୍ୟବହାର କରାଯାଇଥିଲା। କୌଣସି ଜରୁରୀ ପରିସ୍ଥିତିର ସଫଳ ମୁକାବିଲା କରିବା ପାଇଁ କିଭଳି ସମୟୋଚିତ ପଦକ୍ଷେପ ନିଆଯାଇ ରେଳଯାତ୍ରୀଙ୍କ ଧନ ଓ ଜୀବନ ବଂଚାଇ ହେବ ଏହାର ଅଭ୍ୟାସ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଆନନ୍ଦ ସିଂ ଉପସ୍ଥିତ ରହି ଏହି ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ସ୍ଥାନ ପରିଦର୍ଶନ କରିଥିଲେ। ଏହି ଅଭ୍ୟାସ ରେଳବାଇ ଏବଂ ସମସ୍ତ ଅଂଶଗ୍ରହଣକାରୀ ସଂସ୍ଥାକୁ ଯେକୌଣସି ଅପ୍ରତ୍ୟାଶିତ ପରିସ୍ଥିତିର ଗଭୀର ତଥା ସମନ୍ୱିତ ମୁକାବିଲା କରିବାରେ ସାହାଯ୍ୟ କରିବ ଯାହାଦ୍ୱାରା ପୀଡ଼ିତଙ୍କ ଅସୁବିଧା କମ୍ ହୋଇପାରିବ ଏବଂ ସମସ୍ତ ଏଜେନ୍ସିର ପ୍ରତିକ୍ରିୟା ସମୟକୁ କମ୍ କରିବାରେ ମଧ୍ୟ ସାହାଯ୍ୟ କରିବ ବୋଲି କହିଥିଲେ। ସମ୍ବଲପୁର ରେଳ ମଣ୍ଡଳ ବରିଷ୍ଠ ନିରାପତା ଅଧିକାରୀ ଏସ୍‌ଏସ୍ ନାୟକ ବିପର୍ଯ୍ୟୟ ପରିଚାଳନାରେ ଯୋଗ ଦେଇଥିବା ସମସ୍ତ ବିଭାଗୀୟ କର୍ମକର୍ତାମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ରହ୍ମବରଦା ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ବାର୍ଷିକ ବିଜ୍ଞାନ ମେଳା

ଧର୍ମଶାଳା, ୧୪/୧୧ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦାସ୍ଥ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସରରେ ବାର୍ଷିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଶିକ୍ଷା କେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟା ସରୋଜିନୀ ବେହେରାଙ୍କ ତତ୍ତ୍ୱବଧାନରେ ଆୟୋଜିତ ଏହି ବିଜ୍ଞାନ ମେଳାରେ ୬ଷ୍ଠ ୧୦ ଶ୍ରେଣୀର ୭୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ର ଅଂଶ ଗ୍ରହଣ କରି ସେମାନଙ୍କ ବିଜ୍ଞାନ ସମ୍ବନ୍ଧୀୟ କଳାକୃତିକୁ ପ୍ରଦର୍ଶିତ କରିଥିଲେ । କାର୍ଯ୍ୟକ୍ରମରେ ରସୁଲପୁର ବ୍ଲକ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଡ. ପ୍ରଭଞ୍ଜନ ପତି,ବରିଷ୍ଠ ମୁରବୀ ବିପିନ ବିହାରୀ ଦେଓ,ବନ୍ଧଡିହ କ୍ଲଷ୍ଟର ସିଆରସିସି ବିଜୟ କୁମାର ସାହୁ,ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ମହେଶ୍ୱର ପାଢୀ,ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ କୁମାର ସାହୁ,ଅଧ୍ୟାପକ ଉଲ୍ଲାସ କୁମାର ବିଶ୍ୱାଳ,୩୬ ନଂ ଜେନାନ ଜିଲା ପରିଷଦ ସଭ୍ୟା ଭାରତୀ ବିଶ୍ୱାଳ,ବ୍ରହ୍ମବରଦା ସରପଂଚ ମମତା ଶୁଭଦର୍ଶନୀ ଦେଓ,ଶିଶୁ ସୁରକ୍ଷା ମଂଚ ତଥା ଯୁବ ସଂଗଠକ ମଂଟୁ ଦାସ,ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ସମ୍ପାଦକ ବିବେକାନନ୍ଦ ବେହେରା,ଯୁବ ନେତା ପ୍ରଦୀପ ଦାସ,ପ୍ରଫୁଲ୍ଲ ଗିରି ଓ ଚିନ୍ମୟ ନାୟକ ପ୍ରମୁଖ ଯୋଗ ଦେଇ ପ୍ରତିଯୋଗିମାନଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଅମ୍ବରିଶ ସାହୁ, ନିର୍ମାଁ ଚରଣ ପତି,ତପସ୍ୱିନୀ ବେହେରା, କନକଲତା ବେହେରା, ନିହାର ରଂଜନ ଜେନା,ମାଳତୀ ଗୁରୁମା, ସସ୍ମିତା ଗୁରୁମା,ସୁଦର୍ଶନ ସାହୁ,ନଦିମ ଅକ୍ତର,ଦେବବ୍ରତ ମହାରଣା,ପୁଷ୍ପମୟୀ ସିଂ ଓ ନିଶିକାନ୍ତ ପଣ୍ଡାଙ୍କ ସମେତ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ ।

# ପଂଚାୟତସ୍ତରୀୟ ପରବ ଉଦ୍‌ଯାପିତ

ଜୟପୁର, ୧୪/୧୧ (ନି.ପ୍ର): କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ ସଦର ପଂଚାୟତ ରେ ଚଳିତ ପଂଚାୟତ ସ୍ତରୀୟ ପରବ ୨୦୨୪ ଉଦଯାପନ ଉତ୍ସବ ଧୁମ ଧାମରେ ପାଳନ ହୋଇଯାଇଛି ।ତିନିଦିନ ଧରି ଚାଲିଥିବା ପରବ ର ଆଜି ମୁଖ୍ୟ ପରବରେ ଶେଷ ଦିନରେ ସ୍ଥାନୀୟ ମାଁ ବୁଢ଼ୀ ଠାକୁରାଣୀ ମନ୍ଦିର ରୁ ସ୍ଥାନୀୟ ସରପଂଚ ରେବତୀ କୁନ୍ଦାରିଆ ପୁଜା ଅର୍ଚ୍ଚନା କରି ମଶାଲ ଶୋଭାଯାତ୍ରା ରେ ବାହାର ରି ସହର ପରିକ୍ରମା କରି ମୁଖ୍ୟ ପରବ ପଡିଆ ତଥା ହାଇସ୍କୁଲ ପଡିଆ କୁ ଆସିଥିଲେ । ଆୟୋଜିତ ମଶାଲ ଶୋଭାଯାତ୍ରା ପୁର୍ବତନ ବିଧାୟକ କୈଳାସ କୁଲେସିକା,ବିଡିଓ ପିୟୁଷ ଲୁହାର,ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ,ଥାନା ଅଧିକାରୀ ପ୍ରମୋଦ କୁମାର ନାୟକ,ନାୟବ ସରପଂଚ ଶ୍ରୀନିବାସ ,ସମସ୍ତ ୧୫ ଟି ୱାର୍ଡର ୱାର୍ଡ ମେମ୍ବର ,ବ୍ଲକ ବିଜେପି ମଣ୍ଡଳ ସଭାପତି କାଶିନାଥ ହିକକା, ରମେଶ ଦାସ , ସିଡିପିଓ ଇନ୍ଦୁମତୀ ପାଣିଗ୍ରାହୀ, ପିଇଓ ରମେଶ ତୁଳ ,ସମାଜସେବୀ ଦୟାନିଧି ପ୍ରଧାନ ପ୍ରମୁଖ ମଶାଲ ଶୋଭାଯାତ୍ରା ରେ ମଶାଲ ଧରି ସହର ପରିକ୍ରମା କରିଥିଲେ । ବିଭିନ୍ନ ଗ୍ରାମର ୨୫ ଗୋଟି ଗ୍ରାମର ମହିଳା ଝିଅ ଆଦିବାସୀ ପରମ୍ପରାରେ ରଙ୍ଗାରଙ୍ଗ ସାଢିରେ ସଜ୍ଜିତ ହୋଇ ଢେମସା ନାଚର ତାଳେ ତାଳେ ମଶାଲ ଶୋଭାଯାତ୍ରା ରେ ପାଛୋଟି ନେଇଥିଲେ ମୁଖ୍ୟ ପରବ ପଡିଆକୁ ।ଗତ ଦୁଇ ଦିନ ଧରି ବିଭିନ୍ନ ପ୍ରତିଯୋଗୀତା ତଥା କୁଇଜ୍ ,ସଙ୍ଗୀତ , ରଚନା,ବକ୍ତୃତା ,ଝୋଟି , ସାଂସ୍କୃତିକ ନାଚ ,ଭଲିବଲ ,ଫୁଟବଲ ,କବାଡି ,ଲମ୍ଫ ଡିଆଁ, ଉଚଡିଆ ,ଦୌଡ ପ୍ରତିଯୋଗିତା କାର୍ଯ୍ୟକ୍ରମ ହୋଇଥିଲା ।ମୁଖ୍ୟ ପରବ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମ କୁ ଅଧ୍ୟାପକ ପ୍ରଜାରଞ୍ଜନ ମିଶ୍ର ପରିଚାଳନା କରିଥିଲେ ।ଅତିଥି ଗଣ ପଂଚାୟତ ସ୍ତରୀୟ ପରବରେ ଉପସ୍ଥିତ ରହି ପରବ ର ମହତ୍ୱ , ଗାଁ ଗହଳିରେ ଲୁଚି ରହିଥିବା ଆଦିବାସୀ ପରମ୍ପରା କୁ ପରବ ଜରିଆରେ ଲୋକଲୋଚନ କୁ ଆଣିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ । ଅନ୍ୟପଟେ ନାରାୟଣପାଟଣା ପରି ଆଦିବାସୀ ଅଧ୍ୟୁଷିତ ପଂଚାୟତରେ ଏତେ ସୁନ୍ଦର ପଂଚାୟତ ସ୍ତରୀୟ ପରବ ଆୟୋଜନ କରାଯାଇଥିବାରୁ ପଂଚାୟତର ର ସମସ୍ତ ୱାର୍ଡ ମେମ୍ବର ଯୁବଗୋଷ୍ଠୀ,ଗ୍ରାମବାସୀ ,ବଣିକ ସଂଘ,ବିଭିନ୍ନ ସମାଜର ସଦସ୍ୟ ତଥା ଗ୍ରାମ ବାସୀ ଙ୍କୁ ଧନ୍ୟବାଦ ଜଣାଇଥିଲେ ସରପଂଚ ରେବତୀ କୁନ୍ଦାରିଆ ।ଆମ ଆଦିବାସୀ ପରମ୍ପରା ବଜାର ରଖିବା ପାଇଁ ଜିଲ୍ଲା ପ୍ରଶାସନ ପ୍ରତିବର୍ଷ ନଭେମ୍ବର ମାସରେ ପରବ ଆୟୋଜନ କରାଇଥିବାରୁ ଜିଲ୍ଲାପ୍ରଶାସନ କୁ ଧନ୍ୟବାଦ ଜଣାଇଥିଲେ ସରପଂଚ । କାର୍ଯ୍ୟକ୍ରମ ର ସନ୍ଧ୍ୟା ରେ କୋରାପୁଟ ରୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ କୋରାପୁଟିଆ ନାଚ ଗ୍ରୁପ ତଥା ମେଲୋଡି ମଂଚ ରେ ପ୍ରଦର୍ଶିତ ହୋଇଥିଲା ।ଏଥିସହ କୋଲାଟମ୍ ନୃତ୍ୟ ରେ ମହିଳା ମାନେ ନୃତ୍ୟ କରି ଶୋଭା ରେ ଉପସ୍ଥିତ ଦର୍ଶକ ମନ ମୁଗ୍ଧ କରିଥିଲେ ।ବିଭିନ୍ନ ବିଭାଗର ଆୟୋଜିତ ପ୍ରତିଯୋଗିତା ରେ ଭାଗ ନେଇ କୃତ ଛାତ୍ରଛାତ୍ରୀ ଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ପଂଚାୟତ ନିର୍ବାହୀ ଅଧିକାରୀ ରମେଶ ତୁଳ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଲଗାଣ ସମୟରେ ଚିନାବାଦାମ ବିହନ ପାଇବା ପାଇଁ ଚାଷୀ ହତାଶ : ଚାଷୀ ସବୁ ବେଳେ ଅବହେଳିତ

ଧର୍ମଶାଳା, ୧୪/୧୧ (ନି.ପ୍ର): ସରକାର ଚାଷୀଙ୍କ ପାଇଁ ବିଭିନ୍ନ ଯୋଜନା କରୁଛନ୍ତି । ଏନେଇ ପ୍ରଚାର ପ୍ରସାର କରୁଛନ୍ତି । କିନ୍ତୁ ବାସ୍ତବରେ ତାହା ଫଳ ପ୍ରଦ ହୋଇ ପାରୁ ନାହିଁ । ଚିନାବାଦାମ ଏକ ଲାଭକାରୀ ଫସଲ । ତେବେ ହଜାର ହଜାର ଚାଷୀ ଚିନାବାଦାମ ଚାଷ ଉପରେ ନିର୍ଭର କରନ୍ତି । ଅନେକ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ସେମାନଙ୍କ ମେରୁ ଦଣ୍ଡ ଦୋହଲାଇ ଦେଉଛି । ବର୍ଷକ ରୋଜଗାର ଆହାର ତା ପାଖରେ ନ ଥିବାରୁ କେତେ ଚାଷୀ ଋଣ ବୋଝରେ ଆତ୍ମହତ୍ୟା କରୁଥିବା ଦେଖିବାକୁ ମିଳୁଛି । ହେଲେ ଯାହା କରମକୁ ଆଦରୀ ଚାଷୀ ପଡି ରହିଛି । ହେଲେ ଏବେ ଅନେକ ଚାଷୀ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବା ଲାଗି ପ୍ରସ୍ତୁତ ହେଉଥିବା ଜଣାପଡିଛି । ରବି ଫସଲ ପାଇଁ ରସୁଲପୁର ଓ ଧର୍ମଶାଳା ବ୍ଲକର ଚାଷୀମାନେ ଚିନାବାଦାମ ଚାଷ କରିଥାଆନ୍ତି । ଚଳିତ ବର୍ଷ ଏହି ଦୁଇ ବ୍ଲକରେ ୮ ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଚାଷ ଜମିରେ ଚିନାବାଦାମ ଚାଷ କରାଯିବା ନେଇ ଲକ୍ଷ ଧାର୍ଯ୍ୟ ରହିଥିବା ଜଣାପଡିଛି । ବାତ୍ୟା ଦାନାର ପ୍ରଭାବରେ ବିହନ ବୁଣା ପଛୁଆ ହୋଇଥିବା ବେଳେ ଏବେ ପାଗ ସାମାନ୍ୟ ଅନକୂଳଥିବାରୁ ଚାଷୀମାନେ ବିଲରେ ଚାଷକାମ ସାରି ସରକାରୀ ବିହନକୁ ଅନାଇ ବସିଛି । ହେଲେ ଚାଷୀମାନଙ୍କୁ ସୁଲଭ ମୂର୍ଲ୍ୟରେ ବିହନ ଯୋଗାଇ ଦେବାତ ଦୂରର କଥା ସେପରି କିଛି ବିହନ ଆସିବା ନେଇ ସେପରି କିଛି ସୂଚନା ମଧ୍ୟ ନାହିଁ । ଫଳରେ ଚାଷକାମ ପଛୁଆ ହୋଇଯିବ ବୋଲି ଆଗକୁ ଗ୍ରୀଷ୍ମରତୁକୁ ଲକ୍ଷ୍ୟ କରି ବିହନ କଳାବଜାରରୁ ଉଚ୍ଚଦରରେ କିଣୁଥିବା ଅଭିଯୋଗ ହୋଇଛି । ବଜାରରେ କ୍ୱିଂଟାଲ ପିଛି ୧୨ହଜାରରୁ୧୩ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରୀ କରାଯାଉଛି । ଫଳରେ ଚାଷୀମାନେ ଏତେ ଟଙ୍କା ଦେଇ ଚିନାବାଦାମ ବିହନ କିଣିବା ସେମାନଙ୍କ ପକ୍ଷେ ସମ୍ଭବପର ହେଉନାହିଁ । ଫଳରେ ଚାଷକାମ ଅଧପାନ୍ତରିଆ କରି ଛାଡିଦେଇଥିବା ଦେଖିବାକୁ ମିଳିଛି । ସେବା ସମବାୟ ସମିତି ପକ୍ଷରୁ ବିହନ ରିହତି ଦରରେ ଯୋଗାଇ ଦେବାକୁ ଚାଷୀଭାଇମାନେ ଲୋକପ୍ରତିନିଧିଙ୍କ ନିକଟରେ ଦାବି କରୁଥିଲେ କିଛି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି । ପୂର୍ବ ବର୍ଷମାନଙ୍କରେ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଚିନାବାଦାମ ବିହନ ଦେଖିବାକୁ ମିଳି ନ ଥିଲା । ହେଲେ ଚଳିତ ବର୍ଷ ସେହି ନିତିରେ ପ୍ରଶାସନ ନ ବଦଳେ ତାହା ହେଲେ ଚାଷୀ କୂଳ ରାସ୍ତ ରାସ୍ତକୁ ଓହ୍ଲାଇ ବୋଲି ଅଂଚଳର ବହୁ ଅଗ୍ରଣୀ ଚାଷୀଭାଇ ମତ ପ୍ରକାଶ କରିଛନ୍ତି । ବହୁ ବିଳମ୍ବରେ ସରକାର ବିହନ ଯୋଗାଇଲେ ମଧ୍ୟ ସେତବେଳୁ ଚାଷକାମ ସମ୍ପୂର୍ଣ୍ଣ ସରିଯାଇଥାଏ । ଏହି ବିହନକୁ ଲୋଭଖୋର ବେପାରୀମାନଙ୍କୁ ବିକ୍ରୀ କରିଥାଆନ୍ତି । ଯାହାକି ସେମାନେ ସରକାରୀ ଧନକୁ ଚଳୁ କରି ବେଶ୍ ଦୁଇ ପଇସା ରୋଜଗାର କରିଥାଆନ୍ତି । ତୁରନ୍ତ ଚାଷୀଭାଇ ମାନଙ୍କୁ ସେବା ସମବାୟ ସମିତି ପକ୍ଷରୁ ରିହାତି ମୂଲ୍ୟରେ ବିହନ ଯୋଗାଇ ଦେବାକୁ ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା, ବନ୍ଧଡିହ, ମଙ୍ଗରାଜପୁର, ଅର୍ଥଙ୍ଗା ପଞ୍ଚାୟତ ଓ ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ଦେଓଦା, ଅରାବଳ, କଦମପାଳ, କୋତପୁର ପଞ୍ଚାୟତର ଅଗ୍ରଣୀ ଚାଷୀମାନେ ଦାବି କରିଛନ୍ତି । ନ ହେଲେ ଆଗାମୀ ଦିନରେ ଚାଷୀକୂଳ ଅବସ୍ଥା ଶୋଚନୀୟ ଅବସ୍ଥା ଆଡକୁ ଅଗ୍ରସର ହେଲେ କେତେ ଯେ ଚାଷୀ ଆତ୍ମହତ୍ୟା କରିବେ ତାହା କିଏ କହିବ । ଅନ୍ୟପକ୍ଷେ ଚାଷୀ କୃଷି ବିଭାଗ କାର୍ଯ୍ୟାଳୟ ଓ ସମବାୟ ସମିତି କାର୍ଯ୍ୟାଳୟକୁ ଦୌଡିଦୌଡି ନୟାନ୍ତ ହେଲେଣି । ଅପେକ୍ଷା କରିବାକୁ ଉତର ମିଳୁଛି । ତେବେ ଚାଷୀଙ୍କୁ କେବେ ସରକାରୀ ବିହନ ଯୋଗାଇ ଦିଆ ଯିବ ତାହାକୁ ନେଇ ଚାଷୀ ଚାହିଁ ବସିଛି ।

# କେନ୍ଦୁଝର ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

କେନ୍ଦୁଝର, ୧୪/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ଖରିଫ ୨୦୨୪ -୨୫ ବର୍ଷ ପାଇଁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଘଷିପୁରା ବିଧାୟକ ଶ୍ରୀ ବଦ୍ରି ନାରାୟଣ ପାତ୍ର, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡ଼ାଃ ଫକୀର ମୋହନ ନାଏକ, ଆନନ୍ଦପୁର ବିଧାୟକ ଶ୍ରୀ ଅଭିମନ୍ୟୁ ସେଠୀ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଅନୁବ୍ରତ ବେହେରା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଆଲୋକ କୁମାର ପ୍ରଧାନ, ଜିଲ୍ଲା ଯୋଗାଣ ଅଧିକାରୀ ଅଜୟ କୁମାର ରଥ ଓ କେସିସିବି ଅଧ୍ୟକ୍ଷ କାନନ ବିହାରୀ ପହି ଉପସ୍ଥିତ ଥିଲେ । ଆସନ୍ତା ମାସ ଡିସେମ୍ବର ୧୦ ତାରିଖରୁ ପର୍ଯ୍ୟାୟକ୍ରମେ ୫୯୬୭୩ ପଞ୍ଜୀକୃତ ଚାଷୀ ମାନଙ୍କ ଠାରୁ ୯୦ ଗୋଟି ମଣ୍ଡି ମାଧ୍ୟମରେ ୧୫୬୮୪୨୬ କୁଇଂଟାଲ ଧାନ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ଧାର ?୍ୟ କରାଯାଇଛି । ଜିଲ୍ଲାପାଳ ଚାଷୀମାନଙ୍କ ସୁବିଧା ପାଇଁ ମଣ୍ଡି ରେ ପର୍ଯ୍ୟାପ୍ତ ସୁବିଧା, ଶୀଘ୍ର ଧାନ ଉଠିବା ପାଇଁ ନିଆଯାଉଥିବା ପଦକ୍ଷେପ ଓ ଚୋରା ଚାଲାଣ ହେଉଥିବା ଧାନ ଗାଡ଼ିକୁ ଜବତ କରିବା ସହ ଗତଥର ମଣ୍ଡିରେ ଉପୁଜିଥିବା ବିଭିନ୍ନ ସମସ୍ୟାର ପୁନରାବୃତି ନଘଟିବା ,ଚାଷୀମାନେ ଯେପରି କଟଣି ଛଟଣୀର ଶିକାର ନହେବେ ସେଥିପ୍ରତି ବିଶେଷ ଧ୍ୟାନ ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକ ବୃନ୍ଦ ଝୋଟ ବସ୍ତାର ପର୍ଯ୍ୟାପ୍ତ ଯୋଗାଣ,ମଣ୍ଡିରେ ବିଜୁଳି, ଭିତିଭୂମି,ଆଶ୍ରୟ ସ୍ଥଳ,ଟୋକନ୍ ସମୟ ସୀମା, ସମସ୍ତ ବ୍ଲକରେ ଓଜନ ମେସିନ ର ଉପଲବ୍ଧି ଉପରେ ଆଲୋଚନା କରିବା ସହ ଚାଷୀ ପ୍ରତିନିଧି, ମିଲର ତଥା ପ୍ରଶାସନିକ ସହଯୋଗରେ ଚଳିତ ଖରିଫ ଧାନ ସଂଗ୍ରହକୁ ବିନା କୌଣସି ଅସୁବିଧାରେ ସମ୍ପନ୍ନ କରିବାକୁ ଆହ୍ୱାନ ଦେଇଥିଲେ । ରାଜ୍ୟ ସରକାରଙ୍କ ନିଷ୍ପତିକ୍ରମେ ଚଳିତ ବର୍ଷ ଏଫ୍.ଏ.କ୍ୟୁ ଧାନ ର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରତି କ୍ୱିଂଟାଲ ପିଛା ୨୩୦୦/- ଟଙ୍କା ଏବଂ ଗ୍ରେଡ-ଏ ମୂଲ୍ୟ ପ୍ରତି କ୍ୱିଣ୍ଟାଲ ୨୩୨୦/- ଟଙ୍କା ରଖାଯାଇଛି। ଏହାବାଦ ରାଜ୍ୟ ସରକାରଙ୍କ ନିଷ୍ପତି ଅନୁଯାୟୀ ସର୍ବନିମ୍ନ ସହାୟକ ମୂଲ୍ୟ ସମେତ ୮୦୦ ଟଙ୍କାର ଅତିରିକ୍ତ ଇନପୁଟ ଆସିଷ୍ଟାନ୍ସ ମଧ୍ୟ ଦିଆଯିବ । ପ୍ରତ୍ୟେକ ଧାନ ମଣ୍ଡିରେ ଗୁଣାତ୍ମକ ମାନ ଯାଂଚ କରିବା ପାଇଁ ବ୍ୟବସ୍ଥା କରାଯିବ । ଏଥିନିମନ୍ତେ ରେଜିଷ୍ଟର ରଖାଯାଇ ମାନଯାଂଚ ତଥ୍ୟ ଓ କୃଷକ ମାନଙ୍କ ନାମ ଉଲ୍ଲେଖ ରହିବ । ଏଥିନିମନ୍ତେ ପ୍ରାଥମିକ କୃଷି ସମବାୟ ସମିତି ଓ ନିୟନ୍ତ୍ରଣ ବଜାର କମିଟି ସମ୍ପାଦକ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ । ସଂଗୃହୀତ ଧାନର ମାନ ନିରୀକ୍ଷଣ କରିବା ପାଇଁ ଯନ୍ତ୍ରର ବ୍ୟବହାର କରାଯିବ ଏବଂ ସମସ୍ତ ମଣ୍ଡି ମାନଙ୍କରେ ଡିଜିଟାଲ ଆଦ୍ରତା ମାପ ଯନ୍ତ୍ର ଲଗାଯିବ ବୋଲି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୂଚନା ଦେଇଥିଲେ । ଅସାଧୁ ବ୍ୟକ୍ତି ଯେପରି ଧାନ ସଂଗ୍ରହ ପ୍ରକ୍ରିୟାରେ ହସ୍ତକ୍ଷେପ ନକରନ୍ତି ଏଥିପ୍ରତି ଧ୍ୟାନ ଦେବାକୁ ବିଧାୟକ ପାଟଣା ଶ୍ରୀ ନାୟକ ପରାମର୍ଶ ଦେଇଥିଲା ବେଳେ ମାନ୍ୟବର ବିଧାୟକ ଘଷିପୁରା ଶ୍ରୀ ପାତ୍ର ମଣ୍ଡିରେ ସଂଗ୍ରହ ହେବାକୁ ଥିବା ଧାନକୁ ସୁରକ୍ଷିତ ଭାବେ ରଖିବାକୁ ଆବଶ୍ୟକୀୟ ପଲିଥିନ ଓ ଅନ୍ୟାନ୍ୟ ବ୍ୟବସ୍ଥାକୁ ନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଧାନ ସଂଗ୍ରହ କାର୍ଯ୍ୟକୁ ସଫଳ କରାଇବା ପାଇଁ ପ୍ରତିଟି ଆର୍ ଏମ ସିର ଅଧ୍ୟକ୍ଷ ମାନଙ୍କୁ ଗାଆଁ ଗାଆଁ ବୁଲି ଚାଷୀ ମାନଙ୍କ ସହିତ ଉତମ ଯୋଗାଯୋଗ ରଖିବା ସହ ଧାନର ଏଫଏକ୍ୟୁ ମାନ ବିଷୟରେ ଚାଷୀଙ୍କୁ ପୂର୍ବରୁ ସଚେତନ କରିବା, ମଣ୍ଡିକୁ ଧାନ ଆସିବାର ଯଥା ସମୟ ପୂର୍ବରୁ ଚାଷୀ ମାନଙ୍କୁ ଟୋକେନ୍ ଦେବା ବ୍ୟବସ୍ଥା କରିବା, କଳାବଜାରୀ ଭଳି ବେଆଇନ କାର୍ଯ୍ୟାଗୁଡିକୁ ରୋକିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଥିଲା ଓ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପର୍ଶୁରାମ ବେହେରା, ଡ଼ିଆରସିଏସ ଶ୍ରୀ ଶୁଭ୍ରକାନ୍ତି ତୁଙ୍ଗ, କୃଷକ ପ୍ରତିନିଧି ଓ ଜିଲ୍ଲା ଯୋଗାଣ ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।

# ତୃତୀୟ ବାର୍ଷିକ କେନ୍ଦ୍ରାପଡ଼ା ଓ ତୁଳସୀକ୍ଷେତ୍ର ପ୍ରତିଷ୍ଠା ଦିବସ

କେନ୍ଦ୍ରାପଡ଼ା, ୧୪/୧୧ (ନି.ପ୍ର): ସ୍ୱର୍ଗତ ସତିଶ ଚନ୍ଦ୍ର ମହାନ୍ତି ନାତି ଆଇନଜୀବୀ ଏବଂ ନୋଟାରୀ ନେପାଳ ପ୍ରସାଦ ସାମନ୍ତଙ୍କ ନେତୃତ୍ୱରେ ତୃତୀୟ ବର୍ଷ କେନ୍ଦ୍ରାପଡ଼ା ଓ ତୁଳସୀକ୍ଷେତ୍ର ପ୍ରତିଷ୍ଠା ଦିବସ ସହିତ ପୌରାଣିକ ନାମକରଣ, କନ୍ଦରାସୁରର ଜେଜେବାପା ମଧୁଦୈତ୍ୟ ପୋଡ଼ି ଓ ତୁଳସୀ ବିବାହ ସମ୍ପର୍କରେ ଆଲୋଚନା ଚକ୍ର ମଙ୍ଗଳବାର ଦିନ କେନ୍ଦ୍ରାପଡ଼ା ସହରର ଖଡିଅଙ୍ଗ ସ୍ଥିତ ସ୍ୱର୍ଗତ ସତିଶ ଚନ୍ଦ୍ର ସାମନ୍ତଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ଚକ୍ରରେ ଜିଲ୍ଲାର ପୌରାଣିକ ନାମକରଣ ଯଥା କେନ୍ଦ୍ରାପଡା, ତୁଳସୀ କ୍ଷେତ୍ର, ବଳଗଣ୍ଡି, ଖଡିଅଙ୍ଗ, ଅଙ୍ଗୁଳାଇ, ହାତିଆ, ମଧୁସାଗର, ସଖିବଟ, ବଳରାମ ଢିହ, ଢିହ ବଳରାମପୁର, କାକଟ ମଙ୍ଗଳା, ମହୀପାଳ, ଗଣାମାହାଲ, ସାନମଙ୍ଗଳା, ଲକ୍ଷ୍ମୀବରାହ ବଡହାଟ, ଅସୁରଶ୍ୱର, କଟିକଟା, ଚାରିଲଙ୍ଗଳ, ଅସୁରଢିହ ପ୍ରଭୃତି ପୌରାଣିକ ନାମକରଣ ଉପରେ ଆଲୋଚନା କରାଯାଇଥିଲା। କଥାରେ ଅଛି କନ୍ଦରାସୁର କନ୍ୟା ଲଳିତେଶ୍ୱରୀଙ୍କୁ ବିବାହ ପରେ ତିର୍ଥକୁ ଯିବା ପୂର୍ବରୁ ତୁଳସୀଗଛ ଯିବା ସମୟରେ ଲଳିତଶ୍ୱରୀଙ୍କ ଅନୁରୋଧ କ୍ରମେ ପିତାଙ୍କ ନାମ ଅନୁସାରେ କେନ୍ଦ୍ରାପଡ଼ା ଓ କନ୍ଦରାସୁରର ପିତାମହ ମଧୁଦୈତ୍ୟ ଚିତ୍ରୋତ୍ପଳାର ଶାଖା ନଦୀ ମିଶୁଥିବାରୁ କନ୍ଦରାସୁରର ଜେଜେଙ୍କ ନାମ ଅନୁସାରେ ମଧୁସାଗର ଓ ତୁଳସୀ ଗଛ ରୂପରେ ରଖିଗଲେ ବୋଲି ତୁଳସୀ କ୍ଷେତ୍ରରୁ ବଳରାମ ତୀର୍ଥ କରିବାକୁ ଚାଲିଗଲେ। ଯୁବ ପିଢ଼ୀମାନଙ୍କୁ ଜଣାଇବା ପାଇଁ ଏହି ଆଲୋଚନାଚକ୍ର କରାଯାଇଥିଲା। ଏଥିରେ ବହୁ ବୁଦ୍ଧିଜୀବୀ, ସାହିତ୍ୟିକ ଓ ସାମ୍ବାଦିକମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଆସନ୍ତା ୧୩ ତାରିଖ ବୁଧବାର ତେନ୍ତପୁର, ଖଣ୍ଡସାହି, ଲଳିତେଶ୍ୱର ସହିତ ବଳଦେବଜୀଉ ମନ୍ଦିରର ପ୍ରଭୁ ବଳରାମଙ୍କ ଚଳନ୍ତି ପ୍ରତିମା ସହିତ ସନ୍ଧ୍ୟା ୬ ଘଟିକା ସମୟରେ ବିବାହ ଉତ୍ସବ ଅନୁଷ୍ଠିତ କରାଯିବ। ଚାରିଲଙ୍ଗଳ ଗ୍ରାମର ମହେଶ୍ୱର ମହାପାତ୍ର, ନିମାଇ ଚରଣ ବଳ, ବିରଂଚି ସାମଲ, ପ୍ରଦୀପ ତ୍ରିପାଠୀ, ପ୍ରଫୁଲ୍ଲ ବାରିକ, ଅମୂଲ୍ୟ ବାରିକ, ଅନିଲ କୁମାର ବଳ, ପ୍ରଭାତ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ଶତପଥି, ଦୈତାରୀ ବେହେରା ଏବଂ ଚାରିଲଙ୍ଗଳ ମଠରୁ ବଳଦେବଜିୟୁଙ୍କ ଚଳନ୍ତି ପ୍ରତିମାକୁ କୀର୍ତନ ଦଳ, ମଠର ଟ୍ରଷ୍ଟି, ସଭାପତି କାହ୍ନୁଚରଣ ଦାସ, କିର୍ତନ କରି କେନ୍ଦ୍ରାପଡ଼ା ସହର ପରିକ୍ରମା କରି ଖଡ଼ିଅଙ୍ଗ ସ୍ଥିତ ସପ୍ତଫେଣୀ ବଳରାମ ତୁଳସୀ ପଥର ମୂର୍ତି ଠାରେ ପହଂଚିଥିଲେ। ସମସ୍ତ କାର୍ଯ୍ୟକ୍ରମ ପରେ ଚାରିଲଙ୍ଗଳ ମଠକୁ ଫେରିଯାଇଥିଲେ।

# ଭଂଜପୁର ଜଗଦ୍ଧାତ୍ରୀ ମେଳା ଉଦ୍‌ଘାଟିତ



ବାରିପଦା , ୧୪/୧୧ (ନି.ପ୍ର): ସ୍ଥାନୀୟ ଭଂଜପୁର ଜଗଦ୍ଧାତ୍ରୀ ପଡିଆରେ ଉତ୍ତର ଓଡିଶାର ପ୍ରସିଦ୍ଧ ଜଗଦ୍ଧାତ୍ରୀ ମେଳା - ୨୦୨୪ ଉଦଘାଟିତ ହୋଇଯାଇଛି ଓ ମା' ଙ୍କ ୭୨ ତମ ପୂଜା ଅବସରରେ ଆୟୋଜିତ ୩୦ ତମ ମେଳାକୁ ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ଗୃହ ନିର୍ମାଣ, ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିବା ସହ ମେଳାର ସଫଳତା କାମନା କରିଥିଲେ । କାର୍ଯ୍ୟକାରୀ ସଭାପତି ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସଭାରେ ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଭାଦବ ହାଁସଦା ତଥା ପରେଶ ମହାନ୍ତ ଯୋଗ ଦେଇ ମେଳାର ସଫଳତା ପାଇଁ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ । ମେଳା ଅଧକ୍ଷ ସାନନ୍ଦ ମାର୍ଣ୍ଡି ସ୍ୱାଗତ ଅଭିଭାଷଣରେ ମେଳାକୁ ସଫଳ କରିବା ପାଇଁ ସହଯୋଗର ହାତ ବଢ଼େଇଥିବା ଥିବା ସମସ୍ତ ଷ୍ଟଲ ଭାଇ, ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ, ବାରିପଦା ମୁନିସିପାଲିଟି ଓ ସାଂସ୍କୃତିକ ଦଳକୁ ଧନ୍ୟବାଦ ଦେଇଥିଲେ । ଅନ୍ୟ ମାନଙ୍କ ମଧରେ ମୁଖ୍ୟ ସାଧାରଣ ସମ୍ପାଦକ ଦର୍ପ ନାରାୟଣ ପାଲ, ମେଳା ଉପାଧକ୍ଷ କଳିଙ୍ଗ କେଶରୀ ଜେନା, ସାଂସ୍କୃତିକ ସମ୍ପାଦକ ମାନସ ମହାନ୍ତି ଓ ପ୍ରୀତମ ପଣ୍ଡା ଏବଂ ମେଳା ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ତଥା ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ପୂଜା ଉପାଧକ୍ଷ ଜ୍ଞାନେନ୍ଦ୍ର ପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିଲେ। ଶେଷରେ କୁନି କୁନି କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ଭାରତୀୟ ତଟ ରକ୍ଷକ ପକ୍ଷରୁ ପାରାଦ୍ୱୀପଠାରେ ଆଞ୍ଚଳିକ ସ୍ତରର ପ୍ରଦୂଷଣ ପ୍ରତିକ୍ରିୟା ପ୍ରତିସାଧନ ଅଭ୍ୟାସର ଆୟୋଜନ



ପାରାଦ୍ୱୀପ , ୧୪/୧୧ (ନି.ପ୍ର): ଭାରତୀୟ ତଟ ରକ୍ଷକ ଜିଲ୍ଲା ମୁଖ୍ୟାଳୟ ନଂ-୭, ଓଡିଶା ତଟ ରକ୍ଷକ କ୍ଷେତ୍ରୀୟ ମୁଖ୍ୟାଳୟ (ଉତ୍ତର ପୂର୍ବ) ଅଧୀନରେ ୧୨ରୁ ୧୪ ନଭେମ୍ବର ୨୦୨୪ ଯାଏଁ ପାରାଦୀପ ଠାରେ ଆଞ୍ଚଳିକ ସ୍ତରର ପ୍ରଦୂଷଣ ପ୍ରତିକ୍ରିୟା ପ୍ରତିସାଧନ ଅଭ୍ୟାସର (ରି-ପ୍ରେକ୍ସ -୨୪) ର ଆୟୋଜନ କରାଯାଇଥିଲା। ଏହି ଅଭ୍ୟାସର ଉଦ୍ଦେଶ୍ୟ ଥିଲା ସମୁଦ୍ରରେ ତୈଳ ପ୍ରଦୂଷଣ ଏବଂ ଅନ୍ୟାନ୍ୟ ସାମୁଦ୍ରିକ ପ୍ରଦୂଷଣ ଘଟଣାରେ ପ୍ରତିସାଧନ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ପ୍ରସ୍ତୁତି ଓ ସମନ୍ୱୟକୁ ବୃଦ୍ଧି କରିବା। ଏହି ଅଭ୍ୟାସରେ କ୍ଷେତ୍ରୀୟ ସ୍ତରର ପ୍ରତିଷ୍ଠାନ ଯଥା ପାରାଦ୍ୱୀପ ବନ୍ଦର ପ୍ରାଧିକରଣ , ଧାମରା ବନ୍ଦର, ଗୋପାଳପୁର ବନ୍ଦର , ଭାରତୀୟ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ , ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ, ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ମାନେ ଯୋଗ ଦେଇଥିଲେ। ତିନି ଦିନର ଏହି ଅଭ୍ୟାସରେ ପାରାଦ୍ୱୀପ ନିକଟ ସମୁଦ୍ରରେ ଥିବା ଇଣ୍ଡିଆନ୍ କୋଷ୍ଟଗାର୍ଡ ଜାହାଜରେ ବୃତ୍ତିଗତ ଉପସ୍ଥାପନା, ଆଲୋଚନା ଏବଂ ମକ୍ ଡ୍ରିଲ୍ ଭଳି ଅନେକ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ ହୋଇଥିଲା । ଏହି ବିସ୍ତୃତ ପରିଦୃଶ୍ୟ ଭିତ୍ତିକ ଅଭ୍ୟାସ ସମ୍ବେଦନଶୀଳ ଉପକୂଳରେ ତୈଳ ପ୍ରଦୂଷଣକୁ ମୁକାବିଲା କରିବା ପାଇଁ ମୂଲ୍ୟବାନ ଜ୍ଞାନ କୌଶଳ ଏବଂ ପ୍ରଭାବଶୀଳ ପ୍ରତିସାଧନର ରଣନୀତି ପ୍ରସ୍ତୁତ ହୋଇଥିଲା । ଭାରତୀୟ ତଟ ରକ୍ଷକ ସାମୁଦ୍ରିକ ପ୍ରଦୂଷଣ ପ୍ରତିସାଧନରେ ଦେଶରେ ଅଗ୍ରଣୀ ଭୂମିକା ଗ୍ରହଣ କରିଆସୁଛି । ସାମୁଦ୍ରିକ ପରିବେଶ ସହିତ ଉପକୂଳ ଅଞ୍ଚଳର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସମସ୍ତ ଅଂଶଗ୍ରାହୀଙ୍କୁ ତାଲିମ୍ ଏବଂ ବାସ୍ତବ ସମୟ ଭିତ୍ତିକ ଅଭ୍ୟାସର ନିର୍ଧାରଣ କରେଇ ଥାଏ।


GOVERNMENT OF ODISHA
ST & SC DEVELOPMENT DEPARTMENT

OFFICE OF THE PROJECT ADMINISTRATOR, ITDA, KAPTIPADA, UDALA

e-Procurement Notice Bid Identification No. ITDAKPD-03/2024-25

No. 2068/ITDA, Dt.- 12.11.2024

The Project Administrator, ITDA, Kaptipada on behalf of Governor of Odisha invites Percentage Rate bids in online mode for Construction of the work detailed below.

1. Nature of the work : Construction of Addl. Class Room
2. Total No. of work : 01 (One)
3. Class of Contractor : 'C' & 'B' Class
4. Period of Completion : Six Calendar Months
5. Cost of the Project : 25,20,076/-
6. Availability of Bid : 11.00 AM of 18.11.24 to 5.00 PM of 02.12.24
7. Date of opening of the Tender : 11.00 AM on 03.12.24

The bidders have to participate in online bidding only. The details will be available in the website www.tendersorissa.gov.in from 11.00 AM of 18.11.24 to 5.00 PM of 03.12.24.

OIPR: 19032/11/0003/2425

Project Administrator
ITDA, Kaptipada, Udala



GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-II, BHADRAK.
ee_rwbdk2@yahoo.co.in
*"e" Procurement Notice for Building Works*
*Identification Online Tender 03/RWD/BDK-II / 2024-25 ,Dtd. 07.11.2024*

1. Name of the Work :-Building Works as per Annexure
2. Total Number of Works :-24 Nos
3. Approximate Estimated Cost :-Rs . 4.21 lakhs - Rs. 12.60 lakhs
4. Class of Contractor :- As Per Annexure
5. Period of Completion :- As Per Annexure
6. Other details : - The details are as follows.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of Opening of the Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer ,R.W. Division-II, Bhadrak | 03 | 19.11.2024 At 11.30 A.M. | 27.11.2024 up to 5.00 P.M | 26.11.2024 up to 3.00 P.M | 28.11.2024 at 11.00 AM |

7. Further details can be seen from the e-procurement portal "https:// www.tendersorissa.gov.in"
8. Any other changes / Corrigendum may be seen only in website www.tendersorissa.gov.in
9. **Date of transaparent lottery to be conducted on dt. 10.12.2024 at11.30A.M. in the office of the Superintending Engineer ,Rural Works Division-II,Bhadrak**

OIPR: 25090/11/0004/2425

Executive Engineer
R.W. Division-II,Bhadrak


# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଶିଶୁ ଦିବସ ପାଳିତ

ଭଦ୍ରକ , ୧୪/୧୧ (ନି.ପ୍ର): ଆଇନ୍ ସେବା ପ୍ରାଧିକରଣ, ଭଦ୍ରକର ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଗୁଜିଦରଡ଼ା ହାଇସ୍କୁଲ, ଭଦ୍ରକ ତଥା ଏହି ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ କର୍ମଚାରୀଗଣ ଏହି କାର୍ଯ୍ୟକ୍ରମରେ ଯୋଗଦେଇ



ଗୁଜିଦରଡ଼ା ହାଇସ୍କୁଲ ଠାରେ ଶିଶୁ ଦିବସ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନେହା ଅଗ୍ରୱାଲ, ସଚିବ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଭଦ୍ରକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବନ୍ଦନା ଦେବୀ ଇନ୍‌ସପେକ୍ଟର, କ୍ରାଇମ୍ ଏସ୍.ପି.ଅଫିସ୍, ଭଦ୍ରକ, ଉମେଶ ଚନ୍ଦ୍ର ମାଝୀ, ପ୍ରଧାନ ଶିକ୍ଷକ, ଚଣ୍ଡିଗାଁ ହାଇସ୍କୁଲ, ଭଦ୍ରକ, ସୁବ୍ରତ କୁମାର ଦାସ, ଲିଗାଲ ପ୍ରୋଜେସନ୍ ଅଫିସର, ଡି.ସି.ପି.ୟୁ ଅଫିସ, ଭଦ୍ରକ, ଡଃ. ତାପସ କୁମାର ମହାନ୍ତି, ସହାୟକ, ଏଲ.ଏ.ଡିଏସ, ଭଦ୍ରକ, ସୂର୍ଣ୍ଣଲତା ପାଣିଗ୍ରାହୀ, ପ୍ରଧାନ ଶିକ୍ଷକ, ସହଯୋଗ କରିଥିଲେ। ଅତିଥିମାନେ ଶିଶୁ ଦିବସ ଅବସରରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅଧାରୁ ପାଠ ଛାଡ଼ିଥିବା ପିଲାମାନଙ୍କୁ କିପରି ପୁଣି ସ୍କୁଲ ଅଭିମୁଖୀ କରାଇପାରିବେ ତଥା ଶିଶୁ ଶ୍ରମିକ ସଂପର୍କିତ ଆଇନ୍ ସମ୍ବନ୍ଧରେ ପିଲାମାନଙ୍କୁ ବିଭିନ୍ନ ଶିକ୍ଷଣୀୟ କଥାମାନ ବୁଝାଇ କହିଥିଲେ। ପିଲାମାନଙ୍କୁ ନେଇ ପ୍ରଥମେ ର୍‍ୟାଲି କରାଯାଇ ଓ ପରେ ଜବାହର ଲାଲ ନେହେରୁଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମ ଅତ୍ୟନ୍ତ ଶିକ୍ଷଣୀୟ ଥିଲା। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମୀମାନେ ପୂର୍ଣ୍ଣ ସହଯୋଗକରି କାର୍ଯ୍ୟକ୍ରମଟିକୁ ସଫଳ କରାଇଥିଲେ।

# ଏକ ପେଡ ମା କି ନାମରେ କାର୍ଯ୍ୟକ୍ରମ ଅନୁଷ୍ଠିତ




ବାଲେଶ୍ୱର , ୧୪/୧୧ (ନି.ପ୍ର): କୁନ୍ତଳା କୁମାରୀ ସାବତ ମହାବିଦ୍ୟାଳୟ ରେ ଏକ ପେଡ ମା କି ନାମ ରେ କାର୍ଯ୍ୟକ୍ରମ ନେହରୁ ଯୁବ କେନ୍ଦ୍ର ଓ ଉତ୍କଳା କଲଚ୍ଛୁରାଲ ଏକାଡେମୀ ସହଯୋଗ ରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ସଭା ରେ ଅତିରିକ୍ତ ଜିଲ୍ଲା ପାଳସୁଧାକର ନାୟକ ମା ପାଇଁ ଗଛ ଟିଏ ଲଗାଇ ଶୁଭାରାମ୍ଭ କରିଥିବା ବେଳେ ଅନ୍ୟ ତମ ମଞ୍ଚସିନ ଅତିଥି ଭାବେ ଜିଲ୍ଲା ଲେବର ଅଧିକାରୀ ଦୀପ୍ତି ରଞ୍ଜନ ସାହୁ ତାଙ୍କ ଅଭିଭାଷଣ ରଖି ଥିଲେ। ଅନ୍ୟ ତମ ଅତିଥି ଭାବେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ତାଙ୍କ ଅଭିଭାଷଣ ରେ କହିଥିଲେ ପ୍ରଧାନ ମନ୍ତ୍ରୀ ଙ୍କ ନିର୍ଦ୍ଦେଶ କ୍ରମେ ଗଛ ଟିଏ ଆମେ ମା ଙ୍କ ପାଇଁ କାହିଁକି ଲଗେଇବା ସେ ବିଷୟ ରେ ଆଲୋକ ପତ କରିଥିଲେ। ଅନ୍ୟ ତମ ଅଥିଥି ଭାବେ କଲେଜ ଅଧକ୍ଷ ଝନାସି ଜେନା ଗଛ ଲଗେଇଲେ କଣ ଉପକାର ହେବ ସେ ବିଷୟ ରେ ବର୍ଣ୍ଣନା କରିଥିଲେ। ତତ ସହିତ ଅନ୍ୟ ତମ ଅତିଥି ଭାବେ ପ୍ରୋଗ୍ରାମ ଅଫିସର ଡାକ୍ତର ଅର୍ଚନା ପଟା ୟତ ଉପସ୍ଥିତ ଥିଲେ। ଏହି ଅବସର ରେ କଲେଜ ଛାତ୍ରୀ ମାନଙ୍କ ମଧରେ ଏକ ପ୍ରବନ୍ଧ ଲିଖନ ପ୍ରତିଯଗିତା ଅନୁଷ୍ଠିତ ହେଇ ଥିଲା ଏଥିରେ କୃତୀ ପ୍ରତିଯୋଗୀ ଙ୍କୁ ପୁରସ୍କାର ଦିଆ ଯାଇ ସମ୍ବର୍ଦ୍ଧିତ କରା ଯାଇ ଥିଲା। ପରିଶେଷରେ ଉତ୍କଳା କଲଚୁରଲ ଅଧକ୍ଷ ବିକ୍ରମ ବାରିକ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ।

# ଶ୍ୟାମସୁନ୍ଦରପୁର ସେବାସମବାୟ ସମିତିରେ ସମବାୟ ସପ୍ତାହ ପାଳନ

ନୀଳଗିରି, ୧୪/୧୧ (ନି.ପ୍ର): ଗୁରୁବାର ପୂର୍ବାହ୍ନରେ ଶ୍ୟାମସୁନ୍ଦରପୁର ସେବାସମବାୟ ଲିଃ ରେ ୭୧ତମ ସମବାୟ ସପ୍ତାହ ପାଳନ କରାଯାଇଛି। ସମିତି ସଭାପତି ମନୋରଞ୍ଜନ ଦାସଙ୍କ ସଭାପତିତ୍ୱରେ ବୋର୍ଡର ସମସ୍ତ ସଭ୍ୟଙ୍କ ସହ ଚାଷୀମାନଙ୍କୁ ନେଇ ସମବାୟ ସପ୍ତାହର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଚାଷୀ ମାନେ କିଭଳି ସରକାର ଙ୍କର ବିଭିନ୍ନ ସଫଳ ଯୋଜନାରେ ସାମିଲ ହୋଇ ଉପକୃତ ହୋଇପାରିବେ, ସେହି ବିଷୟରେ ସଭାପତିଙ୍କ ସମେତ ସମସ୍ତ ସଭ୍ୟମାନେ ଚାଷୀ ମାନଙ୍କୁ ଅବଗତ କରାଇଥିଲେ। ବିଗତ ଦିନରେ ସମବାୟ ସମିତିରେ ଚାଷୀମାନେ ଖୁବ୍ କମ୍ ପରିମାଣରେ ସଭ୍ୟ ହେଉଥିଲେ। ଏବେ ସରକାରଙ୍କ ବିଭିନ୍ନ ଯୋଜନା ଆସିବା ଫଳରେ ,କିଭଳି ଚାଷୀମାନେ ବହୁଳ ପରିମାଣରେ ସଭ୍ୟହୋଇ ସମବାୟ ସମିତିକୁ ଆଗକୁ ଆଗକୁ ନେବେ ସେ ବିଷୟରେ ମଧ୍ୟ ସଭାପତି ମତବ୍ୟକ୍ତ କରିଥିଲେ। ଏଥିରେ ମୋଟ ୧୨ଜଣ ସଫଳ ଚାଷୀଙ୍କୁ ନିମନ୍ତ୍ରିତ କରାଯାଇ ମାନପତ୍ର ପ୍ରଦାନ କରାଯାଇ ଥିଲା। ଚାଷୀଙ୍କ ମନୋବଳକୁ କିଭଳି ବୃଦ୍ଧି କରାଯାଇପାରିବ, ସେ ସମ୍ପର୍କରେ ପରାମର୍ଶ ଦେଇ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏଥିରେ ସମିତିର ସଂପାଦକ ଗଦାଧର ପାତ୍ରଙ୍କ ସହ ସଂପାଦକ ରଘୁନାଥ ମହାନ୍ତି ,ବିଶ୍ୱଜିତ ମହାଲିକ, ସୁନିଲ ବେହେରା, ବିରେନ୍ଦ୍ର ଦାସ ଓ ସଭ୍ୟ ପୁରୁଷୋତ୍ତମ ସେଠୀ , ଲକ୍ଷ୍ମୀଧର ମହାଲିକ, ପିତାମ୍ବର ଧାଉଁଡିଆ , ଜୟନ୍ତ ବେହେରା, ବାସନ୍ତି ସ, ପ୍ରଫୁଲ୍ଲ ଦାସ, ଭୋଲାନାଥ ମାଝି, ବୃନ୍ଦାବନ ରାଉତ ସମେତ ବରିଷ୍ଠ ନେତା କୈଳାସ ଚନ୍ଦ୍ର ପଣ୍ଡା ସମେତ ଚାଷୀ ମହେଶ୍ୱର ଜେନା, ଶ୍ରୀନିବାସ ବାରିକ, ସାହାତ ସିଂ, ଗିରିଧାରୀ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ବେହେରା, ଶ୍ରୀଧର ବେହେରା, ଲମ୍ବୋଧର ପ୍ରଦାନ ରମାକାନ୍ତ ଗିରି , ଗୁରୁପ୍ରସାଦ ଗିରି ପ୍ରମୁଖ ଉପସ୍ଥିତ ଥିଲେ। ଶ୍ୟାମସୁନ୍ଦର ମାଝି ଶେଷରେ ସୁନିଲ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା ...

ଶ୍ରୀ ମାଝୀ ଆଜି କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ଦିବସ ସମାରୋହ 'ସୁରଭି'ରେ ଯୋଗ ଦେଇ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ସ୍କୁଲ ଓ ଐତିହ୍ୟ ସ୍କୁଲ ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହାସହିତ ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ପ୍ରତି ପିଲା ପିଛା ଏକ ଟଙ୍କା ବୃଦ୍ଧି ଘୋଷଣା କରଇଛନ୍ତି । ରାଜ୍ୟର ପ୍ରାୟ ୫୦ହଜାରରୁ ଅଧିକ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବଢୁଥିବା ପ୍ରାୟ ୪୩ଲକ୍ଷ ଛାତ୍ରଛାତ୍ରୀ ଏହାଦ୍ୱାରା ଉପକୃତ ହେବେ । ଏବେ ପ୍ରତ୍ୟେକ ପ୍ରାଥମିକ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନଭୋଜନ ଖର୍ଚ୍ଚ ବାବଦରେ ରାଜ୍ୟ ସରକାର ଦୈନିକ ୫.୯୦ଟଙ୍କା ଓ ଉଚ୍ଚପ୍ରାଥମିକ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ୮.୮୨ଟଙ୍କା ଦେଉଛନ୍ତି । ବଜାର ଦରବୃଦ୍ଧିକୁ ଦୃଷ୍ଟିରେ ରଖି ସରକାର ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଇଁ ଦୈନିକ ମଧ୍ୟାହ୍ନଭୋଜନ ଖର୍ଚ୍ଚରେ ଏକ ଟଙ୍କା ବୃଦ୍ଧି କରିଛନ୍ତି । ସେହିପରି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ହଷ୍ଟେଲରେ ରହୁଥିବା ଛାତ୍ରଛାତ୍ରୀଙ୍କଠୁ ନିଆଯାଉଥିବା ମାସିକ ୨ହଜାର ଟଙ୍କା ଲେଖାଏଁ ଖାଇବା ଖର୍ଚ୍ଚକୁ ସମ୍ପୂର୍ଣ୍ଣ ଛାଡ଼ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଅଭିଭାବକମାନଙ୍କ ଅନୁରୋଧକୁ ରକ୍ଷା କରି ସରକାର ଏହି ମାସିକ ଖର୍ଚ୍ଚ ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ରାଜ୍ୟର ୩୧୪ ବ୍ଲକରେ ଓଡ଼ିଶା ଆଦର୍ଶ ସ୍କୁଲ ମଧ୍ୟରୁ ୧୭୩ଟି ଆଦର୍ଶ ସ୍କୁଲରେ କସ୍ତୁରବା ବାଳିକା ବିଦ୍ୟାଳୟ ଯୋଜନା ଅଧୀନରେ ବାଳିକା ହଷ୍ଟେଲ ନିମନ୍ତେ କେନ୍ଦ୍ର ସରକାର ଅନୁମୋଦନ ଦେଇସାରିଛନ୍ତି । ଯେଉଁଠି ସମସ୍ତ ଛାତ୍ରୀଙ୍କ ନିମନ୍ତେ ମାଗଣା ରହିବା ଓ ଖାଇବାର ବ୍ୟବସ୍ଥା ରହିଛି । ବାକି ୧୪୧ଟି ବାଳିକା ହଷ୍ଟେଲ ଓ ୩୧୪ଟି ବାଳକ ହଷ୍ଟେଲରେ ଏହି ମାଗଣା ବ୍ୟବସ୍ଥା କାର୍ଯ୍ୟକ୍ଷମ ପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଉଛି । ଓଡ଼ିଶା ଆଦର୍ଶ ସ୍କୁଲର ମୋଟ ୪୫୫ଟି ହଷ୍ଟେଲରେ ଅନ୍ତେବାସୀଙ୍କଠୁ ନିଆଯାଉଥିବା ମାସିକ ୨ହଜାର ଟଙ୍କା ଲେଖାଏଁ ଖାଇବା ଖର୍ଚ୍ଚକୁ ଏଣିକି ରାଜ୍ୟ ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସମସ୍ତ ହଷ୍ଟେଲରେ ଏହି ସୁବିଧା ଯୋଗାଇବା ପାଇଁ ରାଜ୍ୟ ସରକାର ମୂଳଖର୍ଚ୍ଚ ୬୩.୭୦କୋଟି ଟଙ୍କାକୁ ବାଦ୍ ଦେଲେ ବାର୍ଷିକ ୧୮୭.୧୫କୋଟି ଟଙ୍କା ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି । ସେହିପରି ମୁଖ୍ୟମନ୍ତ୍ରୀ ଆଜି ବିଜେପି ସରକାରର ନିଜସ୍ୱ ଯୋଜନା 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ସ୍କୁଲ'କୁ ଶୁଭାରମ୍ଭ କରିଛନ୍ତି । ଏହି ଯୋଜନାରେ ରାଜ୍ୟର ପ୍ରତି ପଂଚାୟତରେ ଗୋଟିଏ ଲେଖାଏଁ ଅତ୍ୟାଧୁନିକ ପ୍ରାଥମିକ ସ୍କୁଲ ନିର୍ମାଣ ପାଇଁ ଯୋଜନା କରାଯାଇଛି । ମୋଟ ୬୭୯୪ଟି ସ୍କୁଲ ନିର୍ମାଣ କରାଯାଇ ସତ୍ୟବାଦୀ ବନ ବିଦ୍ୟାଳୟରେ ଯେପରି ଆଦର୍ଶ ଶିକ୍ଷା ପରିବେଶ ଥିଲା ତାହା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ସବୁ ସ୍କୁଲରେ କ୍ରୀଡ଼ା, ଶାରୀରିକ ବ୍ୟାୟାମ, ସାମାଜିକ ଓ ସାଂସ୍କୃତିକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯିବା ସହ ସମସ୍ତ ପ୍ରକାରର ଅତ୍ୟାଧୁନିକ ଶିକ୍ଷା ଭିତ୍ତିଭୂମି ରହିବ ବୋଲି କହିଛନ୍ତି । ଏହି ଅବସରରେ ପୂର୍ବ ସରକାରଙ୍କ 'ଫାଇଭ-ଟି ସ୍କୁଲ' ଯୋଜନାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କଟାକ୍ଷ କରିଛନ୍ତି । ପୂର୍ବ ସରକାର ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ କାମ କରିନଥିଲେ ବରଂ ପୂର୍ବ ସରକାର ଅମଳରେ ପ୍ରାଥମିକ ସ୍କୁଲରେ ଶିକ୍ଷାର ମାନ କ୍ରମାଗତ ବିପର୍ଯ୍ୟସ୍ତ ହୋଇଥିବା କହିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ 'ଐତିହ୍ୟ ବିଦ୍ୟାଳୟ' ଯୋଜନାର ମଧ୍ୟ ଆଜି ଶୁଭାରମ୍ଭ କରିଛନ୍ତି । ଏହି ଯୋଜନାରେ ରାଜ୍ୟର ୧୦୦ବର୍ଷରୁ ଉର୍ଦ୍ଧ୍ୱ ପୁରୁଣା ସ୍କୁଲ କିମ୍ବା ଜିଲ୍ଲାର ସର୍ବପୁରାତନ ସ୍କୁଲଗୁଡ଼ିକର ବିକାଶ କରାଯିବ । ଏହାର ଐତିହ୍ୟ ଓ ଐତିହାସିକ ଗୌରବର ପୁନଃପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯିବ । ମୋଟ ୫୧ଟି ଐତିହ୍ୟ ବିଦ୍ୟାଳୟର ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଆଜିର ଏହି ରାଜ୍ୟସ୍ତରୀୟ ଶିଶୁ ଦିବସ କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ବାବୁ ସିଂଙ୍କ ସମେତ ବରିଷ୍ଠ ଅଧିକାରୀ ଏବଂ ୩୦ ଜିଲ୍ଲାର ୨ହଜାରରୁ ଅଧିକ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

## ଘୋଷଣା ହେଲା ରାଜ୍ୟ...

ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟିକା ଅସୀମା ପଣ୍ଡା(ରୋମିଓ ରାଜା), ଶ୍ରେଷ୍ଠ ଗୀତିକାର ପଞ୍ଚାନନ ନାୟକ, ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା ଜ୍ଞାନେନ୍ଦ୍ର କୁମାର ପଲାଇ(ରୋମିଓ ରାଜା), ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ ଭାବେ ପୁଷ୍ପା ପଣ୍ଡା(ସହିଦ୍ ରଘୁ ସର୍ଦ୍ଦାର), ଶ୍ରେଷ୍ଠ ଶିଶୁ ଅଭିନେତା ଅଜୟ କୁମାର ଚୌଧୁରୀ, ଶ୍ରେଷ୍ଠ କଳା ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ସେଠୀ(ସହିଦ୍ ରଘୁ ସର୍ଦ୍ଦାର), ସ୍ୱତନ୍ତ୍ର ଜୁରି ପୁରସ୍କାର ବର୍ଷା ପ୍ରିୟଦର୍ଶିନୀ, ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର ଭାବେ ନୀଳା ମହାପାତ୍ରଙ୍କ କ୍ଷୁଦ୍ର ଚଳଚ୍ଚିତ୍ର ମାସ୍କ, ଶ୍ରେଷ୍ଠ ଖଳ ଅଭିନେତା ରାଜିବ ମହାନ୍ତି(ସହିଦ ରଘୁ ସର୍ଦ୍ଦାର), ଶ୍ରେଷ୍ଠ ଖଳ ଅଭିନେତ୍ରୀ ଭାବେ ଲିପ୍ସା ମିଶ୍ର(କ୍ୱିନ୍), ଶ୍ରେଷ୍ଠ ସଂଳାପକାର ଭାବେ ଡକ୍ଟର ରଜନୀ ରଞ୍ଜନ ଦାଶ(ସହିଦ୍ ରଘୁ ସର୍ଦ୍ଦାର)ଙ୍କୁ ଓଡ଼ିଶା ଚଳଚ୍ଚିତ୍ର ସମ୍ମାନ ପ୍ରଦାନ କରାଯିବ। ୨୦୨୦ ମସିହା ପାଇଁ ବିଶିଷ୍ଟ ଲେଖକ ତଥା ନାଟ୍ୟକାର ଅନନ୍ତ ମହାପାତ୍ରଙ୍କୁ ଜୀବନବ୍ୟାପୀ ସାଧନା ପାଇଁ ପ୍ରଦାନ କରାଯିବ 'ମୋହନ ସ୍ୱାମୀ ଗୋସ୍ୱାମୀ ପୁରସ୍କାର'। ୨୦୨୧ ମସିହା ପାଇଁ ଅନୁପମ ପଟ୍ଟନାୟକଙ୍କ 'ପ୍ରତୀକ୍ଷା' ଓ ଅତିଶ କୁମାର ରାଉତଙ୍କ 'ଡାଲ୍‌ଚିନି'କୁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ମନୋନୀତ କରାଯାଇଛି। ଶ୍ରେଷ୍ଠ ନିର୍ଦ୍ଦେଶକ ସୁରେଶ ପଟ୍ଟନାୟକ(ତୃଷ୍ଣା), ଶ୍ରେଷ୍ଠ ମୁଖ୍ୟ ଅଭିନେତା ଭାବେ ଅଙ୍କିତ କୁମାର ଓ ଦୀପନ୍ୱିତ ଦାଶ ମହାପାତ୍ରଙ୍କୁ ପ୍ରଦାନ କରାଯିବ। ଠିକ୍ ସେହିପରି ଶ୍ରେଷ୍ଠ ମୁଖ୍ୟ ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର(ଡାଲ୍‌ଚିନି), ଶ୍ରେଷ୍ଠ କାହାଣୀକାର ରଞ୍ଜନ ଦାସ(ଭୋକ) ଓ ଗୌରହରୀ ଦାସ(ପ୍ରତୀକ୍ଷା); ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର(ତୃଷ୍ଣା), ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ ସ୍ୱୟପ୍ରଭାସ ପାଢ଼ୀ, ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟିକା ସୋହିନୀ ମିଶ୍ର, ଶ୍ରେଷ୍ଠ ଗୀତିକାର ଚିନ୍ମୟ ଦାସ ପଟ୍ଟନାୟକ(ବିଶ୍ୱାସ), ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା ସମରେଶ ରାଉତରାୟ(ତୃଷ୍ଣ ଓ ଅଜାତି), ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ ସାଧନା ମାଳି ଓ ଏଲିନା ସାମନ୍ତରାୟ; ଶ୍ରେଷ୍ଠ ହାସ୍ୟ କଳାକାର ଭାବେ ଶଙ୍କର ପ୍ରଧାନ, ଶ୍ରେଷ୍ଠ ଶିଶୁ ଅଭିନେତା ନଭନିତ ମହାନ୍ତି, ଶ୍ରେଷ୍ଠ ଖଳ ଅଭିନେତା କୁନା ତ୍ରିପାଠୀ(ଭୋକ), ଶ୍ରେଷ୍ଠ ଖଳ ଅଭିନେତ୍ରୀ ଇଷାନୀ ସେନ୍ ଗୁପ୍ତା(ଚକ୍ଷୁବନ୍ଧନ), ଶ୍ରେଷ୍ଠ ସଂଳାପକାର ପ୍ରଣବ ଦାସ(ଅଜାତି) ଓ ଚିନ୍ମୟଦାସ ପଟ୍ଟନାୟକ(ବିଶ୍ୱାସ)ଙ୍କୁ ପୁରସ୍କୃତ କରାଯିବ। ୨୦୨୧ ମସିହା ପାଇଁ ବିଶିଷ୍ଟ ଚିତ୍ରତ୍ତୋଳନକାରୀ ଶ୍ରୀନିବାସ ମହାପାତ୍ରଙ୍କୁ ଜୀବନବ୍ୟାପୀ ସାଧନା ପାଇଁ 'ମୋହନ ସ୍ୱାମୀ ଗୋସ୍ୱାମୀ ପୁରସ୍କାର' ପ୍ରଦାନ କରାଯିବ। ୨୦୨୨ ମସିହା ପାଇଁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ 'ଦମନ' ମନୋନୀତ ହୋଇଛି। ସେହିପରି ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ସୁଧାଂଶୁ ମୋହନ ପତି(ମାୟାବୀ), ଶ୍ରେଷ୍ଠ ଅଭିନେତା ବାବୁଶାନ ମହାନ୍ତି(ଦମନ), ଶ୍ରେଷ୍ଠ ଅଭିନେତ୍ରୀ ଲୋପାମୁଦ୍ରା ମିଶ୍ର(ବୋଉର ହାତବାକ୍ସ), ଶ୍ରେଷ୍ଠ କାହାଣୀକାର ମିହିର ରଞ୍ଜନ ଆଚାର୍ଯ୍ୟ(ବାଘ ବଜାରୀ), ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶ(ବାଳକୃଷ୍ଣ ଦେଶ ସମ୍ମାନ) ପଙ୍କଜ ଜାଲ(ଖରା), ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ ମାଧବ ଦାସ(ଶତ୍ରୁ), ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟିକା ଦୀପ୍ତିରେଖା ପାଢୀ(ମହାବାହୁ), ଶ୍ରେଷ୍ଠ ଗୀତିକାର ଚୂଡ଼ାମଣି ଚନ୍ଦନ(ଖରା) ଓ କପିଳେଶ୍ୱର ଖମାରୀ(ଶତ୍ରୁ), ଶ୍ରେଷ୍ଠ ଚିତ୍ରନାଟ୍ୟ ଡକ୍ଟର ଲିଙ୍ଗରାଜ ନାଥ(ମନସ୍କ), ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା କୁନାଲ୍ ପଟ୍ଟନାୟକ(ମାୟାବୀ) ଓ ଗଦାଧର ବାରିକ(ଖରା), ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ ସୁଶୀଳା ନାୟାର(ଖରା), ଶ୍ରେଷ୍ଠ ହାସ୍ୟ ଅଭିନେତା ହରିହର ମହାପାତ୍ର(ମହାବାହୁ), ଶ୍ରେଷ୍ଠ ଖଳ ଅଭିନେତା କୌଶିକ ମହାପାତ୍ର, ଶ୍ରେଷ୍ଠ ଖଳ ଅଭିନେତ୍ରୀ ମଉବାଣୀ ସରକାର(ମାୟାବୀ) ପାଇବେ ପୁରସ୍କାର। ୨୦୨୨ ମସିହା ପାଇଁ ବିଶିଷ୍ଟ ହାସ୍ୟ ଅଭିନେତା ଜୟରାମ ସାମଲଙ୍କୁ ଜୀବନବ୍ୟାପୀ ସାଧନା ପାଇଁ 'ମୋହନ ସ୍ୱାମୀ ଗୋସ୍ୱାମୀ ପୁରସ୍କାର ପ୍ରଦାନ କରାଯିବ।

## ମୁଖ୍ୟମନ୍ତ୍ରୀ ମୋହନ ଚରଣ...

ପାରାଦୀପ ଠାରେ ଏହି ମହୋତ୍ସବ ପାଳନ କରାଯିବା ଖୁସିର କଥା ବୋଲି କହିଥିଲେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ରାଜ୍ୟ ସରକାର ପ୍ରତିଟି ଓଡିଆଙ୍କ ପାଇଁ କାମ କରୁଛି ଆଗାମୀ ଦିନରେ ରାଜ୍ୟର ବିକାଶ ସହିତ ପାରାଦୀପର ବିକାଶ କଥା ତାଙ୍କ ସରକାର ଚିନ୍ତା କରୁଥିବା ମାନ୍ୟବର ମୁଖ୍ୟମନ୍ତ୍ରୀ କହିବା ସହିତ ଆଠ ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବର ସଫଳତା କାମନା କରିଥିଲେ । କଳିଙ୍ଗ ବାଲିଯାତ୍ରା କମିଟିର ଅଧକ୍ଷ ତଥା ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ ପୌରହିତ୍ୟରେ ଆୟୋଜିତ ସଂସ୍କୃତିକ ସଭାରେ ମୁଖ୍ୟବକ୍ତା ଭାବେ ପାରାଦୀପ ବିଧାୟକ ତଥା ମାନ୍ୟବର ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାମ୍ମାନୀତ ଅତିଥିଭାବେ ସାଂସଦ ବିଭୂପ୍ରସାଦ ତରାଇ, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ତିର୍ତୋଲ ବିଧାୟକ ରମାକାନ୍ତ ଭୋଇ, ବାଲିକୁଦା-ଏରସମା ବିଧାୟକ ଶାରଦା ଜେନା,ପୂର୍ବାଂଚଳ ଡି.ଆଇ.ଜି. ଚରଣସିଂ ମୀନା, ଜିଲ୍ଲା ପରିଷଦ ସଭାପତି ମନୋଜ ଭୋଇ,,ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ, ପାରାଦୀପର ନଗରପାଳ ବସନ୍ତ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ତଥା କଳିଙ୍ଗ ବାଲିଯାତ୍ରା କମିଟିର ଉପାଧକ୍ଷ ନିରଂଜନ ବେହେରା । ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା । ଉଦଘାଟନୀ ସମାରୋହ ପରେ ଓଡିଶାର ବିଶିଷ୍ଟ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା । ମାନ୍ୟବର ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ହେଲିକ୍ୱାପ୍ଟର ଯୋଗେ ଆସି ପାରାଦୀପ ନୂଆବଜାରସ୍ଥିତ ଗୋପବନ୍ଧୁ ଷ୍ଟାଡିୟମଠାରେ ଓହ୍ଲାଇ ଥିଲେ । ସେଠାରୁ ଆସି ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ସେଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାଲିଯାତ୍ରା ପଡିଆକୁ ଯାଇ କଳିଙ୍ଗ ବାଲିଯାତ୍ରା ମହୋତ୍ସବ-୨୦୨୪କୁ ଉଦଘାଟନ କରିଥିଲେ ।ଆଠ ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବର ଅନ୍ତିମ ସଂନ୍ଧ୍ୟାରେ ମହାମହିମ ରାଜ୍ୟପାଳ ରଘୁବର ଦାସ ଯୋଗ ଦେବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି । ଉଦଯାପନୀ ସମାରୋହରେ ବଲିଉଡ କଣ୍ଠଶିଳ୍ପୀ ସୋନୁ ନିଗମ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

## ଭିଜିଲାନ୍ସ ଜାଲରେ ଭାଗବତ...

ଲାଞ୍ଚ ନେଇ ଧରାପଡ଼ିବା ପରେ ଆରଆଇ ଶ୍ରୀ ଖଟୁଆଙ୍କୁ ଦୁଇଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ସେ ଆୟ ବର୍ହିଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ଏହି ଚଢ଼ାଉ କରାଯାଇଛି। ଏହି ଘଟଣାରେ ଭିଜିଲାନ୍ସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଥିବା ବେଳେ ତଦନ୍ତ ଜାରି ରହିଛି।

## ଦିଲ୍ଲୀ ମେୟର ନିର୍ବାଚନରେ...

ଅନ୍ୟପଟେ ବିଜେପି ପ୍ରାର୍ଥୀ କିଶନ ଲାଲଙ୍କୁ ୧୩୦ ଭୋଟ ମିଳିଥିଲା। ଫଳରେ ୩ ଖଣ୍ଡ ଭୋଟ ବ୍ୟବଧାନରେ ଆପ୍ ପ୍ରାର୍ଥୀ ଏହି ନିର୍ବାଚନରେ ବାଜିମାତ କରିଛନ୍ତି। ଅନ୍ୟପଟେ କଂଗ୍ରେସ ଏହି ନିର୍ବାଚନକୁ ବୟକଟ୍ କରିଥିଲା। ତେବେ ଦିଲ୍ଲୀରେ ଶାସକ ଦଳ ପାଇଁ ଚିନ୍ତାର ବିଷୟ ହେଉଛି ଯେ, ବିରୋଧୀ ବିଜେପି ପାଖରେ ମୋଟ ୧୨୦ ଖଣ୍ଡ ଭୋଟ ଥିଲା। ହେଲେ ବିଜେପିକୁ ମିଳିଛି ୧୩୦ ଖଣ୍ଡ ଭୋଟ। ଅର୍ଥାତ ଆମ୍ ଆଦମି ପାର୍ଟିର ୧୦ ଜଣ କାଉନସିଲର ବିଜେପି ସପକ୍ଷରେ ଭୋଟ ଦେଇଛନ୍ତି। ତେବେ ଆପ୍ ପ୍ରାର୍ଥୀ ମହେଶ କୁମାରଙ୍କ ବିଜୟ ପରେ ଦଳର ସାଂସଦ ସଞ୍ଜୟ ସିଂହ ଓ ଅନ୍ୟ ବରିଷ୍ଠ ନେତାମାନେ ବିଧାନସଭା ଭିତରେ ବିଜୟ ସଂକେତ ଦେଖାଇ ଉତ୍ସବ ମନାଇଥିଲେ।

## କୁଷ୍ଠ ଚିହ୍ନଟ ଅଭିଯାନ ପାଇଁ ଜିଲ୍ଲା ସ୍ତରୀୟ ସମନ୍ୱୟ କମିଟି ବୈଠକ

ବାରିପଦା, ୧୪/୧୧ (ନି.ପ୍ର):୧୮ ରୁ ୩୦ ନଭେମ୍ବର ୨୦୨୪ ମଧ୍ୟରେ ହେବାକୁ ଯାଉଥିବା କୁଷ୍ଠ ଚିହ୍ନଟ ଅଭିଯାନ ଉପଲକ୍ଷେ ମୟୂରଭଞ୍ଜ ଜିଲ୍ଲା ସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟଙ୍କ ଅଧକ୍ଷତାରେ ସ୍ଥାନୀୟ ମହାତ୍ମା ଗାନ୍ଧୀ ସଭା ଗୃହରେ ଆୟୋଜିତ ଏହି ବୈଠକରେ ଅଭିଯାନ ପାଇଁ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା। ସୂଚନାନୁସାରେ, ଗତ ୨୦୨୩-୨୪ ବର୍ଷରେ ୬୬୯ ଜଣ ନୂତନ କେଶ୍ ଚିହ୍ନଟ ହୋଇଥିଲା ବେଳେ ଚଳିତ ବର୍ଷ ୨୦୨୪-୨୫ ବର୍ଷ ପାଇଁ ସେପଟ୍ମେର ମାସ ସୁଦ୍ଧା ୧୯୮ ଟି କେଶ୍ ଚିହ୍ନ?ଟ ହୋଇଛି। କୁଷ୍ଠ କେଶ୍ ଚିହ୍ନଟ ଅଭିଯାନରେ ୨୦୨୪-୨୫ ପାଇଁ ଜାତୀୟ ନୀତି ଯୋଜନା ଅନୁଯାୟୀ ଓଡ଼ିଶା ରାଜ୍ୟର ସ୍ଥାନିୟ ଅଞ୍ଚଳ ମଧ୍ୟରେ ପରିବୃଷ୍ଟ ପ୍ରବଣ ୧୭୬ ବ୍ଲକ୍ ମଧ୍ୟରୁ ମୟୂରଭଞ୍ଜର ୨୨ଟି ବ୍ଲକ୍ ଗୁଡିକୁ ଏହି ଅଭିଯାନରେ ସାମିଲ କରାଯାଇଛି। ଏହି ଅଭିଯାନରେ ସର୍ଭେ ଦ୍ୱାରା ଚିହ୍ନଟ କେଶ୍ ର ୧୦୦% ମେଡ଼ିକାଲ ଅଫିସରଙ୍କ ଦ୍ୱାରା ୩ ଦିନ ମଧ୍ୟରେ ପରୀକ୍ଷା କରାଯିବ। ୫ ଡିସେମ୍ବର ୨୦୨୪ ସୁଦ୍ଧା ପରୀକ୍ଷା ଶେଷ ହେବ ଏବଂ ୧୩ ଡିସେମ୍ବର ୨୦୨୪ ସୁଦ୍ଧା ଚୂଡ଼ାନ୍ତ ରିପୋର୍ଟ ଦାଖଲ କରାଯିବ। ୨୨ଟି ବ୍ଲକ୍?ର ୩୧୭୦ ଗାଁର ୨୨,୪୭,୦୭୮ଲୋକ ସଂଖ୍ୟାକୁ ନେଇ ୬୦ ଟି ପି.ଏଚ୍.ସି ସବ୍?ସେଣ୍ଟର ଅନ୍ତର୍ଗତ ଅଞ୍ଚଳରେ ୮୨ ଜଣ ମେଡ଼ିକାଲ ଅଧିକାରୀ, ୨୭୪୩ ଜଣ ଆଶା, ୪୯୧ ଜଣ ହେଲଥ୍ ୱାର୍କର, ସମେତ ହେଲଥ୍ ସୁପର ଭାଇଜର ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କ ଜରିଆରେ ଏହି ଅଭିଯାନରେ କୃଷ୍ଠ ଚିହ୍ନଟ କାର୍ଯ୍ୟକ୍ରମ ସମ୍ପାଦନ କରାଯିବ। ଏଥିପାଇଁ ବ୍ଲକ୍ ଓ ଜିଲ୍ଲା ସ୍ତରରେ ସମ୍ପୃକ୍ତ କର୍ମଚାରୀ ମାନଙ୍କୁ ନେଇ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଶେଷ ହୋଇଛି। ଏହି ସର୍ଭେରେ ସଂପୃକ୍ତ ହେବାକୁ ଥିବା ସମସ୍ତ କର୍ମଚାରୀ, ଅଧିକାରୀମାନଙ୍କ ଭୂମିକା ଓ କର୍ତ୍ତବ୍ୟ ସମ୍ବନ୍ଧରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ପ୍ରକାଶ ଥାଉକି କେନ୍ଦ୍ରୀୟ କୁଷ୍ଠ ଡିଭିଜନ୍ ଦ୍ୱାରା ପ୍ରଣୀତ ଜାତୀୟ ନୀତି ଯୋଜନା ୨୦୨୩-୨୭ ଅନୁଯାୟୀ ୨୦୨୭ ସୁଦ୍ଧା କୁଷ୍ଠ ମୁକ୍ତ ଭାରତ ଗଠନ ଆଭିମୁଖ୍ୟ ରଖାଯାଇଛି।

## ସୁନା ଚେନ ଲୁଟେରାଙ୍କ ପାଇଁ ଚାଲିଗଲା ଜୀବନ

ଭୁବନେଶ୍ୱର, ୧୪/୧୧ (ନି.ପ୍ର): ସୁନା ଚେନ ଲୁଟେରାଙ୍କ ପାଇଁ ଚାଲିଗଲା ଜୀବନ। ଗତ ସୋମବାର ଭୁବନେଶ୍ୱରରୁ ହରିରାଜପୁର ସୋମନାଥ ମନ୍ଦିର ଦର୍ଶନ ପାଇଁ ଯାଉଥିଲେ ଦମ୍ପତ୍ତି। ହଠାତ କଳା ପଲସର ବାଇକରେ ଦୁଇ ଜଣ ଦୁର୍ବୃତ୍ତ ଆସି ସୁନା ଚେନ ଝାମ୍ପି ନେବା ପାଇଁ ଉଦ୍ୟମ କରିଥିଲେ। ମୋଟା ଚେନ କାରଣରୁ ଚେନ ନେଇପାରିନଥିଲେ ଲୁଟେରା। ସ୍ୱାମୀ ବାଇକ ଚଲାଉଥିବାବେଳେ ସ୍ତ୍ରୀ ପଛରେ ବସିଥିଲେ। ଲୁଟ ନକରିପାରି ପୁନର୍ବାର ଲୁଟ ପାଇଁ ଗୋଡ଼ାଇ ଆକ୍ରମଣ କରିଥିଲେ। ଲୁଟରୁ ସୁନା ଚେନ ସିନା ବଞ୍ଚିଗଲା ହେଲେ ଆକ୍ରମଣ ପରେ ମୁଣ୍ଡରେ ଆଘାତ ପାଇଥିଲେ ସ୍ତ୍ରୀ ବିଷ୍ଣୁ। ୩ଦିନ ଧରି ଜୀବନ ସହିତ ସଂଗ୍ରାମ ପରେ ଆଜି ତାଙ୍କର ମୃତ୍ୟୁ ହୋଇଛି।

## ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ୧୩୫ତମ ପୁଣ୍ୟ ତିଥିରେ ରକ୍ତଦାନ ଶିବିର: ୨୧୨ ୟୁନିଟ ରକ୍ତ ସଂଗୃହୀତ




ପାରାଦ୍ୱୀପ, ୧୪/୧୧ (ନି.ପ୍ର): ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ୧୩୫ତମ ପୁଣ୍ୟତିଥିରେ ପଣ୍ଡିତ ଜବାହାରଲାଲ ନେହେରୁ ଟ୍ରଷ୍ଟ,ପାରାଦ୍ୱୀପ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ମଧୁବନସ୍ଥିତ ଶ୍ରମିକ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ୱେଚ୍ଛାକୃତ ରକ୍ତଦାନା ଶିବିରକୁ ପାରାଦୀପର ନଗରପାଳ ବସନ୍ତ ବିଶ୍ୱାଳ, ପାରାଦୀପ ବନ୍ଦର ଡି.ଟି.ଏମ୍. ଶ୍ରମନ ନାରାୟଣ ମିଶ୍ର, ସମାଜସେବୀ ହାରାମଣୀ ମହାପାତ୍ର ଉଦଘାଟନ କରିଥିଲେ । ଏହି ଶିବରରେ ମୋଟ ୨୧୨ ୟୁନିଟ ରକ୍ତ ସେଣ୍ଟ୍ରାଲ ରେଡକ୍ରସ ବ୍ଲଡ ବ୍ୟାଙ୍କ କଟକ ଦ୍ୱାରା ସଂଗୃହିତ ହେଇଥିଲା । ପଣ୍ଡିତ ଜବାହାରଲାଲ ନେହେରୁ ଟ୍ରଷ୍ଟର ମଖ୍ୟ ଉପଦେଷ୍ଟା ତଥା ପାରାଦୀପ ନିର୍ବଚାନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ନିରଂଜନ ନାୟକ, ଜିଲ୍ଲା କଂଗ୍ରେସ୍ ସଭାପତି ନଟବର ବାରିକ, ତିର୍ତୋଲ ବିଧାନସଭା ବିଧାୟକ ପ୍ରାର୍ଥୀ ଇଂ.ହିମାଂଶୁ ମଲ୍ଲିକ, ପାରାଦୀପ ବନ୍ଦର ସୁପରିଟେଣ୍ଡ ଅଫ୍ ଇଂଜିନିୟର ସୁଶାନ୍ତ ସେଠୀ, ନିର୍ବାହୀ ଯନ୍ତ୍ରୀ ଗଙ୍ଗାଧର ସେଟୀ, ଅଠରବାଙ୍କୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସକ ଡ.ଅସିଫ,ନଗର କଂଗ୍ରେସ ସଭାପତି କେଦାରନାଥ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିରକୁ ଟ୍ରଷ୍ଟର ଅଧକ୍ଷ ସରୋଜ ପ୍ରଧାନ, ବିଜୟ ସେଠୀ, କୃପାସିନ୍ଧୁ ଦାସ, ଚନ୍ଦ୍ରଶେଖର ମହାପାତ୍ର, ବିନୋଦ ପ୍ରଧାନ,ଜଗନ୍ନାଥ ଶତପଥୀ, ସଂଘମିତ୍ରା ସ୍ୱାଇଁ, ବିନତୀ ପଢିହାରୀ, ଧରିତ୍ରୀ ସାମଲ, ପ୍ରେମଲତା ବାରିକ, ମମତା ଜେନା, ପୁଷ୍ପଲତା ଦାସ ପ୍ରମୁଖ ପରିଚାଳନା କରିଥିଲେ ।

## ବଣସୀମା ଆଞ୍ଚଳିକ ବିକାଶପରିଷଦ ଆନୁକୁଲ୍ୟରେ ୭୮ତମ ଗଡ଼ଜାତ ମିଶ୍ରଣ ଦିବସ ପାଳିତ




ନୀଳଗିରି , ୧୪/୧୧ (ନି.ପ୍ର): ୧୯୪୭ ମସିହା ଅଗଷ୍ଟ ୧୫ତାରିଖରେ ଭାରତ ସ୍ୱାଧିନତା ପାଇଥିଲେ ମଧ ଅଖଣ୍ଡ ଭାରତ ସ୍ୱାଧୀନ ହୋଇପାରିନଥିଲା। କିଛି ଦେଶୀୟ ରାଜ୍ୟ ରାଜତନ୍ତ୍ର ଶାସନରେ ଶାସିତ ହେଉଥିଲେ। ତେବେ ଅତ୍ୟାଚାରୀ ରାଜଶାସନରୁ ମୁକ୍ତି ପାଇଁ ବହୁ ସ୍ୱାଧୀନଚେତା ଦେଶପ୍ରେମୀଙ୍କ ବଳିଷ୍ଠ ନେତୃତ୍ୱରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରି ରାଜତନ୍ତ୍ରରୁ ମୁକ୍ତ ହୋଇଥିଲେ। ତେବେ ସ୍ୱାଧୀନ ଭାରତବର୍ଷରେ ୫୬୦ରୁ ଉର୍ଦ୍ଧ୍ୱ ଗଡ଼ଜାତ ମଧ୍ୟରୁ ପ୍ରଥମ କରି ଓଡ଼ିଶାର ନୀଳଗିରି ଗଡ଼ଜାତ ରାଜ୍ୟ ଭାରତବର୍ଷରେ ମିଶିଥିଲା। ନୀଳଗିରି ମାଟି ଗଡ଼ଜାତ ମିଶ୍ରଣର ପ୍ରଥମ ପଥପ୍ରଦର୍ଶକ ସାଜିଥିଲା। ଏହି ଐତିହାସିକ ସ୍ମାରକୀ ଦିବସକୁ ମନେପକାଇ ପାଇଁ ପ୍ରତିବର୍ଷ ଭଳି ଚଳିତବର୍ଷ ବଣସୀମା ଆଞ୍ଚଳିକ ବିକାଶପରିଷଦ ପକ୍ଷରୁ ତେଲିପାଳ ହାଇସ୍କୁଲ ପରିସରରେ ଏକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ତଥା ଉକ୍ତ ପରିଷଦର ସଭାପତି ସୁରେଶ ଚନ୍ଦ୍ର ଶଙ୍ଖୁଆଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ କବି ତଥା ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଗବେଷକ ତଥା ଓଏଫଏସ ଚନ୍ଦନ କୁମାର ଷଡ଼ଙ୍ଗୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସୁବର୍ଣ୍ଣଶ୍ରୀ ପ୍ରକାଶନୀ ସଂସ୍ଥାର ପ୍ରକାଶକ କାଳୀପଦ ପଣ୍ଡା, ଶରତ ଚନ୍ଦ୍ର ମହାନ୍ତି,ପୂର୍ବତନ ଅଧକ୍ଷ ମନୋରଞ୍ଜନ ପଣ୍ଡା,ସମାଜସେବୀ ତଥା କଂଗ୍ରେସ ଯୁବ ନେତା ତପନ ରାଉତ,ତେଲିପାଳ ସ୍କୁଲର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସାହୁ,କମିଟିର ସମ୍ପାଦକ ଅମରେନ୍ଦ୍ର ନାୟକ,ଆଇନଜୀବି ପ୍ରତାପ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ନୀଳଗିରିର ବୀର ସଂଗ୍ରାମୀଙ୍କ ଗାଥା ବଖାଣିଥିଲେ। ମାନସ ମିଶ୍ର ଉକ୍ତ ସଭାରେ ମଞ୍ଚ ପରିଚାଳନା କରିଥିଲେ।ଏହି ଅବସରରେ "ପ୍ରଥମ ଗଡଜାତ "ନାମରେ ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ସମାଜସେବୀ ମନମୋହନ ମିଶ୍ର,କଳାକାର ସନାତନ ପସା, ଶିକ୍ଷକ ଚନ୍ଦନ କୁମାର ରାଉତ, ସାମ୍ବାଦିକ ସତ୍ୟାନନ୍ଦ ପାତ୍ର ଓ ଦିଲ୍ଲିପ କୁମାର ସ୍ୱାଇଁ,ନୀଳଗିରି ଟ୍ରକ ଆସୋସିଏସନ ସଂଘ, ପରିବେଷବିତ ପୁରୁଷୋତ୍ତମ ସାହୁ, ଚାଷୀ ତାରେଣୀ ପ୍ରସାଦ ନାୟକଓ ଯଶୋଦା ନାୟକଙ୍କୁ ସମ୍ମାନିତ କରାଯାଇଥିଲା। କମିଟିର କୋଷାଧକ୍ଷ ପ୍ରମେୟ କୁମାର ମହାନ୍ତି, ମାନବେନ୍ଦ୍ର ନାୟକ, ଅନ୍ନପୂର୍ଣ୍ଣା ସାହୁ, ହେମେନ୍ଦ୍ର ପଣ୍ଡା,ଓ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବାଲିଆପାଳ ସରସ୍ୱତୀ ଶିଶୁ ମନ୍ଦିରରେ ଶିଶୁ ଦିବସ ପାଳିତ




ଲଙ୍ଗଳେଶ୍ୱର , ୧୪/୧୧ (ନି.ପ୍ର): ଓଡିଶା ଶିକ୍ଷା ବିକାଶ ସମିତି ପରିଚାଳିତ ବାଲିଆପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁବାର ଶିଶୁ ଦିବସ ଓ ଜବାହାରଲାଲ ନେହରୁ ଜନ୍ମଦିନ ପାଳିତ ହୋଇଯାଇଛି। ଏଥିପାଇଁ ଆୟୋଜିତ ଉତ୍ସବରେ ପ୍ରାକ୍ତନ ଏସ ଆଇ ଅଫ ସ୍କୁଲସ୍ ଗୋବିନ୍ଦ ପ୍ରସାଦ ଦାସ ମୁଖ୍ୟ ଅତିଥି, ଶିକ୍ଷାବିତ ଅଧ୍ୟାପକ ଡ଼ଃ ସୁକାନ୍ତ ଗିରି ମୁଖ୍ୟ ବକ୍ତା, କମିଟି ସଦସ୍ୟ ଭାସ୍କର ଚନ୍ଦ୍ର ସାହୁ,ଅଦ୍ୱୈତ କୁମାର ବାଗ, ମନୋଜ କୁମାର ସି, ପରିଚାଳନା କମିଟି ସଭାପତି ଇଂ ସୁଶାନ୍ତ କୁମାର ଚକ୍ରବର୍ତ୍ତୀ, ପ୍ରାକ୍ତନ ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ବାରିକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଶିଶୁ ଦିବସର ଇତିହାସ ସମ୍ପର୍କରେ କହିଥିଲେ। ପ୍ରଧାନ ଆଚାର୍ଯ୍ୟା ସଞ୍ଜୁ ଲତା ପାତ୍ର ସଭା ପରିଚାଳନା ଲାରିଥିବାବେଳେ ଗୁରୁମା ସୁମିତା ମଣ୍ଡଳ, ମନିତା ରାଜ, ସସ୍ମିତା ସାହୁ, ଅହଲ୍ୟା ପାତ୍ର, ନିବେଦିତା ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଏହି ଅବସରରେ ଛାତ୍ର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ପାନିପତରେ ଭାରସାମ୍ୟ ହରାଇ ୬ଜଣ ଉପରେ ମାଡିଗଲା ଟ୍ରକ: ୫ ମୃତ

ଚଣ୍ଡିଗଡ, ୧୪/୧୧ (ନି.ପ୍ର): ଚଣ୍ଡିଗଡ-ଦିଲ୍ଲୀ ମୁଖ୍ୟ ରାସ୍ତା ସ୍ଥିତ ପାନିପତରେ ଏକ ଟ୍ରକ ଭାରସାମ୍ୟ ହରାଇ ରାସ୍ତାରେ ୬ଜଣଙ୍କ ଉପରେ ମାଡିଯାଇଛି । ଏହି ଦୁର୍ଘଟଣାରେ ୫ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ସ୍ଥାନୀୟ ଲୋକେ ଡ୍ରାଇଭରକୁ ଧରି ପୋଲିସ ଜିମା ଦେଇଛନ୍ତି । ସୂଚନା ମୁତାବକ ଗୁରୁବାର ଏକ ଟ୍ରକ ଡ୍ରାଇଭର ଏଲିଭେଟିଡ ହାଇୱେରେ ବିପରିତ ଦିଗରୁ ପ୍ରବେଶ କରିଥିଲା ଏବଂ ସିଭାହ ପୋଲ ନିକଟରେ ଏକ ବାଇକରେ ଯାଉଥିବା ୨ଜଣଙ୍କ ଉପରେ ମାଡିଯାଇଥିଲା । ଏହାପରେ ଆଗରେ ମଲିକ ପେଟ୍ରୋଲ ପମ୍ପ ସମ୍ମୁଖରେ ପୁଣି ଦୁଇ ବାଇକ ଚାଳକଙ୍କ ଉପରେ ମାଡିଯାଇଥିଲା । ଏହାପରେ ଚାଳକ ଗୁରୁଦ୍ୱାରା ସମ୍ମୁଖରେ ଦୁଇଜଣଙ୍କ ଉପରେ ଚଢିଯାଇଥିଲା । ଘଟଣାସ୍ଥଳରେ ୪ଜଣଙ୍କ ମୃତ୍ୟୁ ହୋଇଥିଲା । ଜଣେ ଗୁରୁତରଙ୍କ ମୃତ୍ୟୁ ହସ୍ପିଟାଲରେ ହୋଇଥିଲା ।

## ଓୟୁଏଟିରେ ଜଣ୍ଡିସ ପରେ ଫୁଡ୍ ଇନସପେକ୍ଟରଙ୍କ ମାରାଥନ ରେଡ୍

ଭୁବନେଶ୍ୱର, ୧୪/୧୧ (ନି.ପ୍ର): ଓୟୁଏଟିରେ ଜଣ୍ଡିସ ବ୍ୟାପିବା ପରେ ଭୁବନେଶ୍ୱର ମହାନଗର ନିଗମର ଫୁଡ ଇନସପେକ୍ଟରଙ୍କ ମାରାଥନ ରେଡ୍ । ହଷ୍ଟେଲ ବାହାରେ ଜଙ୍କ ଫୁଡ ବିକୁଥିବା ଦୋକାନ ଗୁଡିକୁ ଆସନ୍ତା ରବିବାର ଯାଏଁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହି ଦୋକାନର ଖାଦ୍ୟ ଓ ପାଣିର ନମୁନା ପରୀକ୍ଷା ପାଇଁ ନେଇଛି ଭୁବନେଶ୍ୱର ମହାନଗର ନିଗମ । ରିପୋର୍ଟ ଆସିବା ପରେ ନିଆଯିବ ପଦକ୍ଷେପ । ପ୍ରତିଦିନ ଏହି ସବୁ ଦୋକାନ ଯାଞ୍ଚ ପାଇଁ ଏଡିୟୁପିଏଚଓ ଓ ଅର୍ବାନ ସର୍ଭେଲାନ୍ସ ୟୁନିଟକୁ ନିର୍ଦ୍ଦେଶ ଦିଆଯାଇଥିବା ମେୟର କହିଛନ୍ତି ।




## ଭାରତୀୟ ବିଦ୍ୟା ନିକେତନରେ ଶିଶୁ ଦିବସ ପାଳିତ

ଖୋର୍ଦ୍ଧା, ୧୪/୧୧ (ନି.ପ୍ର): ପବିତ୍ର ଶିଶୁ ଦିବସ ଅବସରରେ ଖୋର୍ଦ୍ଧା ଜିଲ୍ଲାର ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ସ୍ଥିତ ଭାରତୀୟ ବିଦ୍ୟା ନିକେତନ ପରିସରରେ ଶିଶୁ ଦିବସ ପାଳିତ ହୋଇଯାଇଅଛି । ଏହି ଦିବସ ରେ ଶିଶୁ ମାନଙ୍କୁ ଉତ୍ସାହିତ କରିବାପାଇଁ କନିଷ୍ଠ ଓ ବରିଷ୍ଠ ବିଭାଗ ର ଶିଶୁ ଭାଇ ଭଉଣୀ ମାନଙ୍କୁ ନେଇ ଚିତ୍ରାଙ୍କନ ଶିଶୁ ବାଟିକା ର ଶିଶୁ ମାନଙ୍କୁ ନେଇ ଦେବା ଦେବୀ ଫଟୋ ଚିତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଶିଶୁ ଦିବସ ସମ୍ବନ୍ଧ ରେ ପିଲା ମାନଙ୍କ ମଧ୍ୟରେ କ୍ୱିଜ୍ କରାଯାଇଥିଲା । ଏହି ସବୁ ପ୍ରତିଯୋଗିତା ରେ ବିଦ୍ୟାଳୟ ର ୮୮ ଜଣ ଶିଶୁ ଭାଇ ଭଉଣୀ ଅଂଶ ଗ୍ରହଣ କରିଥିଲେ । ପରିଶେଷରେ ବିଦ୍ୟାଳୟ ର ପ୍ରତିଷ୍ଠାତା ସମ୍ପାଦକ ଶୁଭକାନ୍ତ ମହାପାତ୍ର ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଆଧାତ୍ମିକ ପ୍ରେମୀ,ପଞ୍ଚବଟୀ ରାମ ଚରିତ ମାନସ ପ୍ରଚାର ସମିତି ର ମୁଖ୍ୟ ତଥା ସମାଜ ସେବୀ ଚିନ୍ତାମଣି ଲେଙ୍କା ସମସ୍ତ ପ୍ରତିଯୋଗିତା ର ବିଚାରକ ସହ ପିଲାମାନଙ୍କ ଓ ବିଦ୍ୟାଳୟ ର ହିତ ଉଦ୍ଦେଶ୍ୟରେ ଦିଗ ଦର୍ଶନ ଦେଇଥିଲେ । ତତ୍ପରେ ପିଲା ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଚିତ୍ରାଙ୍କନ ପ୍ରତିଯୋଗିତା ରେ ବରିଷ୍ଠ, କନିଷ୍ଠ ଓ ଠାକୁର ଫଟୋ ପ୍ରଦର୍ଶନୀ ରେ ତିନି ଜଣ ଲେଖାଏଁ ୯ଜଣଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଗତ ଅର୍ଦ୍ଧ ବାର୍ଷିକ ପରୀକ୍ଷା ରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୭ ଜଣ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି । ଏହି କାର୍ଯ୍ୟକ୍ରମ କୁ ପ୍ରଧାନ ଆଚାର୍ଯ୍ୟକ୍ଷ ସୁକାନ୍ତି ନାୟକ ପରିଚାଳନା କରିଥିବା ବେଳେ ସମସ୍ତ ଗୁରୁମା ମାନେ ସଫଳ ରୂପାୟନ ରେ ସହଯୋଗ କରିଥିଲେ । ଏଭଳି ଅଯୋଜନକୁ ଅଭିଭାବକ ଙ୍କ ସହ ଅଞ୍ଚଳ ବାସି ପ୍ରଶଂସା କରିଛନ୍ତି ।


## ରାଜ୍ୟସ୍ତରୀୟ ସୁରଭିରେ ସମ୍ବର୍ଦ୍ଧିତ ହେବେ ମୟୂରଭଞ୍ଜର ୧୨ କ୍ରୀଡ଼ାବିତ



ମୟୂରଭଞ୍ଜ, ୧୪/୧୧ (ନି.ପ୍ର): ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଓଡିଶା, ଭୂବେନେଶ୍ୱର ପତ୍ରାଙ୍କ ସଂଖ୍ୟା ୩୨୬୯୦ ତାରିଖ ୧୧/୧୧/୨୦୨୪ ଚିଠି ଅନୁଯାୟୀ ଜାତୀୟ ବିଦ୍ୟାଳୟ ସମୂହ କ୍ରୀଡା,୨୦୨୩ -୨୪ ରେ ଅଂଶ ଗ୍ରହଣ କରିଥିବା କ୍ରୀଡ଼ାବିତମାନଙ୍କୁ ନଭେମ୍ବର ୧୩ ତାରିଖ ରେ କ୍ୟାପିଟାଲ ହାଇସ୍କୁଲ, ୟୁନିଟ -୩, ଭୂବେନେଶ୍ୱର ଠାରେ ଆୟୋଜିତ ହୋଇଥିବା ରାଜ୍ୟସ୍ତରୀୟ ସୁରଭି -୨୦୨୪ ରେ ସମ୍ବର୍ଦ୍ଧିତ ହେବେ କ୍ଷ ଏହି ଉତ୍ସବ ରେ ଯୋଗ ଦେବା ପାଇଁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ତତ୍ତ୍ୱବଧାନରେ କୃଷ୍ଣଚନ୍ଦ୍ର ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲଡିହା ର ପିଇଟି ଦିବ୍ୟରଞ୍ଜନ ଦାସ ଓ ସରକାରୀ (ଏସ. ଏସ. ଡ଼ି.) ବାଳିକା ଉଚ୍ଚ ବିଦ୍ୟାଳୟ, ରାଣୀଭୋଳ ର ମେଟ୍ରୋନ ଶାନ୍ତି ସିଂ ଙ୍କ ନେତୃତ୍ୱରେ ୧୨ ଜଣ ଜାତୀୟସ୍ତର କ୍ରୀଡ଼ାବିତ ଯୋଗ ଦେଇଛନ୍ତି । ସେମାନେ ହେଲେ ସରକାରୀ (ଏସ. ଏସ. ଡ଼ି.) ବାଳିକା ଉଚ୍ଚ ବିଦ୍ୟାଳୟ, ରାଣୀଭୋଳ ର ଛାତ୍ରୀ ସୁଲେନା ହେମ୍ବ୍ରମ, ସୁମିତ୍ରା ମୁର୍ମୁ, ବାସନ୍ତୀ ମୁର୍ମୁ, ପାୟେଲ ହାଁସଦା, ମହାରାଣୀ ତଖତ କୁମାରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ସାବିତ୍ରୀ ମାରାଣ୍ଡି, ଅତନୁ ପାଣି, ରତିକାନ୍ତ ହେମ୍ବ୍ରମ, ଉତ୍କଳମଣି ଗୋପବନ୍ଧୁ ପ୍ରାକ୍ଟିସିଂ ଉଚ୍ଚ ବିଦ୍ୟାଳୟ, ତକତପୁର ର ସୁଦସ୍ମା କ୍ରିଷ୍ଣା ନାଏକ, ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ସିନ୍ଦୁରଗୌରା ର ମମତା ମୁର୍ମୁ, ଶ୍ରୀଅରବିନ୍ଦ ଉଚ୍ଚ ବିଦ୍ୟାଳୟ ର ଦୀପକ ବେହେରା, ସରକାରୀ ଉଚ୍ଚ ବିଦ୍ୟାଳୟ,ରାଇରଙ୍ଗପୁର ର ସିମାଲ ବାସ୍କେ, ଶ୍ରୀପଦଗଞ୍ଜ ସରକାରୀ ଉଚ୍ଚ ବିଦ୍ୟାଳୟ, ବାରିପଦା ର ସୋନାର ସିଂ ବେଶ୍ରା , ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଏମାନଙ୍କୁ ଶୁଭେଚ୍ଛା ଜଣାଯାଇଅଛି ।

## ଡାକ୍ତର ସମସ୍ୟା ନେଇ ମନ୍ତ୍ରୀ ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କଲେ ମଣ୍ଡଳ ସମ୍ପାଦକ

ବେତନଟୀ , ୧୪/୧୧ (ନି.ପ୍ର): ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନେକ ଦିନରୁ ଡାକ୍ତର ଅଭାବ ଲାଗିରହିଥିବା ବେଳେ ବଡ଼ସାହି ବିଧାୟକ ସନାତନ ବିଜୁଳି ରାଜ୍ୟ ସରକାର ଙ୍କ ଦୃଷ୍ଟି ଆକର୍ଷଣ କରି ଦୁଇ ଜଣ ଡାକ୍ତର ଙ୍କୁ ବେତନଟୀ ଡାକ୍ତରଖାନାରେ ସରକାର ଙ୍କ ଚିଠି ନମ୍ବର ୨୭୩୬୬ ନିଯୁକ୍ତି ଦିଆଯାଇଥିଲା କିନ୍ତୁ ଭେଷଜ ବିଶେଷଜ୍ଞ ଡାକ୍ତର ଯୋଗଦେଇଥିବା ବେଳେ ସ୍ତ୍ରୀ ଓ ପ୍ରସୂତି ଡାକ୍ତର ଯୋଗଦେଇ ନଥିଲେ। ଏହି ଅଭିଯୋଗ ନେଇ ୩୫ ନମ୍ବର ମଣ୍ଡଳ ସମ୍ପାଦକ ଜୀବନ କୁମାର ପରିଡ଼ା ମୟୂରଭଞ୍ଜ ଜିଲ୍ଲା ଗ୍ରସ୍ତ



କାର୍ଯ୍ୟକ୍ରମ ରେ ଆସିଥିବା ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ଓ ବିଧାୟକ ସନାତନ ବିଜୁଳି ଙ୍କ ସହ ବେତନଟୀ ଡାକ୍ତରଖାନାରେ ଡାକ୍ତର ସମସ୍ୟା ବାବଦରେ ଦୃଷ୍ଟି ଆକର୍ଷଣ କରିବା ସହ ସେହି ବାବଦରେ ଆଲୋଚନା କରିଥିଲେ। ଏହି ଆଲୋଚନା ରେ ବରିଷ୍ଠ ବିଜେପି କାର୍ଯ୍ୟକର୍ତ୍ତା ରବୀନ୍ଦ୍ର ମହାନ୍ତି, ଯୁବନେତା ବିକାଶ ଦାସ ,ଚନ୍ଦ୍ରଶେଖର ବେରା, ପ୍ରଶାନ୍ତ ନାଥ , ବୀରକିଶୋର ବିଶ୍ୱାଳ , ସଞ୍ଜୀବ ଜେନା ,କେଶ୍ୱ ନାଥ, ମନୋଜ କୁମାର ପଣ୍ଡା ଙ୍କ ସମେତ ବେତନଟୀ ମଣ୍ଡଳର କାର୍ଯ୍ୟକର୍ତ୍ତା ଗଣ ଉପସ୍ଥିତ ଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo